ଧରିତ୍ରୀ DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୦/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, February 20/2026 | Page 14 | ₹ 7.00 | SAMBALPUR
୫୨ଶ ଭାଗ ୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 88 | ମୂଲ୍ୟ ₹୭/-



## ବିକ୍ରମ ଭଟ୍ଟଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ଜଣେ ଡାକ୍ତରଙ୍କଠାରୁ ୩୦ କୋଟି ଟଙ୍କା ଠକିଥିବା ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟ ଓ ତାଙ୍କ ସ୍ତ୍ରୀ ଶ୍ୱେତାମ୍ବରୀ ଭଟ୍ଟଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି।

୦୨

୧୨

## ହରମନପ୍ରୀତ୍‌ଙ୍କ ବିଶ୍ୱରେକର୍ଡ

ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ସର୍ବାଧିକ ମ୍ୟାଚ ଖେଳିବାରେ ବିଶ୍ୱ ରେକର୍ଡ କରିଛନ୍ତି ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର।



# ‘ମହତ୍ତ୍ୱାକାଂକ୍ଷୀ ଭାରତ’ ପାଇଁ ଏଆଇ ଭୂମିକା ଗୁରୁତ୍ୱପୂର୍ଣ୍ଣ



ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଗୁରୁବାର ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଉଦ୍‌ଘାଟନୀ ଅବସରରେ ଯୋଗଦେଇଥିବା ରାଷ୍ଟ୍ରମୁଖ୍ୟ ଏବଂ ଏଆଇ ପ୍ରତିନିଧିମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଉଦ୍‌ଘାଟନକଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୯।୨(ପି.ଟି./ଏଜେନ୍ସି)

‘ମହତ୍ତ୍ୱାକାଂକ୍ଷୀ ଭାରତ’ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବୈଶ୍ୱିକ ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏଆଇ ଇଣ୍ଡିଆ ଇମ୍ପାକ୍ଟ ସମିଟ୍‌କୁ ଉଦ୍‌ଘାଟନକରି ଏହାର ପ୍ଲେନେରି ସେସନ୍‌କୁ ସମ୍ବୋଧନ ବେଳେ ପ୍ରଧାନମନ୍ତ୍ରୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଡାଟା ସାର୍ବଭୌମତ୍ୱ, ସ୍ୱଚ୍ଛ ନିରାପତ୍ତା ନିୟମ ଓ ମାନବୀୟ ମୂଲ୍ୟବୋଧଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଟେକ୍ନୋଲୋଜି କ୍ଷମତାର ମାଧ୍ୟମ ନୁହେଁ, ବରଂ ସେବାର ଜରିଆ ହେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଗୁରୁବାର ପୂର୍ବାହ୍ନ ୯ଟା ୪୦ରେ ଭାରତ ସରକାରଙ୍କ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ଏଆଇ ଇଣ୍ଡିଆ ଇମ୍ପାକ୍ଟ ସମିଟର ଆୟୋଜନ କରାଯାଇଛି। ଏହାକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ବିଶ୍ୱନେତା ଓ ପ୍ରତିନିଧିମାନଙ୍କୁ ସମ୍ବୋଧନ ବେଳେ କହିଛନ୍ତି, ଏଆଇରେ ଅନୈତିକ ବ୍ୟବହାରର ଅସୀମିତ ସୁଯୋଗ ରହିଛି। ତେଣୁ ଡାଟା ସାର୍ବଭୌମତ୍ୱକୁ ସମ୍ମାନ ଦେବା ଓ ସୁରକ୍ଷା ନିୟମରେ ସ୍ୱଚ୍ଛତା ଆଣିବା ସମେତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ନୈତିକ ବ୍ୟବହାର ଉପରେ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ମୋଦି କହିଛନ୍ତି, ଭାରତ ହେଉଛି ଭଗବାନ ବୁଦ୍ଧଙ୍କ ଭୂମି। ବୁଦ୍ଧ କହୁଥିଲେ, ଉଚିତ କାର୍ଯ୍ୟ ଉଚିତ ବୁଝାମଣାରୁ ଆସିଥାଏ। ତେଣୁ ଏଆଇର ଉଚିତ ପ୍ରଭାବକୁ ଦର୍ଶାଉଥିବା ଏକ ରୋଡ୍‌ମ୍ୟାପ୍ ତିଆରି କରିବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ। ସେହି ଉପଯୁକ୍ତ ☞ପୃଷ୍ଠା-୪

# ସମିଟ୍‌କୁ ଆସିଲେନି ବିଲ୍ ଗେଟ୍ସ

ନୂଆଦିଲ୍ଲୀ,୧୯।୨



ବିଲ୍ ଗେଟ୍ସ

ଏଆଇ ଇଣ୍ଡିଆ ଇମ୍ପାକ୍ଟ ସମିଟ୍‌ରେ ଗୁରୁବାର ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସ ଯୋଗଦେଇ ବକ୍ତବ୍ୟ ରଖିବାର କାର୍ଯ୍ୟକ୍ରମ ପୂର୍ବରୁ ସ୍ଥିର ହୋଇଥିଲେ ମଧ୍ୟ ସେ ଏଥିରେ ସାମିଲ ହୋଇନାହାନ୍ତି। ବିଲ୍ ଉକ୍ତ କାର୍ଯ୍ୟକ୍ରମରୁ ଓହରିବା ନେଇ ବିଲ୍ ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେ କ’ଣ ପାଇଁ ଶେଷ ମୁହୂର୍ତ୍ତରେ ଯୋଗଦେଲେ ନାହିଁ, ତା’ର କୌଣସି କାରଣ ସମ୍ପର୍କରେ କିଛି କୁହାଯାଇନାହିଁ। ଆମେରିକୀୟ ସେକ୍ସ ଅଫେଣ୍ଡର ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ଫାଇଲ୍‌ରେ ବିଲ୍‌ଙ୍କ ନାମ ଆସିଥିବାରୁ ଆୟୋଜକ ତାଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବାରେ କୁଣ୍ଠା ପ୍ରକାଶ କରିଥିବା ମନେକରାଯାଉଛି।

ସରକାରୀ ସୂତ୍ରରୁ ପ୍ରକାଶ ଯେ ଫେବୃଆରୀ ୧୭ର ନିମନ୍ତ୍ରଣପତ୍ରରେ ବିଲ୍‌ଙ୍କ ନାମ ଉଲ୍ଲେଖ କରାଯାଇଥିଲା। ଏହାର ଅନେକ ସମୟ ପୂର୍ବରୁ ଏପ୍‌ଷ୍ଟିନ୍ ପ୍ରକରଣ ପ୍ରଘଟ ହୋଇସାରିଥିଲା। ତେବେ ଫେବୃଆରୀ ୧୬ରେ ଆରମ୍ଭ ହୋଇଥିବା ଏହି ☞ପୃଷ୍ଠା-୪

# ଭାଙ୍ଗିଲା ଏକତାର ଶିକୁଳି



ନୂଆଦିଲ୍ଲୀ, ୧୯।୨ (ପି.ଟି.)

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଗୁରୁବାର ଏକ ରୋଚକ ଘଟଣା ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ଗ୍ରୁପ୍ ଫଟୋ ସମୟରେ ବିଶ୍ୱର ଦୁଇ ପ୍ରମୁଖ ଏଆଇ କମ୍ପାନୀର ମୁଖ୍ୟଙ୍କ ମଧ୍ୟରେ ଥିବା ‘ଶୀତଳ ଯୁଦ୍ଧ’ ସ୍ପଷ୍ଟ ଭାବେ ବାରି ହୋଇପଡ଼ିଛି। କାର୍ଯ୍ୟକ୍ରମର ମଞ୍ଚରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ମୋଦି ଏବଂ ବିଶ୍ୱର ପ୍ରମୁଖ ଏଆଇ କମ୍ପାନୀର ମୁଖ୍ୟମାନଙ୍କୁ ଯେତେବେଳେ ଏକତା ପ୍ରଦର୍ଶନ କରିବା ପାଇଁ ହାତ ଉପରକୁ ଟେକିବାକୁ କୁହାଯାଇଥିଲା, ସେତେବେଳେ ‘ଓପନଏଆଇ’ର ମୁଖ୍ୟ ସାମ୍ ଅଲ୍‌ଟମ୍ୟାନ ଏବଂ ‘ଆନ୍ଥ୍ରୋପିକ୍’ର ଡାରିଓ ଆମୋଦେଇ ଏଥିରୁ ନିଜକୁ ଦୂରେଇ ରଖିଥିଲେ। ଓପନଏଆଇ ଏବଂ ଆନ୍ଥ୍ରୋପିକ୍ ମଧ୍ୟରେ ବର୍ତ୍ତମାନ ବିଶ୍ୱର ☞ପୃଷ୍ଠା-୪

# ଓଡ଼ିଶାର ମୁଣ୍ଡ ପିଛା ଆୟ ୯.୨% ବୃଦ୍ଧି

ଭୁବନେଶ୍ୱର,୧୯।୨(ରବିନାରାୟଣ ଜେନା)

ଓଡ଼ିଶାର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହେଉଛି। ଏଥିଯୋଗୁ ୨୦୨୫-୨୬ (ଅଗ୍ରୀମ ଆକଳନ)ରେ ଓଡ଼ିଶାର ମୁଣ୍ଡପିଛା ଆୟ ୯.୨ ପ୍ରତିଶତ ବୃଦ୍ଧି ପାଇ ୧,୮୬,୭୬୧ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୬.୯ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଗୁରୁବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା ‘ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୫-୨୬’ ରିପୋର୍ଟରୁ ଜଣାଯାଇଛି।

### ଆଜି ରାଜ୍ୟ ବଜେଟ

ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷର ବଜେଟ ଉପସ୍ଥାପନ ହେବାକୁ ରହିଛି। ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଆସନ୍ତା ଆର୍ଥିକବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ। ଏହି ପରିପ୍ରେକ୍ଷୀରେ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଓଡ଼ିଶାର ମୁଣ୍ଡପିଛା ଆୟ ବଢ଼ିବା ନେଇ ଏକ ସବୁଜ ସଙ୍କେତ ଦେଇଛି। ରିପୋର୍ଟ ଅନୁଯାୟୀ, ବର୍ତ୍ତମାନର ମୂଲ୍ୟରେ ଓଡ଼ିଶାର ଅର୍ଥନୀତିର ଆକାର (ଜିଏସ୍‌ଡିପି) ୨୦୨୫-୨୬ରେ ୯.୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ୨୦୨୪-୨୫ର ୯ ଲକ୍ଷ କୋଟି ଟଙ୍କାଠାରୁ ୯.୫% ☞ପୃଷ୍ଠା-୪

### ଅର୍ଥନୈତିକ ସର୍ଭେ ୨୦୨୫-୨୬

- ୨୦୨୫-୨୬ରେ ଓଡ଼ିଶାର ଜିଏସ୍‌ଡିପି ପ୍ରାୟ ୯.୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି, ଯାହା ଗତବର୍ଷର ୯ ଲକ୍ଷ କୋଟି ତୁଳନାରେ ୯.୫% ଅଧିକ। ରାଜ୍ୟର ପ୍ରକୃତ ଅଭିବୃଦ୍ଧି ହାର ୭.୯% ରହିଛି, ଯାହା ଜାତୀୟ ହାର (୭.୪%) ଠାରୁ ଅଧିକ।
- ରାଜ୍ୟର ମୁଣ୍ଡପିଛା ଆୟ ୯.୨% ବୃଦ୍ଧି ପାଇ ୧,୮୬,୭୬୧ ଟଙ୍କାରେ ପହଞ୍ଚିଛି। ଜାତୀୟ ସ୍ତରରେ ଏହି ବୃଦ୍ଧି ୬.୯% ରହିଛି।
- ଓଡ଼ିଶାରେ ଶ୍ରମ ଶକ୍ତି ଅଂଶଗ୍ରହଣ ହାର (ଏଲ୍‌ଏଫ୍‌ପିଆର୍) ୬୪.୫%କୁ ବୃଦ୍ଧି ପାଇଛି, ଯାହା ଜାତୀୟ ହାର (୫୯.୬%) ଠାରୁ ଅଧିକ। ମହିଳା ଏଲ୍‌ଏଫ୍‌ପିଆର୍ ୪୮.୭%କୁ ବୃଦ୍ଧି।
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ରାଜ୍ୟ ଅର୍ଥନୀତିକୁ ୧୯.୬% ଯୋଗଦାନ ଦେଉଛି ଏବଂ ଏଥିରେ ୫.୩% ଅଭିବୃଦ୍ଧି ଘଟିଛି, ଯାହା ଜାତୀୟ ହାର (୩.୧%)ଠାରୁ ଯଥେଷ୍ଟ ଅଧିକ।
- ୨୦୨୪-୨୫ରେ ରେକର୍ଡ ୧୫୦.୫ ଲକ୍ଷ ମେଟ୍ରିକ ଟନ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। କେବଳ ଧାନ ଉତ୍ପାଦନ ୧୧୮.୬ ଲକ୍ଷ ମେଟ୍ରିକ ଟନ ରହିଛି।
- ସରକାର ୯୨.୬ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରିଛନ୍ତି ଏବଂ ଚାଷୀଙ୍କୁ ଏମ୍‌ଏସ୍‌ପି ବାବଦରେ ୨୧,୩୦୦ କୋଟି ଟଙ୍କା ଓ ଇନ୍‌ପୁଟ ସବସିଡି ବାବଦରେ ୭,୧୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ମାଣ୍ଡିଆ (ରାଗି) ସଂଗ୍ରହ ମଧ୍ୟ ଦୁଇଗୁଣ ହୋଇଛି।
- ରାଜ୍ୟର ଜଳସେଚନ କ୍ଷମତା ୭୪.୨ ଲକ୍ଷ ହେକ୍ଟରରେ ପହଞ୍ଚିଛି ଏବଂ ଶସ୍ୟ ଗହନତା (କ୍ରପିଂ ଇଣ୍ଟେନସିଟି) ୧୬୫% କୁ ବୃଦ୍ଧି ପାଇଛି।
- ଗୋମାତା ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଜରିଆରେ ଦୁଗ୍ଧ ଉତ୍ପାଦନ ୨୭.୧ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି।
- ରାଜ୍ୟରେ ଅଣ୍ଡା ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।
- ୨୦୨୪-୨୫ରେ ୧୨.୩ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ହୋଇଛି, ଯେଉଁଥିରେ ଗତବର୍ଷ ତୁଳନାରେ ୭.୫% ବୃଦ୍ଧି ଘଟିଛି।
- ଶିଳ୍ପ କ୍ଷେତ୍ର ରାଜ୍ୟ ଅର୍ଥନୀତିକୁ ୪୩.୫% ଯୋଗଦାନ ଦେଉଛି ଏବଂ ଏଥିରେ ୮.୪% ଅଭିବୃଦ୍ଧି ଆଶା କରାଯାଉଛି।
- ଓଡ଼ିଶା ଦେଶର ଖଣିଜ ଉତ୍ପାଦନ ମୂଲ୍ୟର ୪୪% ଅବଦାନ ଦେଉଛି।
- ଉତ୍ପାଦନ ☞ପୃଷ୍ଠା-୪

SIKSHA ‘O’ ANUSANDHAN
SAAT-2026
Empowering students for a brighter future
LAW PROGRAMMES
B.A. LL.B. (H) - Integrated
BBA LL.B. (H) - Integrated
LL.B. (H) - 3 Years
LL.M. - 1 Year
APPROVAL & RECOGNITIONS
Approved by UGC and BCI
Re-accredited by NAAC with A++ Grade
Granted with Category-1 Graded Autonomy by UGC
NIRF INDIA RANKINGS 2025
10th Best in Law Category
15th Best in University Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# କ୍ରିକେଟ ମ୍ୟାଚ୍‌ବେଳେ ମହୁମାଛି ଆକ୍ରମଣ

### ଅମ୍ପାୟର ମୃତ, ୧୨ ଖେଳାଳି ଆହତ

ଲକ୍ଷ୍ନୌ,୧୯।୨

ଏକ କ୍ରିକେଟ ମ୍ୟାଚ୍ ବେଳେ ମହୁମାଛି ଆକ୍ରମଣରେ ଜଣେ ୬୦ ବର୍ଷୀୟ ଅମ୍ପାୟରଙ୍କ ମୃତ୍ୟୁ ଘଟିଛି। ଏଥିସହିତ ଫିଲ୍ଡରେ ଥିବା ୧୨ ଖେଳାଳି ଆହତ ହୋଇଛନ୍ତି। ଏଭଳି ଘଟଣା ଉତ୍ତରପ୍ରଦେଶର କାନପୁର ଜିଲା ଉନ୍ନାଓର ଶୁକ୍ଲାଗଞ୍ଜସ୍ଥିତ ସାପ୍ରୁ ଷ୍ଟାଡିୟମରେ ବୁଧବାର ଅପରାହ୍ନରେ ଘଟିଛି। ଘଟଣା ବେଳେ ୱାଇଏମ୍‌ସିସି ଓ ପାରାମାଉଣ୍ଟ ମଧ୍ୟରେ ମ୍ୟାଚ୍ ଖେଳାଯାଉଥିଲା। ମୃତ ଅମ୍ପାୟରଙ୍କ ନାମ ମାନିକ ଗୁପ୍ତା। ସେ ଗତ ୩ ଦଶନ୍ଧି ହେଲା କାନପୁର କ୍ରିକେଟ ଆସୋସିଏଶନ ସହ ଜଡ଼ିତ ଥିଲେ। ମହୁମାଛି ଆକ୍ରମଣ ପରେ ତାଙ୍କୁ ସ୍ଥାନୀୟ ବେସରକାରୀ ହସ୍ପିଟାଲ ନିଆଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ କାନପୁରସ୍ଥିତ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ମାନିକ କେସିଏର ୧୩ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ବୁଧବାର ପ୍ରଥମ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍ ଅପରାହ୍ନ ଦେଢ଼ଟାରେ ଶେଷ ହୋଇଥିଲା। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ଅମ୍ପାୟର ଦାୟିତ୍ୱ ପାଇଥିବା ଜଣେ ବନ୍ଧୁଙ୍କ ଲାଗି ସେ ରହିଥିଲେ। ଏହାପରେ ମହୁମାଛିମାନେ ଆକ୍ରମଣ କରିଥିଲେ। ସାଧାରଣତଃ ଯେଉଁମାନେ ଧଳା ଟି-ଶାର୍ଟରେ ଥିଲେ, ସେମାନଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଫିଲ୍ଡରେ ଥିବା ପ୍ରାୟ ୧୨ ଖେଳାଳି ଓ ଅମ୍ପାୟରଙ୍କ ସହ ଅନ୍ୟମାନେ ଆହତ ହୋଇଥିଲେ। ମାନିକଙ୍କୁ ଡାଇବେଟିସ ଥିବାରୁ ସେ ଘଟଣାରେ ଅତ୍ୟଧିକ ଭୟଭୀତ ହୋଇଯାଇଥିଲେ ବୋଲି କେସିଏର ଜେନେରାଲ ମ୍ୟାନେଜର ଦୀନେଶ କଟିଆର କହିଛନ୍ତି।

ଆଜିର ସମ୍ପାଦକୀୟ | ବିଦ୍ରୋହୀ ରାଜା





ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଗୁରୁବାର ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ପ୍ଲିନେରି ସେସନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧନ କରୁଛନ୍ତି।




ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡାସିଲ୍‌ଭାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଏଆଇ ପାଇଁ 'ମାନବ ଭିଜନ୍'




ଆବୁଧାବି କ୍ରାଉନ୍‌ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହ୍ୟାନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ମଣିଷ ନିୟନ୍ତ୍ରଣରେ ରହୁ ପ୍ରଯୁକ୍ତି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୯।୨(ପି.ଟି./ଏଜେନ୍ସି)

ପ୍ରଯୁକ୍ତି ସବୁବେଳେ ମଣିଷ ନିୟନ୍ତ୍ରଣରେ ରହି କାର୍ଯ୍ୟ କରିବା ଉଚିତ ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) 'ମାନବ ଭିଜନ୍'ର ଅନାବରଣ କରି ଟେକ୍ନୋଲୋଜିର ମାନବୀୟ ଦୃଷ୍ଟିକୋଣ ଉପରେ ମତବ୍ୟକ୍ତ କରିଛନ୍ତି।

ଏଆଇ ଇମ୍ପାକ୍ଟ ସମିଟ୍‌ରେ ୨୦ ରାଷ୍ଟ୍ରମୁଖ୍ୟ, ୫୯ ମନ୍ତ୍ରୀସ୍ତରୀୟ ପ୍ରତିନିଧି, ୧୧୮ ଦେଶର ସରକାରୀ ପ୍ରତିନିଧି, ଶତାଧିକ ଗ୍ଲୋବାଲ ଏଆଇ ଲିଡର, ସିଇଓ, ସିଏକ୍ସଓ, ୫୦୦ ଜଣ ଏଆଇ ବିଶେଷଜ୍ଞ ସାମିଲ ହୋଇଛନ୍ତି। ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏଆଇ ବିଶ୍ୱର ମଙ୍ଗଳ ପାଇଁ କାର୍ଯ୍ୟ କରିବ ବୋଲି ଭାରତ ବିଶ୍ୱାସ କରେ। ଭାରତ ଏଆଇକୁ ଡରେନାହିଁ, ବରଂ ଏଥିରେ ଏକ ଭାଗ୍ୟ ଓ ଆସନ୍ତାକାଲିର ବ୍ଲୁପ୍ରିଣ୍ଟକୁ ଦେଖିଥାଏ। ସମସ୍ତଙ୍କ କଲ୍ୟାଣ ଓ ଖୁସି ହେଉଛି ଆମ ପାଇଁ ଏଆଇର ମାପଦଣ୍ଡ। ମଣିଷ ଏକ ଡାଟା ପଏଣ୍ଟ କିମ୍ବା କଞ୍ଚାମାଲରେ ପରିଣତ ନ ହେଉ। ତାହା ଏଆଇ ଜରିଆରେ ସୁନିଶ୍ଚିତ କରିବା ହେଉଛି ଭାରତର ଉଦ୍ଦେଶ୍ୟ। ଏହି ଅବସରରେ ମୋଦି ଏଆଇ ପାଇଁ M.A.N.A.V. ସଂସ୍କରଣକୁ ଉପସ୍ଥାପନ କରି କହିଛନ୍ତି, ଏମ୍'ର ତାତ୍ପର୍ଯ୍ୟ ମୋରାଲ ଆଣ୍ଡ ଏଥିକାଲ ସିଷ୍ଟମ୍। ଏ-ଆକାଉଣ୍ଟାବଲ୍ ଗଭର୍ନାନ୍ସ, ଏନ୍-ନ୍ୟାଶନାଲ ସୋଭରିଣ୍ଟି, ଏ-ଆକ୍ସେସିବଲ ଆଣ୍ଡ୍ ଇନ୍‌କ୍ଲୁସିଭ୍ ଏବଂ ଭି'ର ଫୁଲ୍‌ଫର୍ମ ଭାଲିଡ୍ ଆଣ୍ଡ୍ ଲେଜିଟିମେଟ୍। ଏଆଇକୁ ଏକ ମୁକ୍ତାକାଶ ଦିଆଯିବା ଉଚିତ କିନ୍ତୁ ଏହାର କମାଣ୍ଡ୍ ବା ନିୟନ୍ତ୍ରଣ ମଣିଷ ହାତରେ ରହିବା ଜରୁରୀ। ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍)ର ଉଦାହରଣ ଦେଇ ମୋଦି କହିଛନ୍ତି, ଏହି ନାଭିଗେଶନ୍ ଟୁଲ୍ କେଉଁ ଦିଗକୁ ଗତି କରିବାକୁ ହେବ ସେନେଇ ପ୍ରସ୍ତାବ ଦେଇଥାଏ। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ଏହାର ୟୁଜର ନେଇଥାନ୍ତି। ଆଜି ମଣିଷ ଏଆଇକୁ ଯେଉଁ ଦିଗକୁ ଗତିଶୀଳ କରାଉଛି, ତାହା ଆମ ଭବିଷ୍ୟତକୁ ନିର୍ଦ୍ଧାରଣ କରିବ। ଭାରତ ଏଆଇ ବିପ୍ଳବର ଏକ ଅଂଶ ନୁହେଁ, ବରଂ ଏହାର ନେତୃତ୍ୱ ନେଉଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଗଣତାନ୍ତ୍ରୀକରଣ କରାଇ ଗ୍ଲୋବାଲ ସାଉଥ୍‌ରେ ସଶକ୍ତୀକରଣ ଓ ସମାବେଶୀ ବିକାଶର ଉପକରଣରେ ପରିଣତ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଉକ୍ତ ସମ୍ମିଳନୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡାସିଲ୍‌ଭା, ସୁଇଜରଲାଣ୍ଡ ରାଷ୍ଟ୍ରପତି ଗୁଏ ପର୍ମେଲିନ୍‌ଙ୍କ ସମେତ ବିଶ୍ୱର ଅନେକ ଅଗ୍ରଣୀ ଟେକ୍ କମ୍ପାନୀ ସିଇଓ ଯୋଗଦେଇଥିଲେ।

ଅନ୍ୟପକ୍ଷେ କଂଗ୍ରେସ ନେତା ଜୟରାମ ରମେଶ 'ମାନବ ଭିଜନ୍'ରେ ରହିଥିବା ଏ'କୁ ଆକ୍ରୋନିମ୍ ଏବଂ ଆଇ'କୁ ଇନ୍‌ଫେକ୍ସନ ଦର୍ଶାଇ ସମାଲୋଚନା କରିଛନ୍ତି। ଏହି ୨ ଅକ୍ଷରର କୌଣସି ଚିକିତ୍ସା ନାହିଁ ବୋଲି ସେ କହିଛନ୍ତି।




ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ

## ୧୧ ଭାଷାରେ ପ୍ରସାରିତ ହେଲା ମୋଦିଙ୍କ ଭାଷଣ

ନୂଆଦିଲ୍ଲୀ,୧୯।୨

ଏଆଇ ଇଣ୍ଡିଆ ଇମ୍ପାକ୍ଟ ସମିଟ୍‌ରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତ ନିଜ ଉତ୍କର୍ଷ ପ୍ରତିପାଦିତ କରିଛି। ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ଓଡ଼ିଆ ସମେତ ୧୧ଟି ଭାଷାରେ ଅନୂଦିତ ହୋଇ ପ୍ରସାରିତ ହୋଇଛି। ଏଥିସହ ଏଆଇ-ଚାଳିତ ସାଙ୍କେତିକ ଭାଷାରେ ମଧ୍ୟ ଏହାକୁ ଡବ୍ କରାଯାଇଛି। ଭାରତ ମଣ୍ଡପମ୍‌ସ୍ଥିତ ଅଡିଟୋରିୟମ୍‌ରେ ଏକ ବିଶାଳ ସ୍କ୍ରିନ୍‌ରେ ଏଆଇ-ଏନେବଲ୍ଡ ସାଇନ୍ ଲାଙ୍ଗୁଏଜ୍‌ର ଇଣ୍ଟରପ୍ରିଟେଶନ୍‌କୁ ଉପସ୍ଥାପିତ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଭାଷଣ ଯେପରି ସମସ୍ତେ ବୁଝିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ପ୍ରଧାନମନ୍ତ୍ରୀ ଭାଷଣ ଦେଉଥିବାବେଳେ ତାହା ଏକକାଳୀନ ଓଡ଼ିଆ, ଅହମିଆ, ବଙ୍ଗଳା, ଇଂଲିଶ୍, ଗୁଜରାଟୀ, କନ୍ନଡ଼, ମାଲୟାଲମ୍, ମରାଠୀ, ପଞ୍ଜାବୀ, ତାମିଲ ଓ ତେଲୁଗୁ ଭାଷାରେ ଲାଇଭ୍ ପ୍ରସାରିତ ହୋଇଥିଲା। ବହୁଭାଷୀ ଭାଷଣର ଇଣ୍ଟରପ୍ରିଟେଶନ୍‌କୁ ପ୍ରଧାନମନ୍ତ୍ରୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକରେ ଶେୟାର କରିଛନ୍ତି।

## ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟରେ ଡିଏମ୍‌ଡିକେ ସାମିଲ

ଚେନ୍ନାଇ,୧୯।୨

ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଡିଏମ୍‌ଡିକେ (ଦେସିୟା ମୁରପୋକ୍କୁ ଦ୍ରାବିଡ କାଝାଗମ୍) ଗୁରୁବାର ଆନୁଷ୍ଠାନିକ ଭାବେ ଡିଏମ୍‌କେ ନେତୃତ୍ୱାଧୀନ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ (ଏସ୍‌ପିଏ)ରେ ସାମିଲ ହୋଇଛି। ଫଳରେ ଏନେଇ କିଛି ସପ୍ତାହ ହେଲା ଲାଗି ରହିଥିବା ରାଜନୈତିକ କଳ୍ପନାଜଳ୍ପନାର ଅବସାନ ଘଟିଛି। ଡିଏମ୍‌ଡିକେ ସାଧାରଣ ସମ୍ପାଦକ ପ୍ରେମଲତା ବିଜୟକାନ୍ତ ଏବଂ ଦଳର କୋଷାଧ୍ୟକ୍ଷ ଏଲ୍.କେ. ସୁଦିଶ ଗୁରୁବାର ଡିଏମ୍‌କେ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଭେଟିବା ପରେ ଏସ୍‌ପିଏ ମେଣ୍ଟରେ ସାମିଲ ହୋଇଛନ୍ତି। ଡିଏମ୍‌କେ ମୁଖ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍, ଡିଏମ୍‌କେ ଉପସାଧାରଣ ସମ୍ପାଦକ କାନିମୋଝି କରୁଣାନିଧିଙ୍କ ସମେତ ଉଭୟ ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

## କରାଚୀରେ ବିସ୍ଫୋରଣ: ୧୬ ମୃତ

କରାଚୀ,୧୯।୨(ପି.ଟି.)

ପାକିସ୍ତାନର କରାଚୀସ୍ଥିତ ଏକ ଆବାସିକ ବିଲ୍ଡିଂରେ ଗୁରୁବାର ଭୋର ସମୟରେ ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ ଘଟି ଅନ୍ୟୂନ ୧୬ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୯ ଜଣ ପିଲା ଥିବାବେଳେ ଆହତଙ୍କ ମଧ୍ୟରେ ୭ ପିଲା ଥିବା ଜଣାପଡ଼ିଛି। ଓଲ୍ଡ ସୋଲ୍‌ଜର ବଜାରରେ ଥିବା ବିଲ୍ଡିଂର ପ୍ରଥମ ମହଲାରେ ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ପାକିସ୍ତାନରେ ଗୁରୁବାର ରମଜାନର ପ୍ରଥମ ଦିନ ପାଳନ ହେଉଥିବାରୁ ଦିନସାରା ରୋଜା ରଖିବା ପୂର୍ବରୁ ଖାଇବା ପାଇଁ ଲୋକମାନେ ଭୋର ସମୟରେ ଉଠିଥିଲେ। ପାକିସ୍ତାନର ସର୍ବବୃହତ୍ ସହର କରାଚୀରେ ଗ୍ୟାସ୍ ଅଭାବ ଯୋଗୁ ଅଧିକାଂଶ ନିମ୍ନ ଆୟକାରୀ ପରିବାର ଘରେ ତରଳ ପେଟ୍ରୋଲିୟମ୍ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରିଥାନ୍ତି। ବିସ୍ଫୋରଣ ଯୋଗୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବିଲ୍ଡିଂର ଗୋଟିଏ ଭାଗ ଭୁଶୁଡ଼ି ପଡ଼ିଛି। ଭଗ୍ନାବଶେଷ ତଳେ ଅନ୍ୟ କେହି ରହିଯାଇଥିବା ଆଶଙ୍କା କରି ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଇରାନ ଆକ୍ରମଣ ଆଶଙ୍କା ବଢ଼ିଲା

## ମଧ୍ୟପ୍ରାଚ୍ୟରେ ଆମେରିକାର ବିଶାଳ ସମରସଜ୍ଜା

ୱାଶିଂଟନ୍,୧୯।୨

ଆମେରିକା କୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ କରିବା ଆଶଙ୍କା ବଢ଼ିଛି। ଇରାନର ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ବୁଝାମଣା ହୋଇପାରି ନ ଥିଲାବେଳେ ଇରାନ ଉପରେ ଆକ୍ରମଣ କରିବାକୁ ଆମେରିକା ଶେଷ ବିକଳ୍ପ ଭାବେ ବାଛି ନେଇଛି। ଗୁରୁବାର ସୁଦ୍ଧା ଆରବସାଗର ଏବଂ ଭୂମଧ୍ୟସାଗରରେ ଆମେରିକା ସେନାର ଉପସ୍ଥିତି ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପେଣ୍ଟାଗନ୍ ବରିଷ୍ଠ ଅଧିକାରୀମାନଙ୍କ ଆଲୋଚନା ଏହି ଆଶଙ୍କାକୁ ସ୍ପଷ୍ଟ କରିଛି। କେବଳ ଆକ୍ରମଣ ନୁହେଁ, ଆମେରିକା ଇରାନ ବିପକ୍ଷରେ ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତି ନେଇ ସାରିଛି ବୋଲି ୱାର୍ଲଡ ଷ୍ଟ୍ରିଟ୍ ଜୋର୍ନାଲ୍( ଡବ୍ଲ୍ୟୁଏସ୍‌ଜେ) ରିପୋର୍ଟ କହିଛି। ଆମେରିକା ଆକ୍ରମଣ କଲେ ରାଜନୈତିକ ସ୍ତରରେ ଯେଭଳି ଇରାନର ସର୍ବାଧିକ କ୍ଷତି ହେବ ଏବଂ ଆଞ୍ଚଳିକ ସ୍ତରରେ ଇରାନକୁ ସହାୟତା କରୁଥିବା ଗୋଷ୍ଠୀ ଧ୍ୱଂସ ହୋଇଯିବେ , ସେହି ରଣନୀତିରେ କାର୍ଯ୍ୟ କରିବାକୁ ପେଣ୍ଟାଗନ୍ ଅଧିକାରୀମାନେ ଟ୍ରମ୍ପଙ୍କୁ ବୁଝାଇଛନ୍ତି। ବିଶେଷକରି ଇରାନର ଆଣବିକ ପ୍ରତିଷ୍ଠାନ ଓ ବାଲିଷ୍ଟିକ୍ ମିଜାଇଲ୍ ଠିକଣାଗୁଡିକ ଉପରେ ଦୀର୍ଘମିଆଦୀ ଆକ୍ରମଣ ପାଇଁ ଆମେରିକା ପ୍ରସ୍ତୁତି ନେଇସାରିଛି ବୋଲି ସୂଚନା ମିଳିଛି।

ଏହିକ୍ରମରେ ଆମେରିକା ମଧ୍ୟପ୍ରାଚ୍ୟରେ ସର୍ବବୃହତ୍ ସମରସଜ୍ଜା କରିବାରେ ଲାଗିଛି। ପୂର୍ବରୁ ଆରବସାଗରରେ ଇରାନ ଉପକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଆମେରିକା ନୌସେନାର ବିମାନବାହୀ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ୍ ଏବଂ ଏହାର ଷ୍ଟ୍ରାଇକ୍ ଗ୍ରୁପ୍‌ରେ ସାମିଲ ରହିଥିବା ୟୁଏସ୍‌ଏସ୍ ମିସେଲ ମର୍ଫି, ଫ୍ରାଙ୍କ୍ ଇ ପିଟରସନ୍ ଜୁନିୟର, ସ୍ପ୍ରୁରାନ୍ସ ଆଦି ଡେଷ୍ଟ୍ରୟର୍ ମୁତୟନ ହୋଇସାରିଛି। ଏହି ଯୁଦ୍ଧ ଜାହାଜର ୯ଟି ସ୍କ୍ୱାର୍ଡନରେ ହେଲିକପ୍ଟର ଏବଂ ଷ୍ଟେଲ୍ଥ ଜେଟ୍ ସହ ମୋଟ ୯୦ ବିମାନ ରହିଛି। ଏହାଛଡ଼ା ଦୁଇ ଦିନ ତଳେ ଆମେରିକା ଆହୁରି ୫୦ଟି ଲଢୁଆ ବିମାନ ଇରାନ ଉପକୂଳରେ ମୁତୟନ କରିଛି। ଏବେ ବିଶ୍ୱର ସର୍ବବୃହତ୍ ବିମାନବାହୀ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଗେରାଲ୍ଡ ଆର୍. ଫୋର୍ଡକୁ ଆମେରିକା ମୁତୟନ କରିବାକୁ ଯାଉଛି। ୩ ଦିନ ତଳେ ଇରାନ ଅଭିମୁଖେ ବାହାରିଥିବା ଏହି ଯୁଦ୍ଧ ଜାହାଜ ଗୁରୁବାର ସୁଦ୍ଧା ଜିବ୍ରାଲଟର୍ ପ୍ରଣାଳୀ ଅତିକ୍ରମ କରିସାରି ଭୂମଧ୍ୟସାଗର ନିକଟବର୍ତ୍ତୀ ହୋଇସାରିଛି। ଆରବସାଗରରେ ପହଞ୍ଚିବାକୁ ଏହାକୁ ଆଉ ୨ ରୁ ୩ ଦିନ ଲାଗିବ। ଇସ୍ରାଏଲ ଉପକୂଳ(ଭୂମଧ୍ୟସାଗର)ରେ ଥାଇ ମଧ୍ୟ ଏହି ଜାହାଜ ଇରାନକୁ ଟାର୍ଗେଟ୍ କରିବାକୁ ସକ୍ଷମ। କିନ୍ତୁ ଏହା ଯଦି ଆରବସାଗରରେ ଡେରା ପକାଇବ, ୨୦୦୩ ପରେ ମଧ୍ୟପ୍ରାଚ୍ୟରେ ଆମେରିକା ସେନାର ସବୁଠୁ ବଡ଼ ସମରସଜ୍ଜା ହେବ ବୋଲି କୁହାଯାଉଛି। ୨୦୦୩ରେ ସଦ୍ଦାମ ହୁସେନ୍‌ଙ୍କୁ ଗାଦିଚ୍ୟୁତ କରିବା ଲାଗି ଇରାକ ବିରୋଧରେ ଆମେରିକା ସର୍ବାଧିକ ସୈନ୍ୟ ଠୁଳ କରିଥିଲା। ବର୍ତ୍ତମାନ ୟୁଏସ୍‌ଏସ୍ ଗେରାଲ୍ଡ ଆର୍. ଫୋର୍ଡ ଏବଂ ଆବ୍ରାହମ୍ ଲିଙ୍କନର ମିଳିତ କ୍ଷମତା ଇରାନ ପାଇଁ ଭାରି ପଡ଼ିବ ବୋଲି ଅନ୍ତର୍ଜାତୀୟ ସ୍ତରର ସାମରିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।





ମହାରାଷ୍ଟ୍ରର ନାନ୍ଦେଡ଼୍‌ରେ ଶୀତଲ ଚନ୍ଦ୍ରକାନ୍ତ ଟିଡ୍ଢେ ନାମ୍ନୀ ଛାତ୍ରୀ କୋଳରେ ତାଙ୍କର ୧୦ ଦିନର ଶିଶୁକୁ ଧରି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଉଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ କର୍ତ୍ତୃପକ୍ଷ ପରୀକ୍ଷା କେନ୍ଦ୍ରରେ ତୁରନ୍ତ ଏକ ସ୍ୱତନ୍ତ୍ର ମାତୃସ୍ନେହ କକ୍ଷ ଖୋଲିଛନ୍ତି।

## ବିଷାକ୍ତ ଗ୍ୟାସ୍ ଲିକ୍: ୩୭ ମୃତ

ଆବୁଜା,୧୯।୨

ନାଇଜେରିଆର ଉତ୍ତର କେନ୍ଦ୍ରୀୟ ଅଞ୍ଚଳସ୍ଥିତ ଏକ ଖଣିରୁ ବିଷାକ୍ତ ଗ୍ୟାସ୍ ଲିକ୍ ହେବା ଯୋଗୁ ସେଠାରେ କାର୍ଯ୍ୟରତ ୩୭ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ୩୦ରୁ ଅଧିକ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ରାତିରେ ଖଣିରେ କାର୍ଯ୍ୟ ଚାଲିଥିଲା ବେଳେ ହଠାତ୍ ଲିଡ୍ ଅକ୍ସାଇଡ୍, ସଲଫର୍ ଏବଂ କାର୍ବନ ମନୋକ୍ସାଇଡ୍ ଭଳି ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥିଲା। ଫଳରେ ଅଧିକାଂଶ ଲୋକ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ୩୭ ଜଣଙ୍କର ମୃତ୍ୟୁ ହୋଇଥିଲା।

## ମାଓବାଦୀପ୍ରବଣ ଜିଲା ସଂଖ୍ୟା ୭କୁ ହ୍ରାସ

### ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓବାଦୀ ମୁକ୍ତ କରିବା ଲକ୍ଷ୍ୟ

ନୂଆଦିଲ୍ଲୀ,୧୯।୨

ମାର୍ଚ୍ଚ ସୁଦ୍ଧା ଭାରତକୁ ମାଓବାଦୀମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବାବେଳେ ଦେଶରେ ମାଓବାଦୀପ୍ରବଣ ଜିଲା ସଂଖ୍ୟା ୮ରୁ ୭କୁ ହ୍ରାସ ପାଇଥିବା ଏକ ସଦ୍ୟ ସମୀକ୍ଷାରୁ ଜଣାପଡ଼ିଛି। ଫେବୃଆରୀ ୯ରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମାଓବାଦୀପ୍ରବଣ ଜିଲାଗୁଡ଼ିକର ନୂଆ ବର୍ଗୀକରଣ କରିଛନ୍ତି। ଦେଶକୁ ମାଓବାଦୀ ମୁକ୍ତ କରିବା ଲାଗି ଜାତୀୟ ନୀତି ଓ କାର୍ଯ୍ୟଯୋଜନାର ବିସ୍ତୃତ ସମୀକ୍ଷା କରାଯାଇଛି। ଝାଡ଼ଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗର ୩୮ଟି ଜିଲା ଉପରେ ଏହି ସମୀକ୍ଷା କରାଯାଇଥିଲା। ମାଓବାଦୀ ହିଂସା ଓ କାର୍ଯ୍ୟକଳାପ ଚାଲିଥିବା ଜିଲା ସଂଖ୍ୟା ଗତ ଡିସେମ୍ବରରେ ୮ ଥିବାବେଳେ ଏବେ ୭କୁ ହ୍ରାସ ପାଇଛି। ସେହି ଜିଲାଗୁଡ଼ିକ ହେଲେ ଛତିଶଗଡ଼ର ବିଜାପୁର, ନାରାୟଣପୁର, ସୁକ୍‌ମା, କଙ୍କେର ଏବଂ ଦାନ୍ତେୱାଡ଼ା, ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଏବଂ ଓଡ଼ିଶାର କନ୍ଧମାଳ। ସେଥିରୁ ସବୁଠୁ ପ୍ରଭାବିତ ମାଓବାଦୀ ଅଧ୍ୟୁଷିତ ଜିଲା ହେଲେ ଛତିଶଗଡ଼ର ବିଜାପୁର, ନାରାୟଣପୁର ଏବଂ ସୁକ୍‌ମା। ମାଓବାଦୀଙ୍କୁ ନେଇ ଚିନ୍ତାଜନକ ଜିଲା ମଧ୍ୟରେ ରହିଛି ଛତିଶଗଡ଼ର କଙ୍କେର ଏବଂ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ। ଅନ୍ୟ ମାଓବାଦୀପ୍ରବଣ ଜିଲା ବର୍ଗରେ ଛତିଶଗଡ଼ର ଦାନ୍ତେୱାଡ଼ା ଏବଂ ଓଡ଼ିଶାର କନ୍ଧମାଳ ରହିଛି।

## ବିକ୍ରମ ଭଟ୍ଟ, ସ୍ତ୍ରୀଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ,୧୯।୨

ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟ ଏବଂ ତାଙ୍କ ସ୍ତ୍ରୀ ଶ୍ୱେତାମ୍ବରୀ ଭଟ୍ଟଙ୍କୁ ଏକ ଜାଲିଆତି ମାମଲାରେ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସେମାନେ ଏକ ଫିଲ୍ମ ପ୍ରୋଜେକ୍ଟ ନାମରେ ଜଣେ ଡାକ୍ତରଙ୍କଠାରୁ ୩୦ କୋଟି ଟଙ୍କା ଠକିନେଇଥିବା ଅଭିଯୋଗରେ ମାମଲା ଚାଲିଛି। ଗତବର୍ଷ ନଭେମ୍ବରରେ ଇନ୍ଦିରା ଆଇଭିଏଫ୍‌ର ଡାକ୍ତର ଅଜୟ ମୁରଦିଆ ଉଦୟପୁରର ଭୁପାଳପୁରା ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ ଡାକ୍ତରଙ୍କ ପରଲୋକଗତ ସ୍ତ୍ରୀଙ୍କ ସ୍ମୃତିରେ ଏକ ଚଳଚ୍ଚିତ୍ର ଓ ବୃତ୍ତଚିତ୍ର ନିର୍ମାଣ ପାଇଁ ବିକ୍ରମ ଭଟ୍ଟଙ୍କ କମ୍ପାନୀ ସହ ତାଙ୍କର ଚୁକ୍ତିନାମା ହୋଇଥିଲା। ଟଙ୍କା ପୈଠ ପରେ ଭଟ୍ଟଙ୍କ କମ୍ପାନୀ ଫିଲ୍ମ ଦେଇ ନଥିଲା।

## ରାହୁଲଙ୍କୁ ହତ୍ୟା ଧମକ: କରନୀ ସେନା ସଦସ୍ୟ ଅଟକ

ଜୟପୁର,୧୯।୨(ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ବିରୋଧୀ ଦଳର ଅନ୍ୟ ୨୫ ଜଣ ଏମ୍‌ପିଙ୍କୁ ଗୁଳି କରିବାକୁ ଧମକ ଦେଇଥିବା ବ୍ୟକ୍ତିଙ୍କୁ ପୋଲିସ ଗୁରୁବାର ରାଜସ୍ଥାନର କୋଟାରେ ଅଟକ ରଖିଛି। ଧମକପୂର୍ଣ୍ଣ ଭିଡିଓ ପୋଷ୍ଟ କରିଥିବା ବ୍ୟକ୍ତି ଜଣକ ଦକ୍ଷିଣପନ୍ଥୀ କରନୀ ସେନାର ମୁଖପାତ୍ର ରାଜ ସିଂ ବୋଲି ନିଜର ପରିଚୟ ଦେଇଛନ୍ତି। ଉକ୍ତ ଭିଡିଓରେ ସେ କହିଛନ୍ତି, ନିକଟରେ ଶେଷ ହୋଇଥିବା ପାର୍ଲାମେଣ୍ଟ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ୨୫ ଜଣ କଂଗ୍ରେସ ଏମ୍‌ପି ଯେଭଳି ଢଙ୍ଗରେ ସମାଲୋଚନା କରିଛନ୍ତି, ତାହା ସମସ୍ତ ଭାଜପା ଏବଂ କରନୀ ସେନାର ସମସ୍ତ କର୍ମୀଙ୍କୁ କ୍ଷୁବ୍ଧ କରିଛି। ଯଦି ଏଭଳି ଘଟଣାର ପୁନରାବୃତ୍ତି ହୁଏ ତେବେ ଆମେ ଉକ୍ତ ଏମ୍‌ପିମାନଙ୍କ ଘରେ ପଶି ଭଙ୍ଗାରୁଜା କରିବୁ। ମୁଁ ବିଶ୍ୱାସ କରୁଛି, ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ ହୋଇଛି। ରାହୁଲ ଧ୍ୟାନର ସହ ଶୁଣନ୍ତୁ, ଯଦି ଏଭଳି ଘଟଣା ପୁନର୍ବାର ଘଟେ, ତେବେ ଆମେ ଆପଣଙ୍କ ଘରେ ପଶି ଗୁଳି ମାରିବୁ ବୋଲି ସିଂ ଭିଡିଓରେ କହିଛନ୍ତି। ସୋସିଆଲ ମିଡିଆରେ ଭିଡିଓ ପ୍ରସାରିତ ହେବା ପରେ ସିଂଙ୍କୁ କୋଟା ପୋଲିସ ଅଟକ ରଖି ପଚରାଉଚରା କରୁଛି। ତେବେ ସେ କୌଣସି ସଂଗଠନ ସହ ଜଡ଼ିତ ଥିବା ନେଇ ସ୍ପଷ୍ଟ ହୋଇନାହିଁ। ରାହୁଲ ଓ ଦଳର ଅନ୍ୟ ୨୫ ଜଣ ଏମ୍‌ପିଙ୍କୁ କରନୀ ସେନା ସଦସ୍ୟଙ୍କ ହତ୍ୟା ଧମକ ଘଟଣାରେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ନିନ୍ଦା କରିଛି। ଆର୍‌ଏସ୍‌ଏସ୍-ଭାଜପା ବ୍ୟବସ୍ଥା ହେଉଛି 'ଗଡ୍‌ସେ ଫ୍ୟାକ୍ଟ୍ରି' ବୋଲି କଂଗ୍ରେସ କହିଛି। ବିରୋଧୀଙ୍କୁ ନିନ୍ଦିତ କରିବା ଏବଂ ରାଜନୈତିକ ବିରୋଧୀ ବିଶେଷକରି ରାହୁଲଙ୍କ ବିରୋଧରେ ହିଂସାକୁ ବୈଧ କରିବା ପାଇଁ ଜାଣିଶୁଣି ଅଭିଯାନ ଚାଲିଥିବା ବିରୋଧୀ ଦଳ ଅଭିଯୋଗ କରିଛି।



ରାଜ ସିଂ



**ପରୀକ୍ଷା ଖୁସି:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ସାହିତ୍ୟ ପରୀକ୍ଷା ରହିଥିଲାବେଳେ ଛାତ୍ରୀଛାତ୍ରମାନେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ଖୁସି ମନରେ ବାହାରୁଛନ୍ତି। **(ଫଟୋ- ବିକାଶ ନାୟକ)**

# 'ଫ୍ରିବିଜ୍' ନିର୍ବାଚନୀ ଲାଞ୍ଚ

## ଆର୍ଥିକ ଅଭିବୃଦ୍ଧିରେ ମାଗଣା ସୁବିଧା ବାଧକ: ସୁପ୍ରିମକୋର୍ଟ

**ରାଜନୀତିରେ ବଢ଼ୁଥିବା ମାଗଣା ସୁବିଧା (ଫ୍ରିବିଜ୍) ସଂସ୍କୃତିକୁ ସୁପ୍ରିମକୋର୍ଟ ଗୁରୁବାର ତୀବ୍ର ନିନ୍ଦା କରିଛନ୍ତି। ରାଜ୍ୟଗୁଡ଼ିକ ଦ୍ୱାରା ଅବିଚାରିତ ଭାବେ ମାଗଣା ସୁବିଧା ବଣ୍ଟନ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ କାର୍ଯ୍ୟ ସଂସ୍କୃତିରେ ବାଧା ସୃଷ୍ଟି କରୁଥିବା ନେଇ ସର୍ବୋଚ୍ଚ ଅଦାଲତ ସତର୍କ କରାଇଦେବା ସହ ଏଭଳି ନୀତିର ସମୀକ୍ଷା କରାଯିବାର ସମୟ ଆସିଛି ବୋଲି କହିଛନ୍ତି। ଗରିବଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରାଶନ ଯୋଗାଇବା ସରକାରଙ୍କ ଦାୟିତ୍ୱ। ହେଲେ ମାଗଣା ଟିଭି, ମିକ୍ସର ଗ୍ରାଇଣ୍ଡର କିମ୍ବା ନଗଦ ଟଙ୍କା ବାଣ୍ଟିବା ପ୍ରକୃତ ବିକାଶ ନୁହେଁ, ବରଂ ଏହା ଏକ ପ୍ରକାର ନିର୍ବାଚନୀ ଲାଞ୍ଚ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି।**

**ନୂଆଦିଲ୍ଲୀ,୧୯।୨(ପି.ଟି.)**

ଆର୍ଥିକ ସ୍ଥିତି ନିର୍ବିଶେଷରେ ସମସ୍ତ ଉପଭୋକ୍ତାଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇଦେବା ପାଇଁ ତାମିଲନାଡୁ ବିଦ୍ୟୁତ୍ ବଣ୍ଟନ ନିଗମ ଲିଃ ଦେଇଥିବା ପ୍ରସ୍ତାବ ଉପରେ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, ରାଜ୍ୟ ସରକାର ଗରିବଙ୍କ ହାତଧରି ଆଗେଇନେବା କଥା ବୁଝିହେଉଛି। ତେବେ ଆର୍ଥିକ ସାମର୍ଥ୍ୟର ଆକଳନ ନ କରି ସବୁ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ଓ ଅନ୍ୟାନ୍ୟ ସୁବିଧା ଯୋଗାଇବା ତୁଷ୍ଟୀକରଣ ରାଜନୀତି। ଅଧିକାଂଶ ରାଜ୍ୟ ରାଜସ୍ୱ ନିଅଣ୍ଟରେ ଥାଇ ମଧ୍ୟ ନିଯୁକ୍ତି ସୃଷ୍ଟି ଏବଂ ବିକାଶମୂଳକ ପ୍ରକଳ୍ପଗୁଡ଼ିକରେ ପୁଞ୍ଜିନିବେଶ କରିବା ପରିବର୍ତ୍ତେ ମାଗଣା ଖାଦ୍ୟ, ସାଇକେଲ୍ ଓ ବିଜୁଳି ଯୋଗାଇଦେବାକୁ ଘୋଷଣା କରୁଛନ୍ତି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାରେ ଭାରତୀୟ ନିର୍ବାଚନ କମିଶନ ଏବଂ କେନ୍ଦ୍ର ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ ଦେଉଥିବା ପ୍ରତିଶ୍ରୁତିକୁ କିପରି ନିୟନ୍ତ୍ରଣ କରାଯାଇପାରିବ, ସେଥିପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ମତରେ 'ମାଗଣା ସଂସ୍କୃତି' ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ପରିବର୍ତ୍ତେ ସରକାରଙ୍କ ଉପରେ ନିର୍ଭରଶୀଳ କରାଉଛି, ଯାହା ଦୂରଗାମୀ ଦୃଷ୍ଟିରୁ ଦେଶ ପାଇଁ କ୍ଷତିକାରକ। ମାଗଣା ସୁବିଧା ବଣ୍ଟନ ଯୋଗୁ ଦେଶର ଆର୍ଥିକ ବିକାଶ ବାଧାପ୍ରାପ୍ତ ହେଉଛି। ଲୋକଙ୍କୁ ସୁବିଧା ଦେବା ରାଷ୍ଟ୍ରର କର୍ତ୍ତବ୍ୟ। ତେବେ କେଉଁମାନେ ଏହି ସୁବିଧା ପାଉଛନ୍ତି, ତାହା ଯାଞ୍ଚ କରିବା ଆବଶ୍ୟକ ନୁହେଁ କି ବୋଲି ପ୍ରଧାନ ବିଚାରପତ ଟିପ୍ପଣୀ ଦେବା ସହ ବିଦ୍ୟୁତ୍ ଟାରିଫ୍ ଉପରେ ବିଜ୍ଞପ୍ତି ପ୍ରକାଶ ପରେ ରାଜ୍ୟଗୁଡ଼ିକ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ମାଗଣା ସୁବିଧା ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁ କାର୍ଯ୍ୟ ସଂସ୍କୃତି ନଷ୍ଟ ହୋଇପାରୁଥାଏ। ଯଦି ସରକାର ଲୋକଙ୍କୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମାଗଣା ଖାଦ୍ୟ ଦେବେ, ମାଗଣା ସାଇକେଲ୍ ଏବଂ ବିଜୁଳି ଯୋଗାଇଦେବେ, ତେବେ କିଏ କାମ କରିବ ବୋଲି ସିଜେଆଇ ପ୍ରଶ୍ନ କରିଛନ୍ତି। ଏଭଳି ହେଲେ କାର୍ଯ୍ୟ ସଂସ୍କୃତିର କ'ଣ ହେବ। ଯାହା ଜଣାପଡୁଛି ରାଜ୍ୟଗୁଡ଼ିକ ବେତନ ପ୍ରଦାନ ଏବଂ ମାଗଣା ସୁବିଧା ବଣ୍ଟନ ପରେ ଆଉ ବିଶେଷ କିଛି କରୁନାହାନ୍ତି। ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି ଯେ କୌଣସି ଏକ ନିର୍ଦ୍ଦିଷ୍ଟ ରାଜ୍ୟକୁ ଲକ୍ଷ୍ୟ କରି ସେ ଚିନ୍ତାବ୍ୟକ୍ତ କରୁନାହାନ୍ତି, ଏହାର ପ୍ରଭାବ ସାରା ଦେଶରେ ପଡ଼ୁଛି। ରାଜ୍ୟଗୁଡ଼ିକ ସ୍ପଷ୍ଟ ବଜେଟ ଯଥାର୍ଥତା ସହ ବିଧାନସଭା ଆଗରେ ଯୋଜନାବଦ୍ଧ ଏବଂ ଗଠନମୂଳକ କଲ୍ୟାଣକାରୀ ପୁଞ୍ଜିବ୍ୟୟ ପ୍ରସ୍ତାବ ରଖିବା ଉଚିତ ବୋଲି ☞ପୃଷ୍ଠା-୫

# ୩୧ ନୂଆ ଜିଲା ବିଚାରାଧୀନ ରହିଛି: ରାଜସ୍ୱମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର,୧୯।୨ (ରବିନାରାୟଣ ଜେନା)**

ରାଜ୍ୟରେ ଏବେ ୩୦ଜିଲା ରହିଥିବାବେଳେ ଆଉ ୩୧ଟି ନୂତନ ଜିଲା ଗଠନ ପାଇଁ ଦାବିପତ୍ର ଆସିଛି। ଏହା ଏବେ ବିଚାରାଧୀନ ରହିଥିବାବେଳେ ୨୦୨୬-୨୭ ଆର୍ଥିକବର୍ଷରେ ନୂତନ ଜିଲା ଗଠନ ଲାଗି ଦାବିପତ୍ର ମିଳିଲେ ସରକାର ତାହାକୁ ବିଚାରକୁ ନେବେ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଗୃହକୁ ଜଣାଇଛନ୍ତି। ସଦସ୍ୟ ବିଜୟ କୁମାର ଦଳବେହେରାଙ୍କ ପ୍ରଶ୍ନର ଉତ୍ତରରେ ରାଜସ୍ୱମନ୍ତ୍ରୀ ଦେଇଥିବା ଉତ୍ତର ଅନୁଯାୟୀ, ୧୬ ଜିଲାରୁ ୩୧ଟି ନୂତନ ପ୍ରସ୍ତାବ ଆସିଛି। ସେଥିମଧ୍ୟରେ ବରଗଡ଼ ଜିଲାରୁ ପଦ୍ମପୁରକୁ ନୂତନ ଜିଲା ପାଇଁ ପ୍ରସ୍ତାବ ଆସିଥିବାବେଳେ କଳାହାଣ୍ଡିରୁ ଧର୍ମଗଡ଼, ମୟୂରଭଞ୍ଜରୁ ପଶ୍ଚିମ ମୟୂରଭଞ୍ଜ, ରାଇରଙ୍ଗପୁର, ଖିଚିଂ, କରଞ୍ଜିଆ ତଥା ପଞ୍ଚପିର ରହିଛି। ସେହିପରି ସୁନ୍ଦରଗଡ଼ ଜିଲାରୁ ବଣାଇ, ରାଉରକେଲା, ବେଦବ୍ୟାସ, ବଲାଙ୍ଗୀରରୁ ଟିଟିଲାଗଡ଼, କଣ୍ଟାବାଞ୍ଜି, ପାଟଣାଗଡ଼, ଅନୁଗୋଳରୁ ତାଳଚେର, ପାଲଲହଡା, ଖୋର୍ଦ୍ଧାରୁ ଭୁବନେଶ୍ୱର,ଗଞ୍ଜାମରୁ ଘୁମୁସର, ଋଷିକୁଲ୍ୟା, ବ୍ରହ୍ମପୁର, ଭଞ୍ଜନଗର ଓ କବିସୂର୍ଯ୍ୟନଗର, କଟକରୁ ଚଣ୍ଡିଖୋଲ ଓ ଆଠଗଡ଼, ସମ୍ବଲପୁରରୁ କୁଚିଣ୍ଡା, କନ୍ଧମାଳରୁ ବାଲିଗୁଡା, କେନ୍ଦୁଝରରୁ ଆନନ୍ଦପୁର, ବାଲେଶ୍ୱରରୁ ନୀଳଗିରି, ସୋର ଓ ଜଳେଶ୍ୱର, ପୁରୀରୁ ନିମାପଡ଼ା, ରାୟଗଡାରୁ ଗୁଣୁପୁର ଏବଂ କୋରାପୁଟରୁ ଜୟପୁରକୁ ନୂତନ ଜିଲା ପାଇଁ ପ୍ରସ୍ତାବ ଆସିଛି।

ବିଜେଡି ସଦସ୍ୟ ଅଶ୍ୱିନୀ କୁମାର ପାତ୍ରଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମୋଟ ୫୧ହଜାର ୭୯୬ ରାଜସ୍ୱଗ୍ରାମ ରହିଛି। ୫,୫୭୬ ପଡ଼ାଗ୍ରାମ ମଧ୍ୟରୁ ୧,୯୫୧ଟି ପଡ଼ାଗ୍ରାମକୁ ରାଜସ୍ୱ ମାନ୍ୟତା ମିଳିଛି। ତେବେ ୨,୫୦୨ ପଡ଼ାଗ୍ରାମ ପ୍ରସ୍ତାବ ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରୁ ନ ଥିବାରୁ ☞ପୃଷ୍ଠା-୫

**୨,୫୦୨ ପଡ଼ାଗ୍ରାମକୁ ରାଜସ୍ୱଗ୍ରାମ ପ୍ରସ୍ତାବ ରଦ୍ଦ**

# କଂଗ୍ରେସ ଲାଭ ନେଇଯିବ ଭାବି ପଳାଇଲା ବିଜେଡି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୨(ସୁନିତ୍ ମିଶ୍ର)**

ଦୁଃଖର ବିଷୟ ବିଧାନସଭାରେ ବିରୋଧୀ ଦଳର ସଦସ୍ୟମାନେ ଆଲୋଚନାରେ ବିଶେଷ ଯୋଗଦାନ ନ ରଖି, ପାଟିତୁଣ୍ଡ, ହୋହଲ୍ଲା କରି ଗୃହକୁ ବାରମ୍ବାର ଅଚଳ କରୁଛନ୍ତି। ଗଣତାନ୍ତ୍ରିକ ପରମ୍ପରାରେ ବିରୋଧୀ ଦଳର ପ୍ରଶ୍ନ ପଚାରିବାର ଅଧିକାର ରହିଛି। କିନ୍ତୁ ଦୁଇଦିନରେ ବିରୋଧୀ ଦଳର କାର୍ଯ୍ୟକଳାପକୁ ଦେଖିଲେ ମନେହୁଏ, ସେମାନେ ଲୋକଙ୍କ ସ୍ୱରକୁ ବିଧାନସଭାରେ ରଖିବାକୁ ଚାହୁଁନାହାନ୍ତି। ସବୁଠାରୁ ପରିତାପର ବିଷୟ, ବିରୋଧୀ ଦଳର ନେତାଙ୍କ ସହ ତାଙ୍କ ସଦସ୍ୟମାନେ ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ଚୁପ୍‌ଚାପ୍ କକ୍ଷତ୍ୟାଗକରି ଚାଲିଗଲେ। ଗଣମାଧ୍ୟମରେ ଖବର ଆସିଲା, ମୁଖ୍ୟ ବିରୋଧୀ ଦଳ ରାଜ୍ୟପାଳଙ୍କ ଭାଷଣ ସମୟରେ କକ୍ଷତ୍ୟାଗ କରିବାକୁ ଚାହୁଁ ନ ଥିଲା। ହେଲେ କଂଗ୍ରେସ ସଦସ୍ୟଙ୍କ କକ୍ଷତ୍ୟାଗ ଦେଖି କାଳେ ସେମାନେ ବିରୋଧ ପ୍ରକ୍ରିୟାରେ ଆଗକୁ ଚାଲିଯିବେ, ବାଧ୍ୟବାଧକତାର ସହ ବିଜେଡି ଗୃହରୁ ବାହାରିଗଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଚାଲିଥିବା ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜେଡି ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ କକ୍ଷତ୍ୟାଗ କରିବାକୁ ଚାହୁଁ ନ ଥିବା ଭଳି ମନେ ହେଉଥିଲା। ସେହି ସମୟରେ ବିଜେଡି ସଦସ୍ୟଙ୍କ କଥା ଏବଂ କାର୍ଯ୍ୟକଳାପକୁ ଯଦି ଲକ୍ଷ୍ୟ କରାଯାଏ, ତେବେ ସେଥିରେ ତାଳମେଳ ନ ଥିଲା ଭଳି ଲାଗୁଥିଲା। ତେଣୁ ବିରୋଧୀ ଦଳର ଆଚରଣ ଅତ୍ୟନ୍ତ ନୈରାଶ୍ୟଜନକ। ବିଧାନସଭାକୁ ହଟ୍ଟଗୋଳକରି ବନ୍ଦକରିଦେଲେ ସାଧାରଣ ଲୋକଙ୍କଠାରୁ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ମିଳିବ ନାହିଁ। ଖବର ମିଳିଲା ବିରୋଧୀ ଦଳର କେତେଜଣ ବରିଷ୍ଠ ସଦସ୍ୟ ରାଜ୍ୟପାଳଙ୍କ ଅଭିଭାଷଣ ଆଲୋଚନାରେ ଭାଗନେବା ଲାଗି ନିଜ ଦଳପତିଙ୍କୁ ନିଜ ମନର ଭାବ ଜଣାଇଥିଲେ। ହେଲେ ତାଙ୍କ ଦଳପତି ଏହାକୁ ମାନି ନ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବିରୋଧୀ ଦଳର ମତାମତ ଉପସ୍ଥାପନ କରିବାର ବହୁ ଯଥାର୍ଥତା ରହିଛି। ମାତ୍ର ସେମାନେ ପାଟିତୁଣ୍ଡକରି ଚାଲିଗଲେ। ସେମାନଙ୍କର ଗୋଟିଏ ମିଶନ ଭୋଟ ବ୍ୟାଙ୍କ ତିଆରି କରିବା। ଯେଉଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଲୋକମାନେ ସେମାନଙ୍କୁ ଭୋଟ ଦେଇ ନିର୍ବାଚିତକଲେ ସେମାନେ ସେଥିରୁ ଦୂରେଇ ଯାଉଛନ୍ତି। ଚାଷୀଙ୍କ ବିଷୟକୁ ନେଇ ବିରୋଧୀ ଦଳ ତୁମ୍ବିତୋଫାନ କରୁଛନ୍ତି। ସେମାନେ ଏଠାକୁ ଆସି ଆଲୋଚନାରେ ଭାଗନେଇ ପ୍ରଶ୍ନ ପଚାରନ୍ତୁ। ମୁଖ୍ୟମନ୍ତ୍ରୀ ପଳାୟନପନ୍ଥୀ ନୁହନ୍ତି ଯେ ଉତ୍ତର ନ ଦେଇ ଏଠାରୁ ପଳାଇବେ। ଏକଥା ରାଜ୍ୟର ସମସ୍ତେ ଭଲ ଭାବେ ଜାଣନ୍ତି। ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ସେ ଖୋଲା ଖବରଦାତା ସମ୍ମିଳନୀ ଜରିଆରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ☞ପୃଷ୍ଠା-୫



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# କିଙ୍ଗ୍ ଚାର୍ଲସ୍ ୩ୟଙ୍କ ଭାଇ ଆଣ୍ଡ୍ର୍ୟୁ ଗିରଫ

**ଲଣ୍ଡନ,୧୯।୨**

ବହୁ ଚର୍ଚ୍ଚିତ ଜେଫ୍ରି ଏପ୍‌ଷ୍ଟିନ୍ ଯୌନ କେଲେଙ୍କାରୀ ସମ୍ପର୍କିତ ମାମଲାରେ ଛନ୍ଦି ହୋଇ ପୂର୍ବତନ ବ୍ରିଟିଶ ରାଜକୁମାର ତଥା କିଙ୍ଗ୍ ଚାର୍ଲସ୍ ୩ୟଙ୍କ ଭାଇ ଆଣ୍ଡ୍ର୍ୟୁ ମାଉଣ୍ଟବ୍ୟାଟେନ୍ ୱିଣ୍ଡସର୍ ଗିରଫ ହୋଇଛନ୍ତି। ଆଣ୍ଡ୍ର୍ୟୁ ମାଉଣ୍ଟବ୍ୟାଟେନ୍ କ୍ଷମତାର ଅପବ୍ୟବହାର କରି ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ତଥ୍ୟ ଦେଇଥିବା ଅଭିଯୋଗ ହେବା ପରେ ୟୁକେ ପୋଲିସ ତାଙ୍କୁ ଗିରଫ କରିଛି। ପୂର୍ବ ଇଂଲଣ୍ଡସ୍ଥିତ ଆଣ୍ଡ୍ର୍ୟୁଙ୍କ ବାସଭବନରେ ୟୁକେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ସକାଳେ ପହଞ୍ଚି ତାଙ୍କୁ ଗିରଫ କରିଛି। ୬୬ ବର୍ଷୀୟ ଆଣ୍ଡ୍ର୍ୟୁ ମାଉଣ୍ଟବ୍ୟାଟେନ୍ ହେଉଛନ୍ତି ଦିବଂଗତ ରାଣୀ ଏଲିଜାବେଥ୍‌ଙ୍କ ଦ୍ୱିତୀୟ ପୁତ୍ର। ତାଙ୍କୁ ଗିରଫ କରାଯିବା ପରେ ବ୍ରିଟିଶ ରାଜପରିବାର ଏକପ୍ରକାର ଚିନ୍ତିତ ହୋଇପଡ଼ିଛି। କାରଣ ଆଣ୍ଡ୍ର୍ୟୁଙ୍କ ବିରୋଧରେ ଯେଭଳି ଅଭିଯୋଗ ଆସିଛି, ତଦ୍ଦ୍ୱାରା ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇପାରେ। ଯଦି ଏଭଳି କିଛି ହୁଏ ତେବେ ବ୍ରିଟିଶ ରାଜପରିବାରରେ ଏହା ପ୍ରଥମ ଘଟଣା ହେବ। ରାଜପରିବାରର କୌଣସି ବ୍ୟକ୍ତି ଗିରଫ ହେବା ଘଟଣା ମଧ୍ୟ ପ୍ରଥମ। ଆଣ୍ଡ୍ର୍ୟୁଙ୍କୁ ଗିରଫ କରାଯିବାପରେ ଆଇନ ତା' ବାଟରେ କାର୍ଯ୍ୟ କରିବ ବୋଲି ପ୍ରତିକ୍ରିୟା ଦେଇ କିଙ୍ଗ୍ ଚାର୍ଲସ୍ ତୃତୀୟ କହିଛନ୍ତି।



ଆଣ୍ଡ୍ର୍ୟୁ ମାଉଣ୍ଟବ୍ୟାଟେନ୍ ୱିଣ୍ଡସର୍

**ଏପ୍‌ଷ୍ଟିନ୍ କେଲେଙ୍କାରୀ**

# ଲାଞ୍ଚ: ସୋର ତହସିଲଦାର ଗିରଫ



ଦୈତାରୀ ମଲ୍ଲିକ

**ସୋର, ୧୯।୨(ଜନ୍ମେଜୟ ମିଶ୍ର)**

ଜବତ ପଥର ବୋଝେଇ ଟ୍ରକ ଛାଡ଼ିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି ସୋର ତହସିଲଦାର ଦୈତାରୀ ମଲ୍ଲିକ। ଶୁକ୍ରବାର ଅପରାହ୍ନରେ ତାଙ୍କୁ ଗିରଫ କରାଯାଇଛି। ଗତ କିଛିଦିନ ତଳେ ମହୁମୁହାଣ ଖଞ୍ଜାମାହାଲ ପଥରଖାଦାନରୁ ପଥର ଚୋରି ହେଉଥିବା ଖବରପାଇ ତହସିଲଦାର ମଲ୍ଲିକ ଚଢାଉ କରିଥିଲେ। ଚଢାଉ ବେଳେ ୫ଟି ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କରି ସୋର ତହସିଲ ପରିସରରେ ରଖାଯାଇଥିଲା। ଉକ୍ତ ପଥର ଗାଡିକୁ ଛାଡିଦେବା ପାଇଁ ଟ୍ରକ ମାଲିକମାନଙ୍କଠାରୁ ୪୦ହଜାର ଟଙ୍କା ସୋର ଟ୍ରକ ଆସୋସିଏଶନର ଉପସଭାପତି ଦୟାନିଧି ଜେନାଙ୍କ ମାଧ୍ୟମରେ ନେଉଥିବା ବେଳେ ☞ପୃଷ୍ଠା-୫

## ପଦ୍ମପୁର ତହସିଲଦାର ନିଲମ୍ବିତ

**ବରଗଡ଼,୧୯।୨ (ପ୍ରେମାନନ୍ଦ ଖମାରୀ)**

ଦୁର୍ନୀତି ଅଭିଯୋଗରେ ଗୁରୁବାର ରାଜ୍ୟ ସରକାର ବରଗଡ଼ ଜିଲା ପଦ୍ମପୁର ତହସିଲଦାର ବିପିନ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି। ବରଗଡ଼ ଜିଲାପାଳଙ୍କ ରିପୋର୍ଟ ଆଧାରରେ ତାଙ୍କୁ ନିଲମ୍ବନ କରାଯାଇଛି। ରାଜସ୍ୱ ବିଭାଗରେ କୌଣସି ପ୍ରକାର ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢ଼ୀ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ ବୋଲି ନିକଟରେ ବିଭାଗର ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରିଥିଲେ।



ବିପିନ କୁମାର ପ୍ରଧାନ



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସୋଲୋ ଆର୍ଟ ଏକ୍ଜିବିଶନ୍, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟୁରୋଲୋଜିକାଲ୍ ସର୍ଜନ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ୧୪ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ହୋଟେଲ ମେ ଫେୟାର, ସମୟ: ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

**ବାଲେଶ୍ୱର**
- ଏଫ୍ଏମ୍ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୮ଟା।
- ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ, ସ୍ଥାନ: ଗୁରୁକୁଳ ଭବନ, କଳୁଆପଡ଼ା, ବାଲିଆପାଳ, ସମୟ: ସକାଳ ୯ଟା।
- ନବନିଯୁକ୍ତ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବାଲେଶ୍ୱର ପ୍ରେସ କ୍ଲବର ବୈଠକ, ସ୍ଥାନ: କ୍ଲବ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ଶୁଣାଣି କକ୍ଷ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ବରିଷ୍ଠ ନାଗରିକଙ୍କ ପାଇଁ ଯୋଗ ଓ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୮ଟା।
- ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବିରେ ରେଳରୋକୋ, ସ୍ଥାନ: ଜନ୍ମୁଆଳି ଛକ, ଚାନ୍ଦବାଲି, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ ମଜଦୁର ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: କଚେରି ବଜାର ଯଶୋଦା ହୋଟେଲ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ଭାଜପା ନେତା ଦୁର୍ଗାଚରଣ ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ଥାନ: କୋହ୍ଲ ବଜାର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସାମାଜିକ ନେତୃତ୍ୱ ସମ୍ମିଳନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ, ସ୍ଥାନ: ଚାରୁଚନ୍ଦ୍ର ଇଂଲିଶ ମିଡିୟମ୍ ସ୍କୁଲ, ବନ୍ତ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ପ୍ରଥମ ବାର୍ଷିକ ହନୁମାନ ଉତ୍ସବ, ସ୍ଥାନ: ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ତୃତୀୟ ଗ୍ରାମସଭା, ସ୍ଥାନ: ଚେମେଣା ପଞ୍ଚାୟତ ରେଙ୍ଗାଳ ବେଢ଼ାଶାଳ, ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁଣିଗାରେଡ଼ି ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦରବାର ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ଅପରାହ୍ନ ୩ ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ସିଦ୍ଧି ବିନାୟକ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଗଣ ବିବାହ, ସ୍ଥାନ: ଗୀତା ଭବନ,ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଦି ଆର୍ଟ ଅଫ ଡକୁମେଣ୍ଟାରୀ ପ୍ରଡକ୍ସନ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**
- ବିଶ୍ୱ ସାମାଜିକ ନ୍ୟାୟ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ଉତ୍ସବ, ସ୍ଥାନ: ପାଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଗଜପତି**
- ଜିଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ, ସ୍ଥାନ: ପାରଳାଖେମୁଣ୍ଡି ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମର ୨୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: କୃଷ୍ଣକୁମାରପୁରସ୍ଥିତ ଆଶ୍ରମ ପରିସର, ସମୟ: ସକାଳ ୬ଟା।
- ୪୯ତମ ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ ମହାଯଜ୍ଞ, ସ୍ଥାନ: ଯାଉଁଳି ପୋଖରୀ ମଠ, ଢେଙ୍କାନାଳ, ସମୟ: ସକାଳ ୮ଟା।

**ଜଗତ୍‌ସିଂହପୁର**
- ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ପିଇଡିଏ)ପକ୍ଷରୁ ଦିନିକିଆ ମତ୍ସ୍ୟ କାରବାର ସଚେତନତା ଶିବିର, ସ୍ଥାନ: ମାଛଧରା ବନ୍ଦର, ନେହେରୁବଙ୍ଗଳା, ପାରାଦୀପ: ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଏରସମା ବ୍ଲକ ଅନ୍ତର୍ଗତ କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି, ସମୟ: ଅପରାହ୍ନ ୨ଟା।

**କେନ୍ଦ୍ରାପଡ଼ା**
- ଜିଲା ପ୍ରଶାସନ ପକ୍ଷରୁ ଯୋଗ ଶିବିର, ସ୍ଥାନ: ମଶନ ଶକ୍ତି ଗୃହ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ତାଳଚୁଆ ଥାନା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଥାନା ପରିସର, ତାଳଚୁଆ, ରାଜନଗର, ସମୟ: ସକାଳ ୮ଟା।
- ଓଡ଼ିଶା ଠିକାଦାର ମହାସଂଘର ବିକ୍ଷୋଭ, ସ୍ଥାନ: ତିନିମୁହାଣୀ ଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ରାଜସ୍ୱ ମାମଲା ସମ୍ପର୍କୀୟ ଜନଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମା' ବୁଢ଼ୀ ଜାଗୁଲାଇ ପାଲା ସଂଘ ପକ୍ଷରୁ ମକର ମହୋତ୍ସବ, ସ୍ଥାନ: ବିଲେଶ୍ୱର ମହାଦେବ ଶିବ ମନ୍ଦିର ପରିସର, ଦୁହୁରିଆ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଲେଖାଲେଖି ପକ୍ଷରୁ ଦିବାକର ବିଶ୍ୱାଳଙ୍କ ଜନ୍ମୋତ୍ସବ ପାଳନ, ସ୍ଥାନ: ରାଧାରାଣୀ ମଣ୍ଡପ, କଣ୍ଟଣଅଣ୍ଟା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ୱାର୍କସପ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରେଙ୍ଗାଲି ବହୁମୁଖୀ ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସଂକ୍ରାନ୍ତରେ ଭର୍ଚୁଆଲ ବୈଠକ, ସ୍ଥାନ : ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଯାଜପୁର ଯଯାତିକେଶରୀ ମେଡିକାଲ କଲେଜ ଓ ଡାକ୍ତରଖାନା ଅଧିକାରୀଙ୍କ ସହ ବୈଠକ, ସ୍ଥାନ: ମେଡିକାଲ କଲେଜ ପରିସର, ସମୟ : ଅପରାହ୍ନ ୪ଟା୩୦।

**ନୟାଗଡ଼**
- ଜାମାଲାଗି ବେଶର ୨୯ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଉଦ୍‌ଘାଟନ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆପାଟଣା ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦।
- ଖାଉଟି ସଚେତନତା ଶିବିର, ସ୍ଥାନ: ମହୀପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଅବସରରେ ଜାଗରଯାତ୍ରାର ୬ଷ୍ଠ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା।

**ନବରଙ୍ଗପୁର**
- ଖ୍ରୀଷ୍ଟିଆନ୍ ମାଇନରିଟି କାଉନସିଲ୍ ମେମ୍ବର ବୈଠକ, ସ୍ଥାନ: ନବରଙ୍ଗପୁର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ଦେବୋତ୍ତର କମିଟି ପ୍ରସ୍ତୁତି ବୈଠକ, ସ୍ଥାନ: ହନୁମାନ ମନ୍ଦିର, ନନ୍ଦପୁର, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ମାଉଲି ମା'ଙ୍କ ଠାକୁରାଣୀ ଯାତ୍ରା, ସ୍ଥାନ: କୋରୁକୋଣ୍ଡା, ସମୟ: ସକାଳ ୬ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜନରେ ୧୪ତମ ଦୀନବନ୍ଧୁ ଗୋସ୍ୱାମୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ସମ୍ବଲପୁର ରାଇଜିଂ ଷ୍ଟାର ବନାମ ଛତିଶଗଡ଼ ପରେଷ୍ଟ ମ୍ୟାଚ, ସ୍ଥାନ : ହାୱା ମଇଦାନ, ହାୱା ମଇଦାନ, ସମୟ : ସକାଳ ୮ଟା।
- ୧୪ତମ ଦୀନବନ୍ଧୁ ଗୋସ୍ୱାମୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ସମ୍ବଲପୁର ଫୋରସି ବନାମ ଝାଡ଼ଖଣ୍ଡ ରାଇଜିଂ କ୍ରିକେଟ କ୍ଲବ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ଅପରାହ୍ନ ୨ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ଜିଲା କିକ୍ ବକ୍ସିଂ ଆସୋସିଏଶନ ପକ୍ଷରୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସନ୍ଧ୍ୟା ୬ଟା ୩୦।

**ରାଉରକେଲା**
- ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ଯଜ୍ଞ ଆରମ୍ଭ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୭ଟା।
- ଜାଗର ମେଳାର ୬ଷ୍ଠ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଶୀତଳାମାତା ମନ୍ଦିର ପ୍ରତିଷ୍ଠାର ଉଦ୍‌ଯାପନୀ ଦିବସ, ସ୍ଥାନ: ବିଶ୍ରା ଡାହାର ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

**ବରଗଡ଼**
- ବିଶ୍ୱ ସାମାଜିକ ନ୍ୟାୟ ଦିବସ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୯ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ସାମାଜିକ ବିଜ୍ଞାନ ଉପରେ ଦ୍ୱିଦିବସୀୟ ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ, ସ୍ଥାନ: ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଏମ୍ଏସ୍ ଏବଂ ଜେଏଏସ୍ ସମ୍ମିଳନୀ, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ୬ଟା ୩୦।

**ସୁବର୍ଣ୍ଣପୁର**
- ୫ମ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍, ସ୍ଥାନ:ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ଷଷ୍ଠ ସନ୍ଧ୍ୟା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ନୂଆପଡ଼ା**
- ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ କାର୍ଯ୍ୟକ୍ରମ ରାହାଗିରି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକତା ଛକ ପର୍ଯ୍ୟନ୍ତ, ସମୟ: ସକାଳ ୭ଟାରୁ ୯ଟା।
- ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ, ସ୍ଥାନ: ପଥପ୍ରାନ୍ତ ସୁବିଧା କେନ୍ଦ୍ର ଟାନୱାଟ, ସମୟ: ସକାଳ ୮ଟା।
- ନବକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ, ସ୍ଥାନ: କୋମନା ବ୍ଲକ ତରବୋଡ଼ ସାପ୍ତାହିକ ହାଟ ପଡିଆ, ସମୟ: ଅପରାହ୍ନ ୫ଟା।

# ହାତୀଛୁଆ ମୃତଦେହ ଠାବ: ତଦନ୍ତ କଲେ ଡିଏଫ୍‌ଓ

ମୋରଡ଼ା,୧୯।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ତଥା ମୋରଡ଼ା ବ୍ଲକ୍ ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତର ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଏକ ହାତୀ ଛୁଆର ଗଳିତ ମୃତଦେହ ଜବତ କରିଛି। ଖବରପାଇ ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ୍ ମେହେରବାନ ଅଲ୍ଲୀ ଏବଂ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଡାକ୍ତରୀ ଦଳ ଅନୁଧ୍ୟାନ କରିବା ପରେ ହାତୀ ଛୁଆ ମୃତ୍ୟୁର


ମୃତ ହାତୀଛୁଆ

କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ କହିଛି।

ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ୩ଟା ସମୟରେ ସ୍ଥାନୀୟ ଲୋକେ ପଳାସମୁଣ୍ଡୁଳି ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିଲେ। ଜଙ୍ଗଲକୁ ଅଗ୍ନି ଦାଉରୁ ରକ୍ଷାକରିବା ଦାୟିତ୍ୱରେ ଥିବା କାଳୀଚରଣ ଟୁଡୁ ମଧ୍ୟ ଯାଇଥିଲେ। ଉକ୍ତ ଜଙ୍ଗଲର ମହିଷାସୁରି ନିକଟରେ ଏକ ହାତୀ ଛୁଆର ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବର୍ତ୍ତମାନ ଉକ୍ତ ଜଙ୍ଗଲରେ ୧୩ଟି ଶିମିଳିପାଳ ହାତୀ ରହିଥିବା ରେଞ୍ଜର ସିଂ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାର ମୁଣ୍ଡପିଛା...

ବୃଦ୍ଧି ପାଇଛି। ୨୦୨୫-୨୬ରେ ବାସ୍ତବ ଆର୍ଥିକ ଅଭିବୃଦ୍ଧି ହାର ୭.୯% ରହିବା ନେଇ ଆକଳନ କରାଯାଇଛି, ଯାହା ୨୦୨୪-୨୫ର ୭.୨% ବୃଦ୍ଧି ହାରଠାରୁ ଅଧିକ ରହିଛି। ଏହା ମଧ୍ୟ ସର୍ବଭାରତୀୟ ସ୍ତରର ହାରାହାରି ଅଭିବୃଦ୍ଧି ହାର ୭.୪%ଠାରୁ ଅଧିକ। ୨୦୨୫-୨୬ରେ ସମସ୍ତ କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ହାର ଦେଖାଯାଇଛି ଏବଂ ରାଜ୍ୟରେ ସରକାରୀ ଓ ବେସରକାରୀ ପୁଞ୍ଜିନିବେଶ ବୃଦ୍ଧି ପାଇବାରୁ ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଦ୍ରୁତ ଆର୍ଥିକ ବୃଦ୍ଧି ପାଇଁ ପ୍ରସ୍ତୁତ ରହିଥିବା ଜଣାଯାଇଛି। ତେବେ ବର୍ତ୍ତମାନର ମୂଲ୍ୟରେ ମୁଣ୍ଡପିଛା ଆୟ ୨୦୧୫-୧୬ ତୁଳନାରେ ୨୦୨୫-୨୬ରେ ଓଡ଼ିଶାର ବାର୍ଷିକ ମୁଣ୍ଡପିଛା ଆୟ ୧ଲକ୍ଷ ୮୬ହଜାର ୭୬୧ଟଙ୍କା ରହିଥିବାବେଳେ ସର୍ବଭାରତୀୟସ୍ତରରେ ୨ଲକ୍ଷ ୧୯ହଜାର ୫୭୫ଟଙ୍କା ଆକଳନ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

ରିପୋର୍ଟ ଅନୁଯାୟୀ, ତେଲଙ୍ଗାନାର ମୁଣ୍ଡପିଛା ଆୟ ୨୦୨୩-୨୪ (ଟଙ୍କାରେ) ସର୍ବାଧିକ ୩ଲକ୍ଷ ୪୭ହଜାର ୭୧୪ଟଙ୍କା ରହିଥିବାବେଳେ କର୍ଣ୍ଣାଟକର ୩ଲକ୍ଷ ୩୯ହଜାର ୮୧୩, ହରିୟାଣାର ୩ଲକ୍ଷ ୧୯ହଜାର ୩୬୩, ତାମିଲନାଡୁର ୩ଲକ୍ଷ ୧୩ ହଜାର ୩୨୯, ଗୁଜରାଟର ୩ଲକ୍ଷ ୯୫୭, କେରଳର ୨ଲକ୍ଷ ୮୧ହଜାର ୨୬୯, ମହାରାଷ୍ଟ୍ରର ୨ଲକ୍ଷ ୭୮ହଜାର ୬୮୧, ଆନ୍ଧ୍ରପ୍ରଦେଶର ୨ଲକ୍ଷ ୩୭ହଜାର ୯୫୧, ପଞ୍ଜାବର ୨ଲକ୍ଷ ୫ହଜାର ୩୭୪, ରାଜସ୍ଥାନର ୧ଲକ୍ଷ ୬୬ହଜାର ୬୪୭ ଟଙ୍କା ରହିଥିବାବେଳେ ଓଡ଼ିଶାର ୧ଲକ୍ଷ ୫୫ହଜାର ୧୨୫ଟଙ୍କା ଥାଇ ୧୧ତମ ସ୍ଥାନରେ ରହିଛି।

ତେବେ ଆର୍ଥିକ ପରିଚାଳନାରେ ଓଡ଼ିଶା ଭଲ ରହିଛି। ୨୦୨୫-୨୬ରେ ଓଡ଼ିଶାର ଋଣ ଓ ଜିଏସ୍‌ଡିପି ଅନୁପାତ ୧୩.୬ ପ୍ରତିଶତ ରହିବା ପାଇଁ ବଜେଟ କରାଯାଇଛି। ଯାହା ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବନିମ୍ନ ଏବଂ ଏଫ୍‌ଆର୍‌ବିଏମ୍ ସୀମା ୨୫%ଠାରୁ ମଧ୍ୟ ଯଥେଷ୍ଟ କମ୍। ଏହାବ୍ୟତୀତ ରାଜସ୍ୱ ପ୍ରାପ୍ତି ଅନୁପାତ (ଆଇପିଆର୍‌ଆର୍) ସହିତ ସୁଧ ଦେୟ ୨.୮%ରେ ରହିଛି, ଯାହା ନିର୍ଦ୍ଧାରିତ ୧୫% ସୀମା ମଧ୍ୟରେ ରହିଛି। ସେହିପରି ପୁଞ୍ଜି ବ୍ୟୟକ୍ଷେତ୍ରରେ ପ୍ରମୁଖ ରାଜ୍ୟ ମଧ୍ୟରେ ଜିଏସ୍‌ଡିପିର ଅନୁପାତରେ ସର୍ବାଧିକ ପୁଞ୍ଜି ବ୍ୟୟବରାଦ ପାଇଁ ଓଡ଼ିଶା ବଜେଟ ପ୍ରସ୍ତୁତ ହୋଇଛି। ୨୦୨୫-୨୬ରେ ଜିଏସ୍‌ଡିପିର ପ୍ରତିଶତ ଭାବରେ ପୁଞ୍ଜି ବ୍ୟୟବରାଦ ୬.୬%କୁ ଲକ୍ଷ୍ୟ ରଖି ବଜେଟ କରାଯାଇଥିଲା, ଯାହା ୨୦୨୪-୨୫ର ୫.୦%ରୁ ବୃଦ୍ଧି ପାଇଛି। କୃଷି କ୍ଷେତ୍ରରେ ମଧ୍ୟ ଭଲ ପ୍ରଦର୍ଶନ ହୋଇଛି। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୨୦୨୫-୨୬ରେ ରାଜ୍ୟ ଅର୍ଥବ୍ୟବସ୍ଥାରେ ୧୯.୬ ପ୍ରତିଶତ ଆକଳନ କରାଯାଇଛି, ଯାହା ସର୍ବଭାରତୀୟ ସ୍ତରରେ ଥିବା ୧୬.୮%ଠାରୁ ଅଧିକ। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ୨୦୨୫-୨୬ରେ ୫.୩% ଅଭିବୃଦ୍ଧି ହୋଇଛି, ଯାହା ସର୍ବଭାରତୀୟ ସ୍ତରରେ ୩.୧%ଠାରୁ ଅଧିକ ରହିଛି।

### ଓଡ଼ିଶା ଅର୍ଥନୈତିକ ସର୍ଭେ...

କ୍ଷେତ୍ରରେ ୮.୯% ଅଭିବୃଦ୍ଧି ଆକଳନ କରାଯାଇଛି।
- ସେବା କ୍ଷେତ୍ର ୮.୪% ଅଭିବୃଦ୍ଧି ସହ ରାଜ୍ୟ ଅର୍ଥନୀତିର ୩୭.୯% ଅଂଶଗ୍ରହଣ କରୁଛି।
- ୨୦୨୪ରେ ୨.୧ କୋଟି ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୧୫% ଅଧିକ।
- ରାଜ୍ୟର ବନ୍ଦରଗୁଡ଼ିକରେ ପଣ୍ୟ କାରବାର ବୃଦ୍ଧି ପାଇଛି।
- ୨୦୨୪-୨୫ ମଧ୍ୟରେ ମୁଦ୍ରାସ୍ଫୀତି ୪.୮% ରହିଛି।
- ରାଜ୍ୟର ନିଜସ୍ୱ ରାଜସ୍ୱ ଆଦାୟରେ ସୁଧାର ଆସିଛି।
- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଜରିଆରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଅଣାଯାଇଛି।
- ଶିକ୍ଷା କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଛି।
- ମୁଖ୍ୟମନ୍ତ୍ରୀ ନଳ ସେବା ଯୋଜନା ଜରିଆରେ ପାନୀୟ ଜଳ ଯୋଗାଣରେ ଅଗ୍ରଗତି ହୋଇଛି।
- ମଧୁବାବୁ ପେନସନ ଯୋଜନା ଓ ଅନ୍ୟାନ୍ୟ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ଜାରି ରହିଛି।
- 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସଶକ୍ତୀକରଣ କରାଯାଉଛି।
- କ୍ରୀଡ଼ା ବିକାଶ ପାଇଁ ୨୦୨୫-୨୬ ବଜେଟରେ ୧,୩୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୬ଟି ଜିଲାକୁ ଆଞ୍ଚଳିକ କ୍ରୀଡ଼ା ହବ୍ ଭାବେ ବିକଶିତ କରାଯାଉଛି।

### 'ମହତ୍ତ୍ୱାକାଂକ୍ଷୀ ଭାରତ' ପାଇଁ...

ପ୍ରଭାବ ସେତେବେଳେ ଆସିବ, ଯେତେବେଳେ ଉପଯୁକ୍ତ ସମୟରେ ଉଚିତ ଉଦ୍ଦେଶ୍ୟ ରଖି ନିଷ୍ପତ୍ତି ନିଆଯିବ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଆଇ କମ୍ପାନୀଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ତରଦାୟିତ୍ୱ ରହିଛି। ଏଆଇର ନୈତିକ ବ୍ୟବହାର ପାଇଁ ୩ଟି ପ୍ରସ୍ତାବ ରହିଛି। ପ୍ରଥମଟି ହେଉଛି ଡାଟା ସାର୍ବଭୌମତ୍ୱ। ଏଆଇ ପ୍ରଶିକ୍ଷଣ ପାଇଁ ସମସ୍ତେ ଏକ ସ୍ୱଚ୍ଛ ଡାଟା ଢାଞ୍ଚା ପ୍ରସ୍ତୁତ କରିବା ଉଚିତ। ଏଆଇ ପ୍ଲାଟଫର୍ମଗୁଡ଼ିକ ନିଜ ନିଜ ସୁରକ୍ଷା ନିୟମକୁ ସ୍ପଷ୍ଟ ଓ ସ୍ୱଚ୍ଛ ରଖିବା ଜରୁରୀ। ଏଆଇ ମାନବୀୟ ମୂଲ୍ୟବୋଧକୁ ମଧ୍ୟ ସ୍ପଷ୍ଟ କରିବା ଉଚିତ। କାରିଗରି ବା ପ୍ରଯୁକ୍ତି ଶକ୍ତିଶାଳୀ ହୋଇପାରେ, କିନ୍ତୁ ଏହାର ଦିଗ ସବୁବେଳେ ମାନବୀୟ ଆରମ୍ଭରୁ ନିର୍ଦ୍ଧାରିତ ହେବ। ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ)ର ଦକ୍ଷତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କଠିନ ସ୍ଥିତିରେ ଭାରତ ୟୁପିଆଇ ଜରିଆରେ ଲୋକଙ୍କୁ ଦେୟ ପଇଠରେ ସହଜ ଓ ସରଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିଛି। ଏହା ଡିଜିଟାଲ ବିଭାଜନର ବ୍ୟବଧାନକୁ ହ୍ରାସକରି ଏକ ସେତୁ ଭାବେ କାର୍ଯ୍ୟ କରିଛି। ଆଧୁନିକ ସମୟରେ ଆମେ ଏକ ଭାଇବ୍ରାଣ୍ଟ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚରର ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛୁ। ୟୁପିଆଇକୁ ଆମେ ବିଶ୍ୱର ବିଭିନ୍ନ ଭାଗରେ ପ୍ରଚଳନ କରୁଛୁ ଟେକ୍ନୋଲୋଜିକୁ କ୍ଷମତାର ଉପକରଣ ଭାବେ ବ୍ୟବହାର କରି ନୁହେଁ, ବରଂ ସେବାର ମାଧ୍ୟମ ଭାବେ ଆମେ ବିକଶିତ କରିଥିବାରୁ ଏପରି ସମ୍ଭବ ହୋଇଛି।

### ସମିଟ୍‌କୁ ଆସିଲେନି...

୫ ଦିନିଆ ସମ୍ମିଳନୀରେ ସେ ଯୋଗଦେବେ ନାହିଁ ବୋଲି ତାଙ୍କ ନାମକୁ ପ୍ରତ୍ୟାହାର କରାଯାଇଥିଲା। ସେହିଦିନ ଗେଟ୍ସ ଫାଉଣ୍ଡେଶନ୍‌ର ଜଣେ ମୁଖପାତ୍ର ତରବରିଆ ଭାବେ କହିଥିଲେ, ବିଲ୍ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। ତେବେ ଗୁରୁବାର ଫାଉଣ୍ଡେଶନ ପକ୍ଷରୁ ବିଲ୍ ଯୋଗଦେଉ ନ ଥିବା ବିଷୟ କୁହାଯାଇଥିଲା। ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ଆଫ୍ରିକା ଓ ଭାରତ ଅଫିସ ପ୍ରେସିଡେଣ୍ଟ ଅଙ୍କୁର ଭୋରା ଯୋଗଦେଇ ସମିଟ୍‌କୁ ସମ୍ବୋଧନ କରିବେ ବୋଲି 'X'ରେ ସୂଚନା ଦିଆଯାଇଛି। ଏଆଇ ସମିଟ୍‌ର ଫୋକସ୍ ଯେପରି ଏହାର ପ୍ରାଥମିକତାଗୁଡ଼ିକ ଉପରେ ରହିବ, ତାହା ସୁନିଶ୍ଚିତ କରିବା ଲାଗି ଉପଯୁକ୍ତ ବିଚାର ପରେ ଏପରି ନିଷ୍ପତ୍ତି ନିଆଯାଇଥିବା ଉକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ଇତିମଧ୍ୟରେ ଆଲ୍‌ଫାବେଟ୍ ଓ ଗୁଗଲ ସିଇଓ ସୁନ୍ଦର ପିଚାଇ, ମେଟାର ମୁଖ୍ୟ ଏଆଇ ଅଫିସର ଆଲେକ୍‌ଜାଣ୍ଡାର ୱାଙ୍ଗ, ସର୍ଭମ୍ କୋ-ଫାଉଣ୍ଡର ପ୍ରତ୍ୟୁଷ କୁମାର ଏବଂ ଗୁଗଲ ଡିପ୍‌ମାଇଣ୍ଡ ସିଇଓ ଡେମିସ୍ ହସାବିସ୍‌ଙ୍କ ସମେତ ଅନ୍ୟ ଗ୍ଲୋବାଲ ଟେକ୍ ଲିଡରମାନେ ଏହି ସମ୍ମିଳନୀରେ ଯୋଗଦେଇଛନ୍ତି।

### ଭାଙ୍ଗିଲା ଏକତାର...

ସବୁଠାରୁ ବଡ଼ ପ୍ରତିଯୋଗିତା ଚାଲିଛି। ଆମୋଦେଇ ପୂର୍ବରୁ 'ଓପନଏଆଇ'ରେ ଥିଲେ, କିନ୍ତୁ ବିଚାରଧାରାରେ ପାର୍ଥକ୍ୟ କାରଣରୁ ସେ ସେଠାରୁ ବାହାରି ଆସି ନିଜ କମ୍ପାନୀ ଆନ୍ଥ୍ରୋପିକ୍ ଗଠନ କରିଥିଲେ। ଫଟୋରେ ସମସ୍ତେ ପରସ୍ପରର ହାତ ଧରି ଏକ ଶିକୁଳି ପରି ଛିଡ଼ା ହୋଇଥିବାବେଳେ ଅଲ୍‌ଟମ୍ୟାନ ଏବଂ ଆମୋଦେଇଙ୍କ ଆଚରଣ 'ଏକତାର ଶିକୁଳି'କୁ ଭାଙ୍ଗିଦେଇଥିଲା। ଏହାକୁ ସୋସିଆଲ ମିଡିଆରେ 'ଏଆଇ ରାଇଭଲ୍‌ରି ଦାଟ୍ ବ୍ରୋକ୍ ଏ ଚେନ୍' ବୋଲି କୁହାଯାଉଛି। ବିଶ୍ଳେଷକମାନଙ୍କ ମତରେ, ଏହା କେବଳ ଏକ ସାଧାରଣ ଭୁଲ୍ ବୁଝାମଣା ହୋଇପାରେ, କିନ୍ତୁ ଅଧିକାଂଶ ଲୋକ ଏହାକୁ ଏଆଇ ଜଗତରେ ଚାଲିଥିବା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ପ୍ରତିଫଳନ ବୋଲି କହୁଛନ୍ତି। ଏପରି କି କେନ୍ଦ୍ର ସରକାର ଏହି ଏଆଇ ପ୍ରତିଦ୍ୱନ୍ଦ୍ୱିତା ବିଷୟରେ ଅଜ୍ଞ ଥିବା ନେଇ ସୋସିଆଲ ମିଡିଆରେ ସମାଲୋଚନା କରାଯାଉଛି। ଯଦି ଅଲ୍‌ଟମ୍ୟାନ ଏବଂ ଆମୋଦେଇଙ୍କୁ ପୃଥକ୍ ଛିଡ଼ା କରାଯାଇଥାନ୍ତା, ତା'ହେଲେ ଏଭଳି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ଘଟଣା ଦର୍ଶାଉଛି ଯେ, ଯଦିଓ ପ୍ରମୁଖ ଦେଶଗୁଡ଼ିକର ଶାସକମାନେ ଏଆଇକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ କମ୍ପାନୀଙ୍କୁ ଏକାଠି କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ପ୍ରକୃତରେ ଏହି ବୈଷୟିକ ମହାରଥୀମାନଙ୍କ ମଧ୍ୟରେ ଗଭୀର ମତଭେଦ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ କ୍ଷେତ୍ରରେ ମତାନ୍ତର ଥାଇ ମଧ୍ୟ କାମବେଳକୁ ଏକ ମନ ହୋଇଯିବେ। ଦ୍ୱିଜା ନକ୍ଷତ୍ର ସକାଶେ ସ୍ୱାର୍ଥସାଧନ ଆଶା ରଖି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ନିଶ୍ଚୟ ପାଇବେ। ଅବହେଳା କାରଣରୁ ଘରର ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ**
ଆଜି କୃତ୍ତିକା ନକ୍ଷତ୍ର ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବାଣିଜ୍ୟ, ପରିବହନ ସହ କଚେରି ମାମଲାରେ ମନସ୍ତାପ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ସହ ପାରିବାରିକ ସ୍ଥିତି ଭଲ ରହିବ। ସମ୍ପର୍କୀୟଙ୍କ ସାହାଯ୍ୟରେ ମୂଲ୍ୟବାନ ଜିନିଷ କ୍ରୟ କରିବେ।

**ମିଥୁନ**
ମୃଗଶିରା ନକ୍ଷତ୍ର ସକାଶେ ପୁରୁଣା ରୋଗରେ କଷ୍ଟ ପାଇବେ। ତର୍କ ବିତର୍କ କାରଣରୁ ବନ୍ଧୁଙ୍କ ସହିତ ସମ୍ପର୍କ ହାନି ଘଟିପାରେ। ଆନୁଷ୍ଠାନିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ବ୍ୟବସାୟ,ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
ଶାରୀରିକ ଦୁର୍ବଳତା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଯଥାରୀତି ସମ୍ପନ୍ନ କରିପାରିବେ। ଦୀର୍ଘ ଦିନରୁ ରହି ଆସିଥିବା ସମସ୍ୟାର ସମାଧାନ ହୋଇଯିବ। ଅର୍ଥସଙ୍କଟ କିମ୍ବା ଅସହଯୋଗ କାରଣରୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ। ଅଶ୍ଳେଷା ନକ୍ଷତ୍ର ବନ୍ଧୁମାନଙ୍କ ଦ୍ୱାରା ଆହୂତ ହୋଇ ସାଂସ୍କୃତିକ କାମରେ ଯୋଗ ଦେଇପାରନ୍ତି।

**ସିଂହ**
ଆଜିର କର୍ମକ୍ଷେତ୍ରରେ ସାଧାରଣ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ଦୀର୍ଘଦିନର ଆଶା ଫଳବତୀ ହେବ। ବାଣିଜ୍ୟ, ସଭାସମିତି, ସାହିତ୍ୟ, କଳା ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ମଘା ନକ୍ଷତ୍ର ସକାଶେ ଆବଶ୍ୟକତା ପରିପ୍ରେକ୍ଷୀରେ ମୋଟାଅଙ୍କର ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ପଡ଼ିପାରେ ।

**କନ୍ୟା**
ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ସହଯୋଗ ପାଇବା କଷ୍ଟକର ହେବ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ବିଦେଶ ଜାଗାରେ ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ରପ୍ତାନି ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଏବଂ ପରିବହନ କ୍ଷେତ୍ରରେ ହସ୍ତା ନକ୍ଷତ୍ର ଆଶାନୁରୂପ ଫଳ ପାଇବେ।

**ତୁଳା**
ସ୍ୱାତୀ ନକ୍ଷତ୍ରର ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ୍ୟ ସ୍ଥଗିତ କାର୍ଯ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। କଳହ ଲାଗିଥିବା ଅତି ନିକଟତର ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ସୁଖ ଶାନ୍ତି ପୂର୍ବପରି ଅକ୍ଷୁଣ୍ଣ ରହିପାରିବ। ସନ୍ତାନଙ୍କ କୃତି ଏବଂ କୃତିତ୍ୱ ଯୋଗୁ ନିଜକୁ ଗୌରବାନ୍ୱିତ ମନେକରିବେ।

**ବିଛା**
ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଅନୁରୋଧରେ ମନୋରଞ୍ଜନ ପ୍ରତି ଆଗ୍ରହୀ ହେବେ। ଜ୍ୟେଷ୍ଠା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ କଳହ କାରଣରୁ ଟେନସନ୍ ବୃଦ୍ଧି ପାଇବ। ଜମିଜମା ବିବାଦ, ପ୍ରତିଯୋଗିତା ତଥା ମକଦ୍ଦମାରେ ବିଜୟୀ ହେବେ।

**ଧନୁ**
କର୍ମାରମ୍ଭ ସକାଶେ ବିଭିନ୍ନ ଯୋଜନା କରିପାରନ୍ତି। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣ ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି କାର୍ଯ୍ୟ କରିପାରନ୍ତି। ଆଜି ମୂଳା ନକ୍ଷତ୍ର ସକାଶେ ସକାଳୁ ସକାଳୁ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ ।

**ମକର**
ପାରିପାର୍ଶ୍ୱିକ ପରିସ୍ଥିତି ବଦଳିଯିବାରୁ ଆଶ୍ୱସ୍ତି ଲାଭ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକସ୍ଥଳେ ଧାର କରଜ କରି କାମ ତୁଲାଇ ନେବାକୁ ବାଧହୋଇପାରନ୍ତି। ଆଜି ଆପଣ ଆଶା କରୁଥିବା ଅର୍ଥ, ବନ୍ଧୁମିଳନ, ଦୂରଯାତ୍ରା, କ୍ଷେତ୍ରରେ ନିରାଶ ହେବେନାହିଁ।

**କୁମ୍ଭ**
ଆଜିର କର୍ମକ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା କାର୍ଯ୍ୟ ହାସଲ କରିବେ। ଅର୍ଥସଙ୍କଟ, ସହକର୍ମୀଙ୍କ ଅସହଯୋଗ, ପ୍ରଶାସନିକ ଦ୍ୱନ୍ଦ୍ୱ ଏବଂ ପାରିବାରିକ ଅସ୍ଥିରତା ଦୂର ହେବ। ଶତଭିଷା ନକ୍ଷତ୍ର କୂଟନୀତି ପ୍ରୟୋଗ କରି ସ୍ଥଗିତ କାମ ବନ୍ଧୁଙ୍କ ଦ୍ୱାରା କରାଇନେବେ। ଆନୁଷ୍ଠାନିକ କାମ ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ମୀନ**
ପଡ଼ିରହିଥିବା କାମଟିକୁ ବନ୍ଧୁଙ୍କ ଦ୍ୱାରା ସମ୍ପନ୍ନ କରିବାର ପ୍ରୟାସ କରିବେ। ସଭାସମିତିରେ ବାକ୍‌ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ରେବତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି। ବ୍ୟବସାୟ ମନ୍ଦ ହେବନି କିନ୍ତୁ ବ୍ୟସ୍ତ, ବିବ୍ରତ ମଧ୍ୟରେ ସମୟ ଅତିବାହିତ ହେବ।

ଆଜି ଫେବୃଆରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ଫାଲ୍‌ଗୁନ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ଶୁକ୍ରବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୧୬ମି. ଗତେ ଘ.୦୭।୦୨ମି. ମଧ୍ୟେ, ଘ.୦୭।୪୮ମି. ଗତେ ଘ.୦୯।୦୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୪ମି. ଗତେ ଘ. ୧୨।୦୦ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଳ ବୁଡ଼େଇ, ଘର ବୁଡ଼େଇ**
**ଦୁହେଁ ଅଟନ୍ତି ଦେଢ଼ ଅଢ଼େଇ ।**

କୁଳ ବା ବଂଶକୁ ଆଗକୁ ବଢ଼େଇନେବା ପାଇଁ ସନ୍ତାନର ଆବଶ୍ୟକତା ରହିଥାଏ। ପରନ୍ତୁ ସନ୍ତାନହୀନା ନାରୀ ଏକ୍ଷେତ୍ରରେ ପ୍ରତିବନ୍ଧକ ସାଜିଥାନ୍ତି। ସେହିପରି କେତେଜଣ ନାରୀଙ୍କ କୁପ୍ରରୋଚନା ବା କୁମନ୍ତ୍ରଣାରେ ପଡ଼ି ଅନେକ ଘର ଭାଙ୍ଗିଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ସନ୍ତାନହୀନା ତଥା ପରଘର ଭାଙ୍ଗୁଥିବା ନାରୀ ଉଭୟେ ଅଳ୍ପ ବହୁତେ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କରମ ଗୁଣେ କରମଙ୍ଗା ଫଳେ,**
**ଲାଉ ଲଗେଇଲେ ଚଲଣା ଫଳେ।**

ମଣିଷ ନିଜ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଏ। ତେବେ ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମଧ୍ୟ ମନ୍ଦ ହୋଇଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର
## (ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ପତ୍ରସଂଖ୍ୟା–୨୭ ତାରିଖ–୨୦.୦୧.୨୦୨୬

**No.32001/103/2526**: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବଲାଙ୍ଗୀର ଜିଲ୍ଲାର ଅପରଲାଣ୍ଟ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ନିମନ୍ତେ ମୌଜା–ଭାଲୁଚୁଆଁ, ଥାନା–ଖପରାଖୋଲ ନଂ.୩୮, ତହସିଲ–ଖପରାଖୋଲ, ନଂ–୩୮ ଜିଲ୍ଲା–ବଲାଙ୍ଗୀରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୮୧.୦୮୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

**୧.ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ଅପରଲାଣ୍ଟ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର

**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ନିର୍ବାହୀ ଯନ୍ତ୍ରୀ, ଅପରଲାଣ୍ଟ ଜଳସେଚନ ବିଭାଜନ, ବେଲପଡା, ବଲାଙ୍ଗୀର ।

**୩.କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ** – ଅପର ଲାଣ୍ଟ ଜଳସେଚନ ଯୋଜନାର ଜଳଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି ।

**୪.ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ** – ଉକ୍ତ ମୌଜା ପାଇଁ ପ୍ରଯୁଜ୍ୟ ନୁହେଁ ।

**୫.ଥଇଥାନ ଓ ପୁନର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ** – ସ୍ୱତନ୍ତ୍ର ଭୂ–ଅର୍ଜନ ଓ ଥଇଥାନ ଅଧିକାରୀ, ଅପର ଲାଣ୍ଟ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର ।

**୬.ଜମିର ବିବରଣୀ:**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବଲାଙ୍ଗୀର | ଖପରାଖୋଲ | ଭାଲୁଚୁଆଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୮୧.୦୮୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଅପର ଲାଣ୍ଟ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./–ଜିଲ୍ଲାପାଳ, ବଲାଙ୍ଗୀର**

**Mouza: Bhaluchuan, Thana No.38, Thana Khaprakhol, Dist:Balangir**
**Private Land**

| କ୍ରମିକ ନଂ. | ଖତିୟାନ ର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 1 | ଅନାଦି ମାଝୀ, ପି:କୁମ୍ଭ ମାଝୀ, ଜା:ଗଣ୍ଡ, ବା:ନିଜଗାଁ | 219 | ଆଟ ମାମୁଲି | 2.2800 | 1.6800 |
| | | | 218/275 | ବାହାଲ ମାମୁଲି | 0.1500 | 0.1500 |
| 2 | 2 | ଅନାଦି ମାଝୀ, ବୁଟିତାଙ୍ଗ ମାଝୀ, ପି:କୁମ୍ଭ ମାଝୀ,ନରସିଂହ ମାଝୀ, ପି:ଭଗବାନ ମାଝୀ, ଜା:ଗଣ୍ଡ, ବା:ନିଜଗାଁ | 213 | ଆଟ ମାମୁଲି | 0.8700 | 0.8700 |
| | | | 214 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 215 | ବାହାଲ ମାମୁଲି | 1.3100 | 1.3100 |
| | | | 218 | ବାହାଲ ମାମୁଲି | 0.1800 | 0.1800 |
| | | | 228 | ଆଟ ମାମୁଲି | 0.8500 | 0.4400 |
| | | | 242 | ଆଟ ମାମୁଲି | 4.0000 | 1.2500 |
| | | | 244 | ଆଟ ମାମୁଲି | 1.0100 | 1.0100 |
| | | | 217/274 | ଆଟ ମାମୁଲି | 0.1700 | 0.1700 |
| | | | 219/276 | ଆଟ ମାମୁଲି | 0.2400 | 0.2400 |
| 3 | 5 | କରଞ୍ଜ ବରିହା, ପି:ହର୍ଷ ବରିହା, ଜା:ବିଂଝାଲ,ବା:ନିଜଗାଁ | 82 | ବେର୍ଣ୍ଣା ମାମୁଲି | 0.1900 | 0.1900 |
| 4 | 6 | କୟା ବରିହା, ପି:ଘନ ବରିହା, ଜା:ବିଂଝାଲ, ବା:ନିଜଗାଁ | 87 | ବାହାଲ ମାମୁଲି | 0.3200 | 0.3200 |
| | | | 88 | ବେର୍ଣ୍ଣା ମାମୁଲି | 0.2300 | 0.2300 |
| | | | 185 | ବାହାଲ ମାମୁଲି | 0.3800 | 0.3800 |
| | | | 187 | ବାହାଲ ମାମୁଲି | 0.0900 | 0.0900 |
| | | | 196/270 | ବାହାଲ ମାମୁଲି | 0.4200 | 0.4200 |
| | | | 197/272 | ବାହାଲ ମାମୁଲି | 0.1600 | 0.1600 |
| | | | 196/292 | ବାହାଲ ମାମୁଲି | 0.7200 | 0.7200 |
| | | | 196/293 | ବାହାଲ ମାମୁଲି | 0.1000 | 0.1000 |
| 5 | 7 | ଗଜିନ୍ଦ୍ର ବରିହା, ପି:ଭିମ ବରିହା, ଜା: ବିଂଝାଲ, ବା:ନିଜଗାଁ | 82/285 | ବେର୍ଣ୍ଣା ମାମୁଲି | 0.0600 | 0.0600 |
| | | | 83/288 | ବାହାଲ ମାମୁଲି | 0.4400 | 0.4400 |
| | | | 88/290 | ବେର୍ଣ୍ଣା ମାମୁଲି | 0.0800 | 0.0800 |
| 6 | 8 | ଘନ ବରିହା, ପି:ଦେବାଧି ବରିହା, ଜା:ବିଂଝାଲ, ବା:ନିଜଗାଁ | 184 | ବାହାଲ ମାମୁଲି | 0.1100 | 0.1100 |
| | | | 197 | ବାହାଲ ମାମୁଲି | 0.1000 | 0.1000 |
| | | | 198 | ବେର୍ଣ୍ଣା ମାମୁଲି | 0.5500 | 0.5500 |
| | | | 200 | ବାହାଲ ମାମୁଲି | 0.4000 | 0.4000 |
| | | | 196/249 | ଆଟ ମାମୁଲି | 0.2300 | 0.2300 |
| | | | 192/268 | ଆଟ ମାମୁଲି | 0.1200 | 0.1200 |
| | | | 196/271 | ବାହାଲ ମାମୁଲି | 0.1000 | 0.1000 |
| 7 | 9 | ଘନ ବରିହା, ଢୁଂଖୁ ବରିହା, ଚିତ୍ର ବରିହା, ପି:ଦେବାଧି ବରିହା, ଜା:ବିଂଝାଲ, ବା:ନିଜଗାଁ | 182 | ବାହାଲ ମାମୁଲି | 0.1200 | 0.1200 |
| | | | 186 | ବାହାଲ ମାମୁଲି | 0.2300 | 0.2300 |
| | | | 188 | ବାହାଲ ମାମୁଲି | 0.1900 | 0.1900 |
| | | | 189 | ବାହାଲ ମାମୁଲି | 0.1200 | 0.1200 |
| | | | 196 | ବାହାଲ ମାମୁଲି | 0.9000 | 0.9000 |
| | | | 196/294 | ବାହାଲ ମାମୁଲି | 0.0300 | 0.0300 |
| 8 | 11 | ଛିନୁ ପଧାନ, ପି:ଜଗତ ପଧାନ, ଜା:କୁଲତା, ବା:ବେନ୍ଦେର | 35 | ଆଟ ମାମୁଲି | 0.4800 | 0.3400 |
| | | | 37 | ବାହାଲ ମାମୁଲି | 0.7300 | 0.7300 |
| | | | 38 | ବାହାଲ ମାମୁଲି | 0.7900 | 0.7900 |
| | | | 40 | ବାହାଲ ମାମୁଲି | 1.0200 | 1.0000 |
| | | | 42 | ଆଟ ମାମୁଲି | 2.0200 | 2.0200 |
| | | | 45 | ବାହାଲ ମାମୁଲି | 2.1700 | 2.1700 |
| | | | 46 | ବେର୍ଣ୍ଣା ମାମୁଲି | 0.2600 | 0.2600 |
| | | | 57 | ବେର୍ଣ୍ଣା ମାମୁଲି | 0.3800 | 0.3800 |
| | | | 68 | ଆଟ ମାମୁଲି | 1.5500 | 1.5500 |
| | | | 81 | ବାହାଲ ମାମୁଲି | 1.9000 | 1.9000 |
| | | | 166 | ଅନ୍ୟାନ୍ୟ | 0.1100 | 0.1100 |
| | | | 178 | ବେର୍ଣ୍ଣା ମାମୁଲି | 0.2100 | 0.2100 |
| | | | 181 | ବାହାଲ ମାମୁଲି | 0.9500 | 0.9500 |
| | | | 190 | ଆଟ ମାମୁଲି | 0.6500 | 0.6500 |
| | | | 191 | ମାଳ ମାମୁଲି | 0.1700 | 0.1700 |
| | | | 192 | ଆଟ ମାମୁଲି | 0.3200 | 0.3200 |
| | | | 188/266 | ବାହାଲ ମାମୁଲି | 0.1000 | 0.1000 |
| | | | 189/267 | ବାହାଲ ମାମୁଲି | 0.0400 | 0.0400 |
| | | | 81/284 | ବାହାଲ ମାମୁଲି | 0.3000 | 0.3000 |
| 9 | 12 | ଛିନୁ ପଧାନ, ମଣି ପଧାନ, ପି:ଜଗତ ପଧାନ, ଆଲି ପଧାନ, ତିଥି ପଧାନ, ଗଦି ପଧାନ, ପି:ଦାଶ ପଧାନ, ଜା:କୁଲତା, ବା:ବେନ୍ଦେର | 36 | ଆଟ ମାମୁଲି | 1.0100 | 1.0100 |
| | | | 43 | ବାହାଲ ମାମୁଲି | 0.1100 | 0.1100 |
| | | | 44 | ଆଟ ମାମୁଲି | 1.0800 | 1.0800 |
| | | | 49 | ବାହାଲ ମାମୁଲି | 0.1000 | 0.1000 |
| | | | 50 | ଅନ୍ୟାନ୍ୟ | 0.0300 | 0.0200 |
| | | | 51 | ଅନ୍ୟାନ୍ୟ | 0.0500 | 0.0500 |
| | | | 53 | ବାହାଲ ମାମୁଲି | 0.2200 | 0.2200 |
| | | | 55 | ଆଟ ଉଦ୍ଧାରି | 0.6800 | 0.6800 |
| | | | 58 | ବେର୍ଣ୍ଣା ମାମୁଲି | 0.1700 | 0.1700 |
| | | | 59 | ଆଟ ମାମୁଲି | 0.4200 | 0.4200 |
| | | | 64 | ଆଟ ମାମୁଲି | 0.0700 | 0.0700 |
| | | | 65 | ବାହାଲ ମାମୁଲି | 1.3800 | 1.3800 |
| | | | 66 | ବେର୍ଣ୍ଣା ମାମୁଲି | 0.6400 | 0.6400 |
| | | | 67 | ଆଟ ମାମୁଲି | 0.5300 | 0.5300 |
| | | | 37/254 | ବାହାଲ ମାମୁଲି | 0.1200 | 0.1200 |
| | | | 54/257 | ଆଟ ମାମୁଲି | 0.0800 | 0.0800 |
| | | | 54/282 | ଆଟ ମାମୁଲି | 0.0400 | 0.0400 |
| 10 | 13 | ଜଗବନ୍ଧୁ ଗଣ୍ଡା, ପି:ଧନକରାଏ ଗଣ୍ଡା, ଜା:ଗଣ୍ଡା, ବା:ବେନ୍ଦେର | 32 | ଆଟ ମାମୁଲି | 0.4000 | 0.4000 |
| | | | 34 | ଆଟ ମାମୁଲି | 1.0500 | 0.0700 |
| | | | 35/253 | ଆଟ ମାମୁଲି | 0.0800 | 0.0600 |
| | | | 89 | ବେର୍ଣ୍ଣା ମାମୁଲି | 0.2900 | 0.2900 |
| | | | 90 | ଆଟ ମାମୁଲି | 0.1100 | 0.1100 |
| | | | 91 | ବାହାଲ ମାମୁଲି | 0.9100 | 0.9100 |
| 11 | 14 | ଦାନି ବରିହା,ପି:ହର୍ଷ ବରିହା, ଜା:ବିଂଝାଲ, ବା:ନିଜଗାଁ | 81/258 | ବାହାଲ ମାମୁଲି | 0.3200 | 0.3200 |
| | | | 54/281 | ଆଟ ମାମୁଲି | 0.2900 | 0.2900 |
| 12 | 16 | ନରସିଂହ ବରିହା, ପି:ଗଜିନ୍ଦ୍ର ବରିହା, ଜା:ବିଂଝାଲ, ବା:ନିଜଗାଁ | 123 | ଆଟ ମାମୁଲି | 0.3200 | 0.2500 |
| | | | 127 | ଆଟ ମାମୁଲି | 1.0500 | 0.1600 |
| | | | 124 | ଆଟ ମାମୁଲି | 0.2000 | 0.2000 |
| | | | 125 | ବେର୍ଣ୍ଣା ମାମୁଲି | 0.6300 | 0.3800 |
| | | | 159 | ଘରବାରି | 0.6000 | 0.0100 |
| | | | 83/286 | ବାହାଲ ମାମୁଲି | 0.6900 | 0.6900 |
| | | | 86/289 | ଅନ୍ୟାନ୍ୟ | 0.0500 | 0.0500 |
| 13 | 17 | ନିରଞ୍ଜନ ବରିହା, ପି:ହର୍ଷ ବରିହା, ଜା:ବିଂଝାଲ, ବା:ନିଜଗାଁ | 83 | ବାହାଲ ମାମୁଲି | 0.6600 | 0.6600 |
| | | | 86 | ଅନ୍ୟାନ୍ୟ | 0.0600 | 0.0600 |
| 14 | 18 | ନୂତନ ଷାଣ୍ଢ, ପି:ଲିଟି ଷାଣ୍ଢ, ଜା:ଗଉଡ, ବା:ନିଜଗାଁ | 74 | ଆଟ ମାମୁଲି | 0.2800 | 0.2800 |
| 15 | 23 | ଲାଲମନ ବରିହା, ପି:ଧନସାଏ ବରିହା, ଜା:ବିଂଝାଲ, ବା:ନିଜଗାଁ | 54 | ଆଟ ମାମୁଲି | 0.2900 | 0.2900 |
| | | | 83/287 | ବାହାଲ ମାମୁଲି | 0.3200 | 0.3200 |
| 16 | 24 | ହର ବରିହା ନିଆଲ, ଲୋଚନ ନିଆଲ, ପି:ମାଲ ନିଆଲ, ଗୁଞ୍ଜ ନିଆଲ, ସ୍ୱା:ଲଇଖନ ନିଆଲ, ଜିତ ନିଆଲ, ସନ୍ୟାସି ନିଆଲ, ଦୁର୍ଯ୍ୟଦନ ନିଆଲ, ପି:ସାନ ନିଆଲ, ଶୁକରୁ ନିଆଲ, ପି:ବୁଧୁ ନିଆଲ, ଭିକ ନିଆଲ, ପି:କଇରୁ ନିଆଲ, ଜା:ଗଉଡ, ବା:ଭରୁଆମୁଣ୍ଡା | 153 | ଆଟ ମାମୁଲି | 0.5000 | 0.1800 |
| | | | 160 | ଆଟ ମାମୁଲି | 0.5300 | 0.5200 |
| | | | 161 | ବେର୍ଣ୍ଣା ମାମୁଲି | 0.9200 | 0.9200 |
| | | | 164 | ଆଟ ମାମୁଲି | 0.9100 | 0.9100 |
| | | | 165 | ବାହାଲ ମାମୁଲି | 0.5400 | 0.5400 |
| | | | 167 | ଆଟ ମାମୁଲି | 2.2200 | 2.2200 |
| | | | 168 | ବାହାଲ ମାମୁଲି | 0.2300 | 0.2300 |
| | | | 169 | ଆଟ ମାମୁଲି | 0.0500 | 0.0500 |
| | | | 170 | ବାହାଲ ମାମୁଲି | 1.4500 | 1.4500 |
| | | | 174 | ବେର୍ଣ୍ଣା ମାମୁଲି | 0.4600 | 0.4600 |
| | | | 180 | ଅନ୍ୟାନ୍ୟ | 0.0900 | 0.0900 |
| | | | 160/353 | ଘରବାରି | 0.4000 | 0.4000 |
| | | | 202 | ବେର୍ଣ୍ଣା ମାମୁଲି | 0.6500 | 0.6500 |
| | | | 203 | ମାଳ ମାମୁଲି | 0.2000 | 0.2000 |
| | | | 205 | ମାଳ ମାମୁଲି | 0.7500 | 0.7500 |
| | | | 206 | ମାଳ ମାମୁଲି | 0.8500 | 0.8500 |
| | | | 206/355 | ଘରବାରି | 0.2000 | 0.2000 |
| | | | 208 | ଆଟ ମାମୁଲି | 0.7400 | 0.5700 |
| | | | 210 | ଆଟ ମାମୁଲି | 0.8300 | 0.8300 |
| | | | 210/354 | ଘରବାରି | 0.3000 | 0.3000 |
| | | | 212 | ଆଟ ମାମୁଲି | 0.4400 | 0.4400 |
| | | | 221 | ଆଟ ମାମୁଲି | 0.1800 | 0.1800 |
| | | | 229 | ଆଟ ମାମୁଲି | 1.7500 | 0.4500 |
| | | | 172/265 | ଆଟ ମାମୁଲି | 0.2200 | 0.2200 |
| | | | 171/264 | ଆଟ ମାମୁଲି | 0.0600 | 0.0600 |
| 17 | 25 | ହର୍ଷ ବରିହା, ପି:ଧ୍ରୁବ ବରିହା, ଜା:ବିଂଝାଲ, ବା:ନିଜଗାଁ | 54/280 | ଆଟ ମାମୁଲି | 0.2800 | 0.2800 |
| | | | 81/283 | ବାହାଲ ମାମୁଲି | 0.3200 | 0.3200 |
| 18 | 25/2 | ରୁକୁଣି ବରିହା, ସ୍ୱା: ମାକ ବରିହା, ଜା:ବିଂଝାଲ, ବା:ନିଜଗାଁ | 196/295 | ବାହାଲ ମାମୁଲି | 0.2500 | 0.2500 |
| | | | 294/298 | ବାହାଲ ମାମୁଲି | 0.0500 | 0.0500 |
| 19 | 25/7 | ଦାମୋଦର ବରିହା, ପିତାମ୍ବର ବରିହା, ବିଶମ୍ବର ବରିହା, ପି:ଶତ୍ରୁ ବରିହା, ଜା:ବିଂଝାଲ, ବା:ନିଜଗାଁ | 197/300 | ବାହାଲ ମାମୁଲି | 0.1200 | 0.1200 |
| | | | 198/301 | ବେର୍ଣ୍ଣା ମାମୁଲି | 0.5500 | 0.5500 |
| | | | 199 | ଅନ୍ୟାନ୍ୟ | 0.0800 | 0.0800 |
| 20 | 25/11 | ଖଗେଶ୍ୱର ସିରଦାର, ହିରାଧର ସିରଦାର, ପି:ଆସାରାମ ସିରଦାର, ମୁନସି ରାମ ସିରଦାର, ପି:କୁସ୍ତମ ସିରଦାର, ଜା:କଲଙ୍ଗା, ବା:ନିଜଗାଁ | 93 | ବାହାଲ ମାମୁଲି | 2.1600 | 1.5300 |
| | | | 94 | ବେର୍ଣ୍ଣା ମାମୁଲି | 1.0500 | 0.3500 |
| | | | 95 | ଆଟ ମାମୁଲି | 0.7000 | 0.0100 |
| | | | 111 | ଅନ୍ୟାନ୍ୟ | 0.1000 | 0.0100 |
| | | | 112 | ଆଟ ମାମୁଲି | 1.1500 | 0.5700 |
| 21 | 25/12 | କୁମାରୀ ଯଶୋବନ୍ତି ବରିହା, ପି:ନିରଞ୍ଜନ ବରିହା, ଜା:ବିଂଝାଲ, ବା:ନିଜଗାଁ | 84 | ଆଟ ମାମୁଲି | 3.9200 | 3.6200 |
| | | | 85 | ବେର୍ଣ୍ଣା ମାମୁଲି | 0.3300 | 0.3300 |
| 22 | 25/13 | କୌଶଳ ସାହୁ, ଦୁଲ ସାହୁ, ଜଗଜୀବନ ସାହୁ, ପି:ଗଙ୍ଗାଧର ସାହୁ, ଜା:କୁଲତା, ବା:ବେନ୍ଦେର | 201 | ବେର୍ଣ୍ଣା ମାମୁଲି | 0.1800 | 0.1800 |
| | | | 203/302 | ମାଳ ମାମୁଲି | 0.2000 | 0.2000 |
| | | | 212/303 | ଆଟ ମାମୁଲି | 0.4400 | 0.4400 |
| | | | 221/304 | ଆଟ ମାମୁଲି | 0.5700 | 0.5700 |
| | | | 160/305 | ଆଟ ମାମୁଲି | 0.1200 | 0.1200 |
| | | | 167/306 | ଆଟ ମାମୁଲି | 1.2300 | 1.2300 |
| | | | 202/307 | ବେର୍ଣ୍ଣା ମାମୁଲି | 0.2000 | 0.2000 |
| | | | 170/308 | ବାହାଲ ମାମୁଲି | 0.6000 | 0.6000 |
| | | | 173 | ଆଟ ମାମୁଲି | 0.1900 | 0.1900 |
| 23 | 25/22 | ଅତବଲ ମାଝୀ, ପି:ଭଜ ମାଝୀ, ଜା:ଗଣ୍ଡ, ବା:ବେନ୍ଦେର | 31 | ବାହାଲ ମାମୁଲି | 0.9500 | 0.5500 |
| | | | 33 | ଆଟ ମାମୁଲି | 0.2000 | 0.2000 |
| | | | 34/318 | ଆଟ ମାମୁଲି | 0.5000 | 0.2300 |
| 24 | 25/25 | ଦାନୀ ବରିହା, ପି:ଉର୍ଦ୍ଧ ବରିହା, ଜା:ବିଂଝାଲ, ବା:ନିଜଗାଁ | 242/321 | ଆଟ ମାମୁଲି | 4.0000 | 2.3000 |
| | | | 243 | ବେର୍ଣ୍ଣା ମାମୁଲି | 0.1700 | 0.1700 |
| | | | 244/322 | ଆଟ ମାମୁଲି | 0.9300 | 0.9300 |
| 25 | 25/26 | ଧନସିଂ ମେହେର, ପି: କପଟ ମେହେର, ଜା:ଭୁଲିଆ, ବା:ବେନ୍ଦେର | 79 | ବେର୍ଣ୍ଣା ମାମୁଲି | 0.3900 | 0.3900 |
| | | | 80 | ଆଟ ମାମୁଲି | 2.1900 | 2.1900 |
| 26 | 25/33 | ଗୋବର୍ଦ୍ଧନ ଷାଣ୍ଢ, ପି: ଗୌତମ ଷାଣ୍ଢ, ଜା:ଗଉଡ, ବା:ବେନ୍ଦେର | 74/323 | ଆଟ ମାମୁଲି | 2.4200 | 2.4200 |
| | | | 73 | ମାଳ ମାମୁଲି | 0.3000 | 0.3000 |
| | | | 75 | ବେର୍ଣ୍ଣା ମାମୁଲି | 0.2600 | 0.2600 |
| | | | 76 | ବେର୍ଣ୍ଣା ମାମୁଲି | 0.4000 | 0.4000 |
| 27 | 25/34 | ଖଗେଶ୍ୱର ପଧାନ, ଭଜ ପଧାନ, ପି:ରତନ ପଧାନ, ଜା:କୁଲତା, ବା:ବେନ୍ଦେର | 194 | ବେର୍ଣ୍ଣା ମାମୁଲି | 0.0600 | 0.0600 |
| | | | 192/269 | ଆଟ ମାମୁଲି | 0.0200 | 0.0200 |
| | | | 194/356 | ଘରବାରି | 0.1300 | 0.1300 |
| 28 | 25/35 | ମହେନ୍ଦ୍ର ସାହୁ, ପି:କପୁର୍ଜନ ସାହୁ, ଜା:କୁଲତା, ବା:ବେନ୍ଦେର | 194/330 | ଘରବାରି | 0.0400 | 0.0400 |
| 29 | 25/36 | କୁଞ୍ଜବନ ପଧାନ, ପି:ଥବିର ପଧାନ, ଜା:କୁଲତା, ବା:ଭାଲୁଚୁଆଁ | 194/331 | ଘରବାରି | 0.0400 | 0.0400 |
| 30 | 25/37 | ସହଦେବ ଷାଣ୍ଢ, ପି:ବିକ୍ରମ ଷାଣ୍ଢ, ଜା:ଗଉଡ, ବା:ଚହକପରା | 194/332 | ଘରବାରି | 0.0400 | 0.0400 |
| 31 | 25/38 | ସୁରେନ୍ଦ୍ର ପଧାନ, ପି:ଉଦ୍ଧବ ପଧାନ, ଜା:କୁଲତା, ବା:ବେନ୍ଦେର | 194/333 | ଘରବାରି | 0.0400 | 0.0400 |
| 32 | 25/39 | ଉଜଳ ନିଆଲ, ପି:ଚୈତନ ନିଆଲ, ଜା:ଗଉଡ, ବା:ଭରୁଆମୁଣ୍ଡା | 194/334 | ଘରବାରି | 0.0400 | 0.0400 |
| 33 | 25/40 | ସନକ ବାରିକ, ପି:ତପିମଣି ବାରିକ, ଜା:କୁଲତା, ବା:ବଡଗୁର୍ଜିଭଟା | 194/335 | ଘରବାରି | 0.0400 | 0.0400 |
| 34 | 25/41 | ପ୍ରଦୀପ ଭଇଁସାଲ, ପି:ଚୈତନ୍ୟ ଭଇଁସାଲ, ଜା:ଗଉଡ, ବା:କନ୍ହେଇଛାପର | 151/336 | ଘରବାରି | 0.0400 | 0.0400 |
| 35 | 25/42 | ଦେବାନନ୍ଦ ଭଇଁସାଲ, ପି:ସୁବନ ଭଇଁସାଲ, ଜା:ଗଉଡ, ବା:ବେନ୍ଦେର | 151/337 | ବେର୍ଣ୍ଣା ମାମୁଲି | 0.0400 | 0.0400 |
| 36 | 25/43 | କେଶବ ପ୍ରଧାନ, ପି:ଦୟା ପ୍ରଧାନ, ଜା:କୁଲତା, ବା:ବେନ୍ଦେର | 212/303 /338 | ଆଟ ମାମୁଲି | 0.0500 | 0.0500 |
| 37 | 25/44 | ପଞ୍ଚାନନ ସାହୁ, ପି:ଗଜିନ୍ଦ୍ର ସାହୁ, ଜା:ବିନ୍ଧାଣି, ବା:ମାଳପରା, ଥାନା:ଲାଠୋର | 212 /303 /339 | ଆଟ ମାମୁଲି | 0.0500 | 0.0500 |
| 38 | 25/45 | କୋମଳ ରୁଇୟା, ପି:ବଜରଙ୍ଗ ରୁଇୟା, ଜା: ବଣିଆ, ବା:ଜୋଙ୍କ (ଖରିଆର ରୋଡ) ଜିଲ୍ଲା:ନୂଆପଡା | 151/340 | ଘରବାରି | 0.0400 | 0.0400 |
| 39 | 25/46 | ସୁମନ୍ତ କୁମାର ପଟ୍ଟନାୟକ, ପି:ବେଣୁଧର ପଟ୍ଟନାୟକ, ଜା:କରଣ, ବା:ପାଟଣାଗଡ | 151/341 | ବେର୍ଣ୍ଣା ମାମୁଲି | 0.0400 | 0.0400 |
| 40 | 25/47 | ଶୋଭାକର ସିର୍ଦାର, ପି:ଦୟା ସିର୍ଦାର, ଜା:କଲଙ୍ଗା, ବା:ନିଜଗାଁ | 194/342 | ଘରବାରି | 0.0400 | 0.0400 |
| 41 | 25/48 | ହେମସାଗର ପଧାନ, ପି:ଉଦ୍ଧବ ପଧାନ, ଜା:କୁଲତା,ବା:ବେନ୍ଦେର | 151/343 | ଘରବାରି | 0.0400 | 0.0400 |
| 42 | 25/49 | ପ୍ରବୀଣା ବାରିକ, ପି:କପୂର୍ଚ୍ଚନ ସାହୁ, ଜା: କୁଲତା,ବା:ଧଣ୍ଡାମୁଣ୍ଡା | 151/344 | ଘରବାରି | 0.0400 | 0.0400 |
| 43 | 25/50 | ରଙ୍କ ଭଇଁସାଲ, ପି:ସୁବନ ଭଇଁସାଲ, ଜା: ଗଉଡ,ବା:ବେନ୍ଦେର | 192/ 269 /345 | ଆଟ ମାମୁଲି | 0.0200 | 0.0200 |
| 44 | 25/51 | ମଧୁ ଭଇଁସାଲ, ପି:ଥବିର ଭଇଁସାଲ, ଜା: ଗଉଡ,ବା:ବେନ୍ଦେର | 192/ 269 /346 | ଆଟ ମାମୁଲି | 0.0200 | 0.0200 |
| 45 | 25/52 | ସୁବାଷ ମେହେର, ପି: ବୃନ୍ଦାବନ ମେହେର, ଜା:ଭୁଲିଆ, ବା:ଲାଠୋର | 151/347 | ଘରବାରି | 0.1000 | 0.1000 |
| 46 | 25/53 | ଖଗେଶ୍ୱର ପଧାନ, ପି:ରତନ ପଧାନ, ଜା:କୁଲତା, ବା:ନିଜଗାଁ | 151 | ବେର୍ଣ୍ଣା ମାମୁଲି | 0.0200 | 0.0150 |
| 47 | 25/54 | ତପେଶ୍ୱର ପଧାନ, ପି:ଆର୍ତ୍ତ ପଧାନ, ଶୁଭକେଶି ପଧାନ, ନନ୍ଦରାମ ପଧାନ, ପି:ତୀର୍ଥ ପଧାନ, ଜଲନ୍ଧର ସାହୁ, ପି:ମକାରୁ ସାହୁ, ଜା:କୁଲତା, ବା:ବେନ୍ଦେର | 151/348 | ଘରବାରି | 0.0800 | 0.0700 |
| 48 | 25/55 | ଜିତେନ ଗହିର, ଆଶିସ ଗହିର, ପି:ସଦାନନ୍ଦ ଗହିର, ଜା:ଗଉଡ, ବା:ବଲାଙ୍ଗିର, ରୁଗୁଡିପଡା | 151/349 | ବେର୍ଣ୍ଣା ମାମୁଲି | 0.0300 | 0.0300 |
| 49 | 25/57 | ମହେନ୍ଦ୍ର ସାହୁ, ପି:ପଞ୍ଚା ସାହୁ, ଜା:ବିନ୍ଧାଣି, ବା:ମାଲପଡା, ଥାନା:ଲାଠୋର | 151/350 | ବେର୍ଣ୍ଣା ମାମୁଲି | 0.0400 | 0.0200 |
| 50 | 25/59 | ଦେବେନ୍ଦ୍ର ପ୍ରଧାନ, ପି:ରଘୁନାଥ ପ୍ରଧାନ, ଜା:କୁଲତା, ବା:ପଥରଖଣ୍ଡି, ଥାନା:ଡୁଙ୍ଗୁରିପାଲି, ଜିଲ୍ଲା–ସୁବର୍ଣ୍ଣପୁର | 194/356 /357 | ଘରବାରି | 0.0400 | 0.0400 |
| 51 | 25/60 | ପରମେଶ୍ୱର ବିଶ୍ୱାଳ, ପି:ମୋତିରାମ ବିଶ୍ୱାଳ, ଜା:କୁଲତା, ବା:ସରେଇବାହାଲ | 194/ 356 /358 | ଘରବାରି | 0.0300 | 0.0300 |
| 52 | 25/61 | ବ୍ରଜ ମୋହନ ବିଶ୍ୱାଲ, ପି:ବିଦ୍ୟାଧର ବିଶ୍ୱାଲ, ଜା:କୁଲତା, ବା:ସରେଇବାହାଲ | 194/ 356 /359 | ଘରବାରି | 0.0400 | 0.0400 |

## ସଂକ୍ଷେପରେ

### କେସିଙ୍ଗା ବ୍ଲକ: ୧୧ କେନ୍ଦ୍ରରେ ୧୮୦୭ ପରୀକ୍ଷାର୍ଥୀ

**କେସିଙ୍ଗା,୧୯।୨(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୧୧ କେନ୍ଦ୍ରରେ ୧୮୦୭ଜଣ ଛାତ୍ରୀଛାତ୍ର ଗୁରୁବାର ମାଟ୍ରିକ ପରୀକ୍ଷା ଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବ୍ଲକ ସଦର ସରକାରୀ ଉଚ୍ଚ ବିଦ୍ୟାପୀଠଠାରେ ୨୬୯ ଜଣ, ସରସ୍ୱତୀ ବିଦ୍ୟା ମନ୍ଦିରରେ ୨୩୬, କନ୍ଦେଶିର ଉଚ୍ଚ ବିଦ୍ୟାଳୟରେ ୧୫୩, ଉକ୍ଳେଲା ଚାଚା ନେହେରୁ ଉଚ୍ଚ ବିଦ୍ୟାଳୟରେ ୧୪୨, ଗାଇଗାଁ ଉଚ୍ଚ ବିଦ୍ୟାଳୟରେ ୧୩୫, ପାଷ୍ଟିକୁଡ଼ି ଉଚ୍ଚ ବିଦ୍ୟାଳୟରେ ୧୭୩, ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ କୁଣ୍ଡାବନ୍ଧରେ ୧୧୨, କାଣ୍ଡଲ ଉଚ୍ଚ ବିଦ୍ୟାଳୟରେ ୧୯୯, ଜନତା ଉଚ୍ଚ ବିଦ୍ୟାଳୟ କଶୁପଡ଼ାରେ ୧୪୩, ନୋଡାଲ ଉଚ୍ଚ ବିଦ୍ୟାଳୟ ତୁଣ୍ଡଲାରେ ୧୪୪ ଓ ବେଲଖଣ୍ଡି ଉଚ୍ଚ ବିଦ୍ୟାଳୟରେ ୧୦୧ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଡ଼ିଆଳ,୧୯।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅରେଡା ପଞ୍ଚାୟତ ମୁହୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଦେବରାଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଳ ବିଇଓ କାହ୍ନୁଚରଣ ନାୟକ ମୁଖ୍ୟ ଅତିଥି, ଏବିଇଓ ପରେଶ ପଣ୍ଡା, ଜୟଦେବ ପଣ୍ଡା ଓ ଶିକ୍ଷକ ସଦାଶିବ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆର୍‌ସିସି ମିତ୍ରବାଦୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସଭାପତି ମହିପାଳ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ।

# ନିଆଁ ଲାଗି ପଦା ହେଉଛି ଜଙ୍ଗଲ

- ନିଶ୍ଚିହ୍ନ ହେବ କେଳିଆ ସଂରକ୍ଷିତ ଜଙ୍ଗଲ
- ବୃକ୍ଷ ରୋପଣ ନାଁରେ ଖର୍ଚ୍ଚ ହେଲାଣି ଲକ୍ଷାଧିକ ଟଙ୍କା, ଫଳ ଶୂନ

ଭବାନୀପାଟଣା, ୧୯।୨ (ଉତ୍ତମ କୁମାର ଦାଶ)

ପରିବେଶକୁ ସନ୍ତୁଳନ ତଥା ପ୍ରଦୂଷଣରୁ ରକ୍ଷା କରିବା ପାଇଁ ସରକାର ଗ୍ରାମାଞ୍ଚଳ ଜଙ୍ଗଲ ସୁରକ୍ଷା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ କର୍ମଚାରୀଙ୍କ ଆନ୍ତରିକତା ଅଭାବରୁ ଯୋଜନା ବିଫଳ ହୋଇ ଜଙ୍ଗଲଗୁଡ଼ିକ ଦିନକୁ ଦିନ ପଦା ହେବାରେ ଲାଗିଛି। ଏପରି ଏକ ଘଟଣା କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡର ଧର୍ମଗଡ ରେଞ୍ଜ ଅନ୍ତର୍ଗତ କେଳିଆ ସଂରକ୍ଷିତ ଜଙ୍ଗଲରେ ଦେଖିବାକୁ ମିଳିଛି। ବନବିଭାଗର ଆନ୍ତରିକତା ଅଭାବରୁ ଏବେ ଏହି ଜଙ୍ଗଲ ପଦା ହେବାକୁ ବସିଛି।

କେଳିଆ ସଂରକ୍ଷିତ ଜଙ୍ଗଲ ପ୍ରାୟ ୭୪୦ ହେକ୍ଟର ରହିଥିବାବେଳେ ଏହା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତର କେଳିଆ, ମୁଣ୍ଡିଗୁଡା ଓ ଆଟିଗାଁ ପଞ୍ଚାୟତର ଆଟିଗାଁ, ବାଗଡୁଙ୍ଗରୀ ଓ କାନ୍ଦୁଲଗୁଡା ମଧ୍ୟରେ ରହିଛି। ଦିନେ ସବୁଜମୟ ଥିବା ଏହି ଜଙ୍ଗଲରେ ଶାଗୁଆନ ଭଳି ଅନେକ ପ୍ରକାର ମୂଲ୍ୟବାନ ଗଛ ରହିଥିଲା।


ଜଙ୍ଗଲରେ ନିଆଁ ଲାଗି ବିଭିନ୍ନ ପ୍ରକାର ଗଛ ପୋଡ଼ିଯାଇଛି।

କାଳକ୍ରମେ କାଠ ମାଫିଆମାନେ ରାତିରେ ଆସି ମୂଲ୍ୟବାନ ଗଛଗୁଡ଼ିକ କାଟି ନେଇଥିବାବେଳେ ସ୍ଥାନୀୟ ଲୋକେ ମଧ୍ୟ ଘର କରିବା ପାଇଁ ବିଭିନ୍ନ ପ୍ରକାର ଗଛ କାଟି ନେଇଥିଲେ। ସେହିପରି ଜଙ୍ଗଲରେ ନିଆଁ ଲାଗି ଗଛଗୁଡ଼ିକ ମରିଯାଉଥିବା ଦେଖିବାକୁ ମିଳିଛି। ଗତ ୯ ତାରିଖରେ ଜଙ୍ଗଲରେ ଲାଗୁଥିବା ନିଆଁ ରୋକିବା ପାଇଁ ଦକ୍ଷିଣ ବନଖଣ୍ଡ ପକ୍ଷରୁ ମାଷ୍ଟର ପ୍ଲାନ କରାଯାଇଛି ବୋଲି ଭବାନୀପାଟଣାଠାରେ ଏକ ଖବରଦାତା ସମ୍ମିଳନୀରେ ଏସିଏଫ୍ ଓମ୍‌କାର ଦାଶ ପ୍ରକାଶ କରିଥିଲେ। ହେଲେ ବାସ୍ତବରେ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଏହି ଜଙ୍ଗଲକୁ ଦେଖିଲେ ଜଣାପଡୁଛି। ନିଆଁ ଲାଗିବା ଯୋଗୁ ଜଙ୍ଗଲର ଆୟତନ ପୂର୍ବାପେକ୍ଷା କମିଯିବା ସହ ପ୍ରାୟ ବଡ ଗଛଗୁଡ଼ିକ ନ ଥିବାରୁ ଏବେ ପଦା ହେଲା ଭଳି ଦେଖାଯାଉଛି। ଏପରିସ୍ଥଳେ ବନବିଭାଗ ପକ୍ଷରୁ ଏହି ଜଙ୍ଗଲକୁ ସବୁଜମୟ କରିବା ପାଇଁ ଗତ ୧୦ ବର୍ଷରେ ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଫଳ ଶୂନ ଭଳି ମନେ ହୁଏ। ଏ ନେଇ ଧର୍ମଗଡ଼ ରେଞ୍ଜର ଭବାନୀ ଶଙ୍କର କହଁରଙ୍କ ମୋବାଇଲ ନମ୍ବର ୯୭୭୭୦୨୪୮୨୨ ଓ ଏସିଏଫ୍ ଓମ୍‌କାର ଦାଶଙ୍କ ମୋବାଇଲ ନଂ ୭୨୦୫୨୨୭୫୦୨କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ।

## ଛାତ୍ର ଓ ଗୁରୁଙ୍କ ସମ୍ପର୍କ ଅତି ନିବିଡ଼


ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ଡିଗ୍ରୀ ମହିଳା କଲେଜର ବାର୍ଷିକ ଉତ୍ସବ

ଖଡ଼ିଆଳ,୧୯।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଡିଗ୍ରୀ ମହିଳା କଲେଜର ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ବିନୋଦ ବିହାରୀ ପାଢୀ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଟିଟିଲାଗଡ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଛାୟାକାନ୍ତ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଓ ଗୁରୁଙ୍କ ସମ୍ପର୍କ ଅତି ନିବିଡ଼ ବୋଲି କହିଥିଲେ। କଲେଜ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ଫଣିନ୍ଦ୍ରମ ଦେଓ, ପ୍ରତିଷ୍ଠାତା ସମ୍ପାଦକ ଡ. ପଦ୍ମ ଲୋଚନ ବର୍ମା, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା ପ୍ରିୟଙ୍କା ମୁଣ୍ଡ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଉପଲକ୍ଷେ ଜିଲାପାଳ କଲେଜର ପ୍ରାଚୀର ପତ୍ରିକା ଉନ୍ମୋଚନ କରି ଏହା ଏକ ସୁସ୍ଥ ପରମ୍ପରା ବୋଲି କହିଥିଲେ। କଲେଜ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ମହେଶ୍ୱତା ପଣ୍ଡା ଧନ୍ୟବାଦ ଦେଇଥିଲେ। ପୁଷ୍ପାଞ୍ଜଳି ପ୍ରାଧାନୀ, ପଙ୍କଜିନି ବିଶି, ସ୍ୱରୂପ ରାଣୀ କୁମାର, ସସ୍ମିତା ବିଶି ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ଦିନରେ ୪୨୨ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ

ଭବାନୀପାଟଣା, ୧୯।୨ (ଉତ୍ତମ କୁମାର ଦାଶ)

ରାଜ୍ୟରେ ଗୁରୁବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳାହାଣ୍ଡି ଜିଲାରେ ୪୨୨ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଚଳିତବର୍ଷ ରେଗୁଲାରରେ ୨୧,୧୦୩ ଜଣ, ଏକ୍ସ ରେଗୁଲାରରେ ୧୦୬, କରେସପଣ୍ଡେନ୍ସ କୋର୍ସରେ ୩୪ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଅଧୀନରେ ୨୬୯ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ପ୍ରଥମ ଦିନ ସାହିତ୍ୟ ପରୀକ୍ଷାରେ ରେଗୁଲାରରେ ୨୧,୧୦୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦,୬୮୧ ଜଣ ପରୀକ୍ଷା ଦେଇଥିଲେ। ଅବଶିଷ୍ଟ ୪୨୨ ଜଣ ପରୀକ୍ଷା ଦେଇ ନ ଥିଲେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଅଧୀନରେ ୨୬୯ ଜଣଙ୍କ ମଧ୍ୟରୁ ୨୦୨ ଜଣ ପରୀକ୍ଷା ଦେଇଥିବାବେଳେ ୬୭ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ। ଜିଲାରେ ୧୪ ନୋଡାଲ ସେଣ୍ଟର ସହ ୧୩୦ଟି କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩୫ ଟିମ ନିୟୋଜିତ ହୋଇଛନ୍ତି। ପରୀକ୍ଷା ପରିଚାଳନା ପାଇଁ ୧୩୧ ଜଣ ପର୍ଯ୍ୟବେକ୍ଷକ, ୩ଟି ସ୍କ୍ୱାଡ୍, ଗୋଟିଏ ବୋର୍ଡ ସ୍କ୍ୱାଡ୍ ଓ ଜିଲା ପ୍ରଶାସନର ଗୋଟିଏ ସ୍କ୍ୱାଡ୍ କପି ରୋକିବା ପାଇଁ ନିୟୋଜିତ ରହିଛନ୍ତି। ସମସ୍ତ ନୋଡାଲ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରରେ ଏଆଇ କ୍ୟାମେରା ଲଗାଯାଇଛି।

## ଆଧୁନିକ କଳାହାଣ୍ଡିର ରୂପକାର ଥିଲେ ବ୍ରଜମୋହନ ଦେଓ

ଭବାନୀପାଟଣା,୧୯।୨ (ଉତ୍ତମ କୁମାର ଦାଶ)

ବିଂଶ ଶତାବ୍ଦୀର ତୃତୀୟ ଦଶକ ବେଳକୁ ଯେତେବେଳେ ବିଭିନ୍ନ ଗଡ଼ଜାତ ରାଜ୍ୟ ତଥା ଓଡ଼ିଶାର ପ୍ରମୁଖ ସହରାଞ୍ଚଳରେ ରାସ୍ତା, ବିଦ୍ୟୁତ୍, ପାଇପ ଜଳ ଯୋଗାଣ, ଟେଲିଫୋନ ଭଳି ସୁବିଧା ନ ଥିଲା ସେ ସମୟରେ କଳାହାଣ୍ଡି ଗଡଜାତର ୩୦ ତମ ନାଗବଂଶି ମହାରାଜା ବ୍ରଜ ମୋହନ ଦେଓ ତାଙ୍କ ରାଜଧାନୀ ସହର ଭବାନୀପାଟଣାରେ ଏହିସବୁ ବ୍ୟବସ୍ଥା କରାଇଥିଲେ। ସେ ପ୍ରଶାସନିକ ସଂସ୍କାର ଆଣି ପୋଲିସ ବିଭାଗକୁ ଆଧୁନିକିକରଣ ଓ ଆଧୁନିକ ପଦ୍ଧତିରେ ଜମି ବନ୍ଦୋବସ୍ତ କରାଇଥିଲେ। ତାଙ୍କ ଦ୍ୱାରା ଭବାନୀପାଟଣାରେ ପ୍ରଥମ ଉଚ୍ଚ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ବ୍ରଜମୋହନ ଦେଓ କଳାହାଣ୍ଡିର ୩୦ତମ ନାଗବଂଶୀ ମହାରାଜା ଥିଲେ ଓ ଆଧୁନିକ କଳାହାଣ୍ଡିର ରୂପକାର ଥିଲେ ବୋଲି ବ୍ରଜ ମୋହନ ସାହିତ୍ୟ ସମିତିର ପୁନରୁଦ୍ଧାର କାର୍ଯ୍ୟକ୍ରମ ନିମନ୍ତେ ଆୟୋଜିତ 'ଆଧୁନିକ କଳାହାଣ୍ଡିର ନିର୍ମାତା ବ୍ରଜମୋହନ ଦେଓ' ଶୀର୍ଷକ ବକ୍ତୃତାମାଳାରେ ଆଲୋଚକ ଉମା ଶଙ୍କର କର ମତ ରଖିଥିଲେ। ଗୁରୁବାର ଅପରାହ୍ନରେ ଭବାନୀପାଟଣା ରାଜବାଟି ସଭା ମଣ୍ଡପଠାରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜମାତା ପଦ୍ମମଞ୍ଜରୀ ଦେଓ ମୁଖ୍ୟ ଅତିଥି ଓ ମହାରାଣୀ ରିତୁଜା କୁମାରୀ ଦେବୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଡ. ଦାଶରଥି ଆଚାର୍ଯ୍ୟ ବ୍ରଜ ମୋହନ ସାହିତ୍ୟ ସମିତିର ପ୍ରତିଷ୍ଠା ଓ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ମହାରାଜା ଅନନ୍ତ ପ୍ରତାପ ଦେଓ ସ୍ୱାଗତ ଭାଷଣ ଦେବା ସହ ବ୍ରଜ ମୋହନ ସାହିତ୍ୟ ସମିତି ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବ ବୋଲି କହିଥିଲେ।ଏହି ଅବସରରେ ପଦ୍ମଶ୍ରୀ ପଟାୟତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆକାଶବାଣୀ ଉଦଘୋଷକ ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ସଂସ୍କୃତି ଗବେଷକ ତଥା ବରିଷ୍ଠ ଖବରଦାତା ସତ୍ୟ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ କଳାହାଣ୍ଡି ମହାରାଜାଙ୍କ ସହ ମହାରାଣୀ ଓ ପଦ୍ମଶ୍ରୀ ପଟାୟତ ସାହୁ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଳତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଟାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଳ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

**OIPR-32001/32557/3/25-26/0003**

## ରାଜ୍ୟ କାର୍ଯ୍ୟାଳୟରେ ଭାଜପାର ମିଶ୍ରଣ ପର୍ବ

**ଯୋଗଦେଲେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା, ସମିତି ସଭ୍ୟ**

**ଭବାନୀପାଟଣା,୧୯।୨(ଉତ୍ତମ କୁମାର ଦାଶ):** ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ସମେତ ସ୍ଥାନୀୟ ସମିତି ସଭ୍ୟ ମୁକ୍ତା ଭୋଇ, ଯଶୋବନ୍ତି ନାଏକ, ତ୍ରିନାଥ ମାଝୀ, ପୁଙ୍ଗୁରି ମାଝୀ, ସନ୍ୟାସୀ ମାଝୀ, ରୁପେନ୍ଦ୍ର ଛତ୍ରିଆ, ସାମାଜିକ କର୍ମୀ ହରିଶଙ୍କର ପାତ୍ର, ଦିଲୀପ କୁମାର ନାଗ, ସାନ ନାଗ, ଥୁଆମୂଳ ରାମପୁର ବ୍ଲକର ସରପଞ୍ଚ ଗୀତାଞ୍ଜଳି ମାଝୀ, ରାନୀ ନାଏକ, ବିକ୍ରମ ମାଝୀ, ଈଶ୍ୱର ରେଲି, ଅଜିତ ନାଗ, ମନୋଜ କୁମାର ନାଗ, ପୀତବାସ ନାଗ, ଭବାନୀପାଟଣା ବ୍ଲକର ପୂର୍ବତନ ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ପ୍ରଧାନ, ବିଜେଡି ଯୁବନେତା ଅବନୀ ଭୋଇ, ସୁଧୀର ଗହୀର, ବରୁଣ ମାଝୀ, ବିଭୀଷଣ ମାଝୀ, ନର୍ଲା ବ୍ଲକର ସାମାଜିକ କର୍ମୀ ମୋତିଲାଲ ଭୋଇ ପ୍ରମୁଖ ବିଜେଡି ଓ କଂଗ୍ରେସ ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଏହି ସମୟରେ ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

## ଧାର ଚାଉଳରେ ଚାଲିଛି ମଧ୍ୟାହ୍ନ ଭୋଜନ

ଥୁଆମୂଳ ରାମପୁର,୧୯।୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। କେଉଁଠି ଶିକ୍ଷକଙ୍କ ଅଭାବ ତ କେଉଁଠି ମଧ୍ୟାହ୍ନ ଭୋଜନରେ ଅନିୟମିତତା। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ଲକ ସଦର କୋଷାବରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଗୁରୁବାର ସକାଳ ୧୦ଟା ୩୦ ମିନିଟ ସୁଦ୍ଧା ବିଦ୍ୟାଳୟରେ କୌଣସି ଶିକ୍ଷକ ପହଞ୍ଚି ନ ଥିଲେ। ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ଝୁଲୁଥିବାରୁ ଛାତ୍ରୀଛାତ୍ରମାନେ ବାହାରେ ଅପେକ୍ଷା କରିବା ପରେ ଶେଷରେ ପାଚେରୀ କଡ଼ରେ ଥିବା ଏକ ଭଙ୍ଗା ରାସ୍ତା ଦେଇ ବିଦ୍ୟାଳୟ ପରିସରକୁ ପ୍ରବେଶ କରିଥିଲେ। ଦୀର୍ଘ ସମୟ ପରେ ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ ବିଦ୍ୟାଳୟରେ ପହଞ୍ଚିଥିଲେ। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ, ଗାଡ଼ି ଖରାପ ଯୋଗୁ ଆଜି ବିଳମ୍ବ ହେଲା ବୋଲି ସେ ସଫେଇ ଦେଇଛନ୍ତି। ସେହିପରି ମଧ୍ୟାହ୍ନ ଭୋଜନ ପରିଚାଳନାରେ ମଧ୍ୟ ଅନିୟମିତତା ସାମ୍ନାକୁ ଆସିଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୯ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ଗତ ୧୫ ଦିନ ହେଲା ସରକାରୀ ସଂସ୍ଥା ପକ୍ଷରୁ ଚାଉଳ ଯୋଗାଇ ଦିଆଯାଇ ନାହିଁ। ପିଲାଙ୍କୁ ଭୋକିଲା ନ ରଖିବା ପାଇଁ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକମାନେ ବିଭିନ୍ନ ଦୋକାନରୁ ଧାର ଉଧାର କରି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ନାୟକଙ୍କୁ ପଚାରିବାରୁ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି, ତେଣୁ ବାଧ୍ୟ ହୋଇ ଧାର ଚାଉଳରେ ପିଲାଙ୍କୁ ଖାଇବାକୁ ଦେଉଛୁ ବୋଲି ସେ ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।



## ୮୦୧୯ ଚାଷୀଙ୍କ ଉଠିଲା ୩ ଲକ୍ଷ କୁଇଣ୍ଟାଲ ଧାନ

କେସିଙ୍ଗା, ୧୯।୨ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ବିଭିନ୍ନ ମଣ୍ଡିରୁ ଧାନ ଉଠୁ ନ ଥିବା ନେଇ ଗତ ୮ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିଲା। ବ୍ଲକର ୭ ପାକ୍ସ ଅଧୀନରେ ଥିବା ୧୫ ମଣ୍ଡିରୁ ୮୦୧୯ ଚାଷୀଙ୍କଠାରୁ ଗୁରୁବାର ସୁଦ୍ଧା ୩ ଲକ୍ଷ ୫୯ ହଜାର ୫୧୨ କୁଇଣ୍ଟାଲ ଧାନ ଉଠିଥିବା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏବେ ମଧ୍ୟ ବିଭିନ୍ନ ମଣ୍ଡିରେ ଧାନ ପଡିରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଗୋକୁଳେଶ୍ୱର ପାକ୍ସ ଅଧୀନ ମଣ୍ଡିରୁ ୧୦୩୬ ଚାଷୀଙ୍କଠାରୁ ୫୨ହଜାର ୫୫୧ କୁଇଣ୍ଟାଲ ଧାନ ଉଠିଥିବା ବେଳେ ୨୧୪.୨୪ କୁଇଣ୍ଟାଲ ପଡିରହିଛି। ସେହିପରି କଶୁପଡ଼ା ପାକ୍ସର ୩ ମଣ୍ଡିରୁ ୯୮୬ ଚାଷୀଙ୍କ ୪୭ହଜାର ୨୬୨.୪୦ କୁଇଣ୍ଟାଲ ଉଠିଥିବାବେଳେ ୫୨୨.୮୭ କୁଇଣ୍ଟାଲ ପଡ଼ିରହିଛି। କାଣ୍ଡେଲର ୩ ମଣ୍ଡିରୁ ୧୦୯୮ ଚାଷୀଙ୍କ ୪୩ହଜାର ୮୮୦.୩୪ କୁଇଣ୍ଟାଲ ଧାନ ଉଠିଛି ଓ ୧୦୭.୬୫ କୁଇଣ୍ଟାଲ ଧାନ ଉଠି ନାହିଁ। କେସିଙ୍ଗାର ୨ ମଣ୍ଡିରୁ ୫୧୪ ଚାଷୀଙ୍କ ୨୦ହଜାର ୬୨୧.୪୪କୁଇଣ୍ଟାଲ ଧାନ ଉଠିଥିବାବେଳେ ୨୯୯.୪୪ କୁଇଣ୍ଟାଲ ପଡ଼ି ରହିଛି। ସେହିପରି ପାଷ୍ଟିକୁଡ଼ିର ଗୋଟିଏ ମଣ୍ଡିରୁ ୧୦୫୧ ଚାଷୀଙ୍କ ୪୬ହଜାର ୬୧୯.୦୮ କୁଇଣ୍ଟାଲ ଧାନ ଉଠିଛି ଓ ୨୦୪.୫୯ କୁଇଣ୍ଟାଲ ପଡ଼ିରହିଛି। ତୁଣ୍ଡଲାର ୩ ମଣ୍ଡିରୁ ୧୬୬୪ ଚାଷୀଙ୍କ ୭୦ହଜାର ୬୫୯.୬୬ କୁଇଣ୍ଟାଲ ଧାନ ଉଠିଥିବା ବେଳେ ୫୨୬.୯୩ କୁଇଣ୍ଟାଲ ଉଠିନାହିଁ। ଉକ୍ଳେଲାର ୨ ମଣ୍ଡିରୁ ୧୬୭୦ ଚାଷୀଙ୍କ ୭୭ହଜାର ୯୧୭.୯୨ କୁଇଣ୍ଟାଲ ଧାନ ଉଠିଥିବା ବେଳେ ୪୮୨.୯୨ କୁଇଣ୍ଟାଲ ପଡ଼ିରହିଛି। ଏ ସଂକ୍ରାନ୍ତରେ କେସିଙ୍ଗା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଜ୍ୟୋତି ରଞ୍ଜନ ଦାଶଙ୍କୁ ପଚାରିବାରୁ ଚଳିତ ସପ୍ତାହରେ ୭ ପାକ୍ସରେ ସବୁ ଧାନ ଉଠିବ ବୋଲି ପ୍ରକାଶ କରିଥିଲେ।

ଧରିତ୍ରୀ ପ୍ରଭାବ


ପାଷ୍ଟିକୁଡି ଓ କିକିଆ ପାକ୍ସରୁ ଧାନ ଉଠାଯାଉଛି।

**ଅଟୋ ସହ ଗଞ୍ଜେଇ ଜବତ, ଅଭିଯୁକ୍ତ କୋର୍ଟଚାଲାଣ**

**ବଘିଆପଡା (ଶ୍ରୀକାନ୍ତ ସାହୁ):** ବୌଦ୍ଧ ଥାନା ରୋହିଣୀପଦର ଛକରୁ ଅଟୋ ସହ ୧୮ କେଜି ଗଞ୍ଜେଇ ଜବତ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟିକରପଡ଼ା ପଞ୍ଚାୟତ ଗୁଡବାହାଲି ଗ୍ରାମର ଅଟୋ ଚାଳକ ସୁଜିତ ମହାନନ୍ଦିଆ। ତାଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଟିକରପଡା ପଞ୍ଚାୟତ ଅଞ୍ଚଳରେ ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ଏକ ଅଟୋକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଗଞ୍ଜେଇକୁ ଓଜନ କରାଯିବାରୁ ତାହା ୧୮ କେଜି ହୋଇଥିଲା।

## ସଂକ୍ଷେପରେ

### ୨୦୧୯ ପରୀକ୍ଷାର୍ଥୀଙ୍କ ଅଂଶଗ୍ରହଣ

**ରାଜବୋଡାସମ୍ବର ବ୍ଲକରେ ମାଟ୍ରିକ ପରୀକ୍ଷା**

ପଦ୍ମପୁର, ୧୯।୨(ପ୍ରଦୀପ୍ତ ଦାଶ): ଚଳିତବର୍ଷର ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଥିବାବେଳେ ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକରେ ୧୩ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନ ଓଡ଼ିଆ ଭାଷା ପରୀକ୍ଷା ସୂଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଏଥିରେ ମୋଟ ୨୦୧୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ସୂଚନା ମିଳିଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ କେନ୍ଦ୍ର ଅଧୀକ୍ଷକ ଓ ପର୍ଯ୍ୟବେକ୍ଷକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ଶାନ୍ତିଶୃଙ୍ଖଳା ଓ ସୁରକ୍ଷାମୂଳକ ପରିବେଶରେ ସମ୍ପାଦନ ହୋଇଥିଲା। ଏହି ସମ୍ବନ୍ଧରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ସୂଚନା ଦେଇ କହିଛନ୍ତି, ପରୀକ୍ଷାକୁ ସୂଚାରୁ ଭାବେ ପରିଚାଳନା କରିବା ପାଇଁ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଗାମୀ ଦିନଗୁଡ଼ିକର ପରୀକ୍ଷା ମଧ୍ୟ ଏହିଭଳି ଶାନ୍ତିପୂର୍ଣ୍ଣ ଭାବେ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ବରପାଲି, ୧୯।୨(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲି ଅଞ୍ଚଳର ବରିଷ୍ଠ ଆଇନଜୀବୀ ହାଡୁ ଦାଶଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ଅସୁସ୍ଥ ହୋଇ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବୁଧବାର ରାତିରେ ତାଙ୍କ ପରଲୋକ ହେବା ପରେ ଗୁରୁବାର ସକାଳେ ବରପାଲିରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର ପୂର୍ଣ୍ଣେନ୍ଦୁ ମୁଖାଗ୍ନି ଦେଇଥିଲେ। ସକାଳେ ତାଙ୍କ ମର ଶରୀରକୁ ତାଙ୍କ ବରପାଲି ବାସଗୃହକୁ ଅଣାଯିବା ପରେ ବରପାଲିର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ସ୍ୱର୍ଗତ ଦାଶ ବରପାଲି ଓକିଲ ସଂଘର ପ୍ରତିଷ୍ଠାତା ସଭ୍ୟ ଥିଲେ। ଗୁରୁବାର ବରପାଲି ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ଯୋଗାଣ ବିଭାଗର ତଦନ୍ତ ଆରମ୍ଭ

**୫ମିନିଟ୍ ବ୍ୟବଧାନରେ ଗୋଟିଏ ଗାଡ଼ିରେ ୨ମିଲକୁ ଧାନ ଯାଇଥିବା ଘଟଣା**

ବରଗଡ଼, ୧୯।୨(ପ୍ରେମାନନ୍ଦ ଖମାରୀ)




ବରଗଡ଼ ଜିଲାରେ ଧାନକିଣାରେ ଫଲ୍ସ ଏଣ୍ଟ୍ରି ଜଣାପଡ଼ିଛି। ୫ମିନିଟ୍ ବ୍ୟବଧାନରେ ଗୋଟିଏ ଗାଡ଼ିରେ ୨ମିଲକୁ ଧାନ ଯାଇଥିବା ଘଟଣା ଜଣାପଡ଼ିବା ପରେ ବରଗଡ଼ ଜିଲା ସହ ରାଜ୍ୟ ବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ଏବଂ ପଦ୍ମପୁର ସହକାରୀ ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଏହାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରାଯାଇଛି। ସମ୍ପୃକ୍ତ ଟିମ୍ ବୁଧବାର ସମ୍ପୃକ୍ତ ମଣ୍ଡିକୁ ଯାଇ ଏହାର ପ୍ରାଥମିକ ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ଉକ୍ତ ଟିମ୍ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ଜିଲାରେ ରବି ଧାନ ଚାଷକାର୍ଯ୍ୟ ଆଗେଇ ଚାଲିଛି। ହେଲେ ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ଖରିଫ୍‌ରେ ଅମଳ କରିଥିବା ଧାନକୁ ବିକ୍ରି କରିପାରି ନାହାନ୍ତି। ବିକ୍ରି ଅପେକ୍ଷାରେ ସେମାନଙ୍କ ଧାନ ଜିଲାର ବିଭିନ୍ନ ମଣ୍ଡି (ଧାନକ୍ରୟ କେନ୍ଦ୍ର)ରେ ପଡ଼ି ରହିଛି। ଅନ୍ୟପଟେ ମଣ୍ଡିକୁ ଆସି ନ ଥିବା ଧାନ ମଧ୍ୟସ୍ଥ(ବେପାରୀ)ଙ୍କ ଜରିଆରେ ସିଧାସଳଖ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲକୁ ଯାଉଛି। ତାକୁ ବିଭାଗୀୟ କର୍ମଚାରୀମାନେ କାଗଜାତ୍‌ରେ ଫଲ୍ସଏଣ୍ଟ୍ରି କରୁଥିବା ଅଭିଯୋଗ ହୋଇଛି। ଜିଲାର ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକ ବଡ଼ବାଉଶେନ ଅନ୍ତର୍ଗତ ତଥା ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆର୍ଏମସି) ଅଧିନ ଖରମୁଣ୍ଡା ଧାନକ୍ରୟ କେନ୍ଦ୍ର (ଏମୱାଇ୦୩୭୧୨)ରେ ୫ମିନିଟ୍ ବ୍ୟବଧାନରେ ଗୋଟିଏ ଗାଡ଼ି ନଂ. ଓଡ଼ି୧୭କେ ୪୪୯୭ରେ ୨ଟି ରାଇସ୍ ମିଲକୁ ଯଥାକ୍ରମେ ୧୮୫ ପକେଟ୍ ବା ୮୩.୭୨ କୁଇଣ୍ଟାଲ ଏବଂ ୧୬୦ପକେଟ୍ ବା ୬୫.୩୧ କୁଇଣ୍ଟାଲ ଧାନ ଯାଇ ମଣ୍ଡି ଓ ମିଲ୍‌ରେ ଲୋଡ୍, ଅନଲୋଡ୍ ହେବା ଘଟଣା ସମସ୍ତଙ୍କୁ ଚକିତ କରି ପକାଇଛି। ବୁଧବାର ଧରିତ୍ରୀରେ ସଚିତ୍ର ଯୋଗାଣ ବିଭାଗ ପକ୍ଷରୁ ଇସ୍ୟୁ ହୋଇଥିବା ଟ୍ରାନଜିଟ୍ ପାସ୍ କମ ଏକସେପଟେନ୍ସ ନୋଟ୍ କପି ସହ ଖବର ପ୍ରକାଶ ପାଇବା ପରେ ଘଟଣାଟି ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି।

ତେବେ ଏହି ଘଟଣାକୁ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ମଧ୍ୟ ଗୁରୁତ୍ୱର ସହିତ ନେଇଥିବା ଜଣାପଡ଼ିଛି। ଖବର ପ୍ରକାଶ ପାଇବା ପରେ ବୁଧବାର ଜିଲାପାଳ ଗୋୟଲ ଏହାର ବିଧିବଦ୍ଧ ତଦନ୍ତ ସହିତ ରିପୋର୍ଟ ପ୍ରଦାନ ପାଇଁ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଆଚାର୍ଯ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଟିମ୍‌ଙ୍କ ରିପୋର୍ଟ ଏବଂ ସେହି ଅନିୟମିତତାରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ତାକୁ ସମସ୍ତେ ଚାହିଁ ବସିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ (ସିଏସଓ) ଦିବ୍ୟସିଂ ବଡ଼ମାଳି କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ଆସିବା ପରେ ଯାହାକିଛି କାର୍ଯ୍ୟାନୁଷ୍ଠାନ ନିଆଯିବ।

ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଫଲ୍ସ ଏଣ୍ଟ୍ରି ନୂଆ କଥା ନୁହେଁ। ପ୍ରତ୍ୟେକ ବର୍ଷ ଏହା ହେଉଛି। କୃଷକ ସଙ୍ଗଠନ ଯେତେ ଅଭିଯୋଗ କଲେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବରଂ ଏଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଛି। ଖରମୁଣ୍ଡା ମଣ୍ଡିରୁ ଆସିଥିବା ଘଟଣା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଧାନ କିଣାବିକାରେ ସରକାରଙ୍କ ପାରଦର୍ଶିତା, ସ୍ୱଚ୍ଛତା ନାହିଁ। କାଗଜପତ୍ରରେ କେବଳ ଧାନ କିଣାବିକା ଚାଲିଛି। ବରଗଡ଼ ଜିଲାରେ ଯେତେ ଧାନ ସଂଗ୍ରହ ହେଉଛି, ତାର ତୁଳନାତ୍ମକ ରାସ୍ତା, ଗାଡ଼ି, ମୋଟର କିମ୍ବା ମଣ୍ଡିରେ ଧାନ କିଣାବିକା ପରିଚାଳନା ପାଇଁ ଅଧିକାରୀ କର୍ମଚାରୀ ନାହାନ୍ତି। ସିସି କ୍ୟାମେରା, ଭେଇକିଲ୍ ଟ୍ରାକିଂ ସିଷ୍ଟମ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତେବେ ଏଭଳି ଫଲ୍ସଏଣ୍ଟ୍ରି ଧାନ ସଂଗ୍ରହ ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ଅଧିକାରୀ, ମିଲର୍ସ, ଧାନକ୍ରୟ ସଂସ୍ଥାର ଜାଣତରେ ହେଉଥିବା ଏବଂ ଏଥିରେ ରାଜନେତା, ବେପାରୀଙ୍କ ସମ୍ପୃକ୍ତି ରହିଥିବା ଯୋଗୁ ଏହି ଅନିୟମିତତା ଉପରେ ମଧ୍ୟ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶା କରୁନାହିଁ।

## ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ପଲସାଗୋରା, ୧୯।୨(ଅଶ୍ୱିନୀ କୁମାର ନନ୍ଦ)



ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଛି।

କନ୍ଧମାଳ ତହସିଲ ମନମୁଣ୍ଡା ରାଜସ୍ୱ ସର୍କଲ ଅନ୍ତର୍ଗତ ବାସୁଦେବପାଲି ଗ୍ରାମରେ ଜବରଦଖଲ ଉଚ୍ଛେଦ କରିଛି ତହସିଲ ପ୍ରଶାସନ। ମିଳିଥିବା ସୂଚନା ଅନୁଯାୟୀ, ବାସୁଦେବପାଲି ଗ୍ରାମରେ ଥିବା ସରକାରୀ ଜମିରେ ଜଣେ ବ୍ୟକ୍ତି ବହୁବର୍ଷ ହେଲା ଗୃହ ନିର୍ମାଣ କରି ରହିଆସୁଥିଲେ। ଗୁରୁବାର ଅପରାହ୍ନ ୧ଟା ସମୟରେ ତହସିଲଦାର ଶ୍ୱେତପଦ୍ମା ଜୋଶୀ, ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, ରାଜସ୍ୱ ନିରୀକ୍ଷକ ପ୍ରମୋଦ କୁମାର ଯାନି, ପୋଲିସ୍ ଏସ୍ଆଇ ହିମାଂଶୁ ଓଝା, କନଷ୍ଟେବଲ ସୁଶାନ୍ତ କୁମାର ନାଏକଙ୍କ ଉପସ୍ଥିତିରେ ଜେସିବି ଲଗାଇ ଉକ୍ତ ଘରକୁ ଉଚ୍ଛେଦ କରାଯାଇଥିଲା।

## ସୋହେଲା କପ୍ କ୍ରିକେଟ: ସୋହେଲା, ବଲାଙ୍ଗୀର ବିଜୟୀ

**ସୋହେଲା, ୧୯।୨(ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ମିନି ଷ୍ଟାଡିୟମଠାରେ ଚାଲିଥିବା ସୋହେଲା କପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିନ ସୋହେଲା ଏବଂ ୟଙ୍ଗ ଷ୍ଟୁଡେଣ୍ଟ ବଲାଙ୍ଗୀର ନିଜ ମ୍ୟାଚରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସୋହେଲା କନସିଂହାକୁ ୨୨ ରନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସୋହେଲା ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୫୬ ରନ କରିଥିଲେ। କନସିଂହା ଦଳ ଏହି ଟାର୍ଗେଟକୁ ପିଛା କରି ୧୩୪ ରନ୍‌ରେ ଅଲଆଉଟ ହୋଇ ୨୨ ରନ୍‌ରେ ପରାଜିତ ହୋଇଥିଲା। ସୋହେଲା ଦଳର ଖେଳାଳି ଅଶୋକ ମିଶ୍ର ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ୟଙ୍ଗ ଷ୍ଟୁଡେଣ୍ଟ ବଲାଙ୍ଗୀର ଏବଂ ଲାଉମୁଣ୍ଡା ମଧ୍ୟରେ ଖେଳାଯାଇଥିଲା। ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ୧୭୫ ରନ କରିଥିଲେ। ଲାଉମୁଣ୍ଡା ଦଳ ଏହି ସ୍କୋରକୁ ପିଛାକରି ୧୧୭ ରନ କରିଥିଲେ ଏବଂ ୫୮ ରନରେ ପରାଜିତ ହୋଇଥିଲେ। ଏହି ମ୍ୟାଚରେ ବଲାଙ୍ଗୀରର ସୁମନ୍ତ ମିଶ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ମ୍ୟାଚକୁ ଓସିଏ ଅମ୍ପାୟାର ହନୁ ଅଗ୍ରୱାଲ ଏବଂ ଅନ୍ତର୍ଯ୍ୟାମୀ ପଧାନ ପରିଚାଳନା କରିଥିଲେ। ଅନିମେଶ ଦେବତା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରିଙ୍କୁ ଭୋଇ, ଚନ୍ଦ୍ରମଣି ଭଞ୍ଜ ଧାରାବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଖେଳାଳି ଜୟ ପ୍ରକାଶ ଅଗ୍ରୱାଲ, ଶୈଳେଶ ଗୁପ୍ତା, ଭୋଳା ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ

ବରପାଲି, ୧୯।୨(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ହଲଦିପାଲି ଗ୍ରାମରେ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ୫ଦିନ ବ୍ୟାପି କାର୍ଯ୍ୟକ୍ରମର ପ୍ରଥମ ଦିନରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କର୍ତ୍ତା ଭାବରେ ଶ୍ରୀପତି ଭୋଇ ଓ ପତ୍ନୀ ଦ୍ରୌପଦୀ ଭୋଇ ଯୋଗଦାନ କରିଛନ୍ତି। ସାଂସ୍କୃତିକ ସନ୍ଧ୍ୟାରେ କଂସ ଦରବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମ୍ୟାନେଜିଂ ଟ୍ରଷ୍ଟି ଲାଲବିହାରୀ ରଣା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରପାଲି ତହସିଲଦାର ରୁକମଣ ମେହେର ଯୋଗଦାନ କରିଥିଲେ। ସ୍ଥାନୀୟ ସମିତିସଭ୍ୟ ସୁଶୀଲ ନାଗ, ୱାର୍ଡ ମେମ୍ବର ବୃନ୍ଦା ବାଗ, ଶାନ୍ତନୁ ଛତ୍ରିଆ, ଚିତ୍ରସେନ ନାଗ, ପ୍ରେମାନନ୍ଦ ଭୋଇ, ପଞ୍ଚାନନ ପଧାନ, ପିତାମ୍ବର ଭୋଇ, ଦିଲୀପ ନାଏକ, ସୁଦାମ ଦାସ ଯୋଗଦାନ କରିଥିଲେ। ଗଙ୍ଗାଧର ଭୋଇ, ଅଭିମନ୍ୟୁ ଖୁଣ୍ଟୁଲା, ଧୀରେନ ହାତୀ ସହଯୋଗ କରିଥିଲେ। ଜୟ କିଷାନ ଯୁବକ ସଂଘର ସମ୍ପାଦକ ମନୋଜ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଜୀବ କୁମାର ସାହୁ ପରିଚାଳନା କରିଥିଲେ। ପଦ୍ମନ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ତରଫରୁ ଛୁମକୁଛୁମା ସାଂସ୍କୃତିକ କଳା ପରିଷଦ ବରଗଡ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜାତୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ




ଜାତୀୟ ଶିଶୁ ସାହିତ୍ୟିକ ସମ୍ମିଳନୀରେ ଅତିଥିଙ୍କ ସହ କର୍ମକର୍ତ୍ତା।

ବରପାଲି, ୧୯।୨(ଚିତ୍ତରଞ୍ଜନ ସାହୁ)

**ଡା. ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ଶ୍ରାଦ୍ଧବାର୍ଷିକୀ**

ବରଗଡ଼ ଜିଲା ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ଏକାଡ଼େମୀର ପ୍ରତିଷ୍ଠାତା ସ୍ୱର୍ଗତ ଡା. ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଜାତୀୟ ଶିଶୁ ସାହିତ୍ୟିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶିଶୁ ସାହିତ୍ୟିକମାନେ ସ୍ୱଭାବ କବିଙ୍କ ବାସଭବନକୁ ଯାଇ ବୁଲି ଦେଖିବା ସହ କବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଓ ସଭାପତି ଡା. ସୁବ୍ରତ ମୁଣ୍ଡ, ଡା.ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ପ୍ରତିମୂର୍ତ୍ତିଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ତାଙ୍କ ପରିଚାଳନାରେ ଅନୁଷ୍ଠାନର କର୍ମକର୍ତ୍ତା ଶ୍ରୀମଦ୍‌ଭଗବତ ଗୀତା ପାଠ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଗଙ୍ଗାଧର ଶିଶୁ ସାହିତ୍ୟ ସଂସଦର ଶିଶୁମାନଙ୍କ ଦ୍ୱାରା ଶିଶୁ ସାହିତ୍ୟିକଙ୍କ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ପ୍ରାରମ୍ଭିକ ନୃତ୍ୟ ପରିବେଷଣ ପରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା 'ଗୋକର୍ଣିକା' ପତ୍ରିକାର ସମ୍ପାଦକ ରମାକାନ୍ତ ଜେନା, ଉପସଭାପତି ମହେନ୍ଦ୍ର କୁମାର ମଲ୍ଲିକ, ସମ୍ପାଦକ ବୀରେନ୍ଦ୍ର ମହାନ୍ତି, ସ୍ୱତନ୍ତ୍ର ଅତିଥି ଡ.ସୁନାମଣି ରାଉତ, ଆଲୋଚକ ଭାବେ ଡ. ରବୀନ୍ଦ୍ର ଗଡତିଆ ଓ ଡ. ରାଜକିଶୋର ପାଢ଼ୀ ଯୋଗଦେଇ ଡକ୍ଟର ମୁଣ୍ଡଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଓଡିଆ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁ ସାହିତ୍ୟିକ ଡ.ରବିନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ସମାରୋହରେ ଆବାହକ ତଥା ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ଶେଷରେ ସଙ୍ଗୀତଜ୍ଞ ନବକିଶୋର ମହନ୍ତମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଅଧ୍ୟକ୍ଷ ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ରୋହିତରାୟ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମକର୍ତ୍ତାମାନଙ୍କୁ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକାସୁନିତାମୁଣ୍ଡଧନ୍ୟବାଦଜଣାଇଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ



| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଲତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଟାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଳ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

**OIPR-32001/32557/3/25-26/0003**


### ଭିବି ଜି ରାମ୍‌ଜି ଜନଜାଗରଣ ଅଭିଯାନ କର୍ମଶାଳା

**ପଲସାଗୋରା, ୧୯।୨(ଅଶ୍ୱିନୀ କୁମାର ନନ୍ଦ):** ବୌଦ୍ଧ ଜିଲା ମନମୁଣ୍ଡାରେ ଗୁରୁବାର ଭିବି ଜି ରାମ୍‌ଜି ଜନଜାଗରଣ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଭାଜପା ସଭାପତି ଶ୍ରୀକାନ୍ତ ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଜିଲା ସଭାପତି ପ୍ରେମାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅଭିଯାନର ଜିଲା ସଂଯୋଜକ ବିପ୍ର ଚରଣ ମହାନ୍ତି, ଜିଲା ଯୁବମୋର୍ଚ୍ଚା ସଭାପତି ଅଟଳ କୁମାର ପ୍ରଧାନ, ପୂର୍ବତନ ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ବିଜିତ ପ୍ରଧାନ ଅତିଥି ଭାବେ ମଞ୍ଚାସୀନ ଥିଲେ।

## ପଦାକୁ ଆସିଲାଣି ୧୫କୋଟି ଟଙ୍କାର ସାଇବର ଠକେଇ

ବରଗଡ଼, ୧୯।୨(ପ୍ରେମାନନ୍ଦ ଖମାରୀ)



ଜବତ ଏଟିଏମ୍, ବ୍ୟାଙ୍କ ପାସବୁକ୍।

- ଅନ୍ୟନାମରେ ଆକାଉଣ୍ଟ ଖୋଲି ଠକେଇ
- ୭ଦିନରେ ଧରାପଡ଼ିଲେଣି ୯ଅଭିଯୁକ୍ତ

ରାଜ୍ୟରେ ଗତ ୧୩ ତାରିଖରୁ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ସାଇବର କବଚ ଅଭିଯାନ ଚାଲିଛି। ତେବେ ଏହି ଅଭିଯାନକୁ ବରଗଡ଼ ଜିଲା ପୋଲିସ୍ ଜୋରଦାର୍ କରିଛି। ଗତ ୭ଦିନ ମଧ୍ୟରେ ପୋଲିସ ଏଭଳି ପ୍ରାୟ ୧୫କୋଟି ଟଙ୍କାର ସାଇବର ଠକେଇ ପଦାକୁ ଆଣିଛି। ଏ ନେଇ ଜିଲାର ବିଭିନ୍ନ ଥାନାରେ ପୋଲିସ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଧରପଗଡ଼ ଚଳାଇଛି। ଏପର୍ଯ୍ୟନ୍ତ ଜିଲା ପୋଲିସ ୯ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଅତାବିରା ଓ ଝାରବନ୍ଧ ଥାନା ପୋଲିସ ୨ଜଣ ଲେଖାଏଁ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଭଟଲି ଓ ବରଗଡ଼ ଟାଉନ ଥାନା ପୋଲିସ ଜଣେ ଲେଖାଏଁ ଓ ଅନ୍ୟ ଅଞ୍ଚଳରୁ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପି.ଏସ୍ ମୀନା ସୂଚନା ଦେଇ କହିଥିଲେ, ଅଭିଯୁକ୍ତମାନେ କେତେଜଣ ନିରୀହ ଲୋକଙ୍କୁ ୧ହଜାର ଟଙ୍କାରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଦେଇ ସେମାନଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ବ୍ୟାଙ୍କ ପାସବୁକ୍ ନିଜ ହେପାଜତକୁ ନେଇ ଯାଉଥିଲେ। ଏଭଳି କୌଶଳ କରି ଠକେଇ କରିଥିବା ଅଭିଯୋଗରେ ବୁଧବାର ବରଗଡ଼ ଜିଲା ସୋହେଲା ଥାନା ବିଶିପାଲି ହରିଜନ ପଡ଼ାର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ଗାନ୍ଧିଛକ ନିକଟ ଶକ୍ତିନଗରରେ ରହୁଥିବା ମନୋଜ କୁମାର କୁଶଳ(୩୫)ଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୧୦୮/୨୦୨୬) ରୁଜୁ କରିଥିଲା। ଅଭିଯୁକ୍ତ ଜଣକ ବରଗଡ଼ ବାନ୍ଧୁଟିକ୍ରା ନିବାସୀ ସୌମ୍ୟରଞ୍ଜନ ଦୀପଙ୍କ ସମେତ ବିଭିନ୍ନ ଲୋକଙ୍କ ନାମରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ପ୍ରାୟ ୧୦କୋଟି ଟଙ୍କାର ଠକେଇ କାରବାର କରିଥିଲେ। ପୋଲିସ ସାଇବର କବଚ ଅଭିଯାନରେ ଏହି ଠକେଇ ଧରିଥିବାବେଳେ ଅଭିଯୁକ୍ତଙ୍କ ପାଖରୁ ୫୭ଟି ପାସ୍‌ବୁକ୍, ୧୯ ଚେକ୍‌ବୁକ୍, ୮୧ ଏଟିଏମ୍ କାର୍ଡ଼, ୨୬ସିମ୍ କାର୍ଡ଼, ଗୋଟିଏ ସ୍କୁଟି ନଂ. ଓଡ଼ି୧୭ଏଜି ୦୭୮୩, ୨ମୋବାଇଲ ଫୋନ୍ ଏବଂ ନଗଦ ୬୭୦୦ ଟଙ୍କା ଜବତ ହୋଇଥିବା ଏସ୍‌ପି କହିଛନ୍ତି। ଅନୁରୂପଭାବେ ବରଗଡ଼ ଟାଉନ ଥାନାର ମାମଲା(ନଂ.୯୪/୨୦୨୬)କ୍ରମେ ଜଣେ ଅଜଣା ଲୋକ ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ.୧୦ର ରାକେଶ ମାଝିଙ୍କ ନାମରେ ଏକ ଜାତୀୟକରଣ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିବା ଜଣାପଡ଼ିଛି। ତେବେ ଜିଲାରେ ଏଭଳି ସମୁଦାୟ ପ୍ରାୟ ୧୫କୋଟି ଟଙ୍କାର ସାଇବର ଠକେଇ ପଦାକୁ ଆସିଲାଣି ବୋଲି ଏସ୍‌ପି କହିଥିଲେ।

ସେହିପରି ଏସ୍‌ପି ମୀନା ଆହୁରି ସୂଚନା ଦେଇ କହିଥିଲେ, ଏଭଳି ଠକେଇ ଅଭିଯୋଗ ନେଇ ଝାରବନ୍ଧ ଥାନାରେ ଏକ ମାମଲା(ନଂ.୨୩/୨୦୨୬) ରୁଜୁ ହୋଇଛି। ଏହି ମାମଲାରେ ପୋଲିସ କଳାହାଣ୍ଡି ଜିଲା ନର୍ଲା ଥାନା ମଦନପୁର ରାମପୁର ନିବାସୀ ଅର୍ଥ ହରିଜନ(୩୦) ଏବଂ ବରଗଡ଼ ସଦର ଥାନା ପିପିଲିପାଲି ଗ୍ରାମର ସମୀର ସାହୁ(୩୦)ଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ୨ବ୍ୟାଙ୍କ ପାସବୁକ୍, ୫ ଏଟିଏମ କାର୍ଡ଼, ୨ଚେକ୍ ଜବତ ହୋଇଛି। ଅଭିଯୁକ୍ତମାନେ ୨୯ଲକ୍ଷ ୨୯ହଜାର ୪୨୭ ଟଙ୍କା ଠକେଇରେ ସମ୍ପୃକ୍ତ ରହିଥିବା ଜଣାପଡ଼ିଛି। ଅନୁରୂପଭାବେ ସେଭଳି ଅଭିଯୋଗ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ.୩୦/୨୦୨୬) ରୁଜୁ ହୋଇଥିବାବେଳେ ପଦ୍ମପୁର ଥାନାରେ ଅନ୍ୟ ଏକ ମାମଲା(ନଂ.୩୮/୨୦୨୬) ରୁଜୁ ହୋଇଛି। ପଦ୍ମପୁର ଥାନାରେ ରୁଜୁ ହୋଇଥିବା ମାମଲା ଅନୁଯାୟୀ ଅଭିଯୁକ୍ତମାନେ ଆଦର୍ଶ ଗିଧିଲି, ସବ୍ୟା ପ୍ରଧାନ, ରାହୁଲ ରଣା, ଶୁଭମ ମେହେର, ଚନ୍ଦ୍ରକାନ୍ତ ସାହୁ, ରଶ୍ମିକାନ୍ତ ସୁନାନୀଙ୍କ ନାମରେ ଆକାଉଣ୍ଟ ଖୋଲି ୫୦ଲକ୍ଷ ୭୬ହଜାର ୧୩ଟଙ୍କାର ଠକେଇ କରିଛନ୍ତି।

ଭଟଲି ଥାନାରେ ରୁଜୁ ହୋଇଥିବା ମାମଲା(ନଂ. ୩୭/୨୦୨୬)କ୍ରମେ ଭଟଲି ଥାନା ବଡ଼ମାଳ ଗ୍ରାମର ସତ୍ୟବାନ ପ୍ରଧାନ ଗିରଫ ହୋଇଛନ୍ତି। ତାଙ୍କ ପାଖରୁ ୪ ପାସ୍‌ବୁକ୍, ୩ ଏଟିଏମ୍ କାର୍ଡ଼ ଜବତ ହୋଇଥିବାବେଳେ ଅଭିଯୁକ୍ତ ଜଣକ ୪୮ଲକ୍ଷ ୨୧ହଜାର ୯୦୮ ଟଙ୍କା ଠକେଇରେ ସମ୍ପୃକ୍ତ ଅଛନ୍ତି। ଅତାବିରା ଥାନାରେ ରୁଜୁ ହୋଇଥିବା ମାମଲା(ନଂ.୬୧/୨୦୨୬) ଅନୁଯାୟୀ ୨ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ, ଅତାବିରା ଥାନା ଜାମଟିକ୍ରାର ପ୍ରତାପ କର୍ମୀ(୨୫) ଏବଂ ଭେଡ଼େନ ଥାନା ଥୁଆପାଲି ରାମଚନ୍ଦ୍ର ଜୁଆଡ଼ି(୨୫)। ସେମାନଙ୍କ ପାଖରୁ ୨ ପାସବୁକ୍, ୨ ଏଟିଏମ କାର୍ଡ଼ ଜବତ ହୋଇଥିବାବେଳେ ଅଭିଯୁକ୍ତମାନେ ୫୩ଲକ୍ଷ ୫୦ହଜାର ଟଙ୍କା ଠକେଇରେ ସମ୍ପୃକ୍ତ ଥିବା ଜଣାପଡ଼ିଥିବା ପୋଲିସ କହିଛି। ସେହିପରି ପାଇକମାଳ ଥାନାରେ ଅନୁରୂପ ଠକେଇ ନେଇ ଏକ ମାମଲା(ନଂ.୩୬/୨୦୨୬) ରୁଜୁ ହୋଇଛି। ଏହି ମାମଲା ଅନୁଯାୟୀ, କିରଣ ସେଠ ନାମକ ଜଣେ ଅଭିଯୁକ୍ତ ସମୀର ସାହୁ ଓ ଭୁପେନ୍ଦ୍ର ମାଝୀଙ୍କ ନାମରେ ଆକାଉଣ୍ଟ ଖୋଲି ୧କୋଟି ୪୨ଲକ୍ଷ ୮୫ହଜାର ୯୪୪ ଟଙ୍କାର ଠକେଇ କାରବାର କରିଥିବା ଜଣାପଡ଼ିଛି ବୋଲି ପୋଲିସ ସୂଚନା ଦେଇଛି। ସେହିପରି ବରଗଡ଼ ଗ୍ରାମାଞ୍ଚଳ ଥାନା, ଅମ୍ବଭୋନା ଥାନା ପୋଲିସ ଅନୁରୂପ ଠକେଇକୁ ନେଇ ମାମଲା ରୁଜୁ କରିବା ସହିତ ତଦନ୍ତ କରୁଛି ଏବଂ ଏଭଳି ମାମଲାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚାଲିଛି ବୋଲି ଖବରଦାତା ସମ୍ମିଳନୀରେଏସ୍‌ପିମୀନାସୂଚନାଦେଇଥିଲେ।

# ୯ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

**ସାଇବର ଅପରାଧ ଓ କ୍ରିକେଟ ବେଟିଂ ଘଟଣା**

■ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ମୋବାଇଲ, ଲାପ୍‌ଟପ୍ ଜବତ

ରାଉରକେଲା,୧୯।୨(ସଙ୍ଗୀତା ଜେନା)



ପୋଲିସ ମୁଖ୍ୟାଳୟରେ ସୂଚନା ପ୍ରଦାନ କରାଯାଉଛି।



ଜବତ ହୋଇଥିବା ଟଙ୍କା, ମୋବାଇଲ ଓ ଲାପ୍‌ଟପ୍।

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍, ରଘୁନାଥପାଲୀ, ଉଦିତନଗର, ବନ୍ଧମୁଣ୍ଡା ସମେତ ବିଭିନ୍ନ ଅଞ୍ଚଳରେ ଅବୈଧ କ୍ରିକେଟ ବେଟିଂ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧମୁଣ୍ଡା ଅଞ୍ଚଳର ରୋହିତ ଭଗତ(୨୭), ପଙ୍କଜ ଭଗତ(୩୧), ପ୍ଲାଣ୍ଟସାଇଟ୍ ଲାଲ୍ ବିଲ୍ଡିଂ ଗଳିର ସୋନୁ ରାଓ(୩୦), କଲୁଙ୍ଗା ଅଞ୍ଚଳର ମୁକେଶ ସାହୁ(୪୮), ଉଦିତନଗରର ଜିତେନ୍ଦ୍ର ଅଗ୍ରୱାଲ(୪୨) ଏବଂ ସୁରେଶ ଖେମ୍‌କା(୫୬)। ସେମାନଙ୍କଠାରୁ ୩୦ ଲକ୍ଷ ୬୫ ହଜାର ଟଙ୍କା ସହ ମହିନ୍ଦ୍ରା ଥାର୍ ଗାଡ଼ି, ମୋବାଇଲ, ଲାପ୍‌ଟପ୍ ଆଦି ଜବତ କରାଯାଇଛି। ସେହିପରି ମ୍ୟୁଲ୍ ଆକାଉଣ୍ଟ ଖୋଲିବା ଅଭିଯୋଗରେ ୩ ଜଣ ଗିରଫ ହୋଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୮୬/୨୬) ରୁଜୁ କରି ସମସ୍ତ ୯ ଅଭିଯୁକ୍ତଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ଉପସ୍ଥିତ ଥିଲେ।

ପଶ୍ଚିମାଞ୍ଚଳ ଡିଆଇଜି ରାୟ ସୂଚନା ଦେଇ କହିଥିଲେ, ୨୦୨୬ ଟି-୨୦ କ୍ରିକେଟ ୱାର୍ଲଡ କପ୍ ମ୍ୟାଚ୍‌ଗୁଡ଼ିକରେ ଏହି ଗ୍ୟାଙ୍ଗ ରନ୍, ଓଭର, ସମୟ ଆଦି ଉପରେ ଭିନ୍ନ ଭିନ୍ନ ବର୍ଗରେ ବେଟିଂ କରୁଥିଲେ। ଏଥିରେ ସେମାନେ ସ୍ଥାନୀୟ କିଛି ଟଙ୍କାଖୋର୍ ଲୋକଙ୍କୁ ସାମିଲ କରିଥିଲେ। ବେଆଇନ ବେଟିଂର ମାଷ୍ଟର ମାଇଣ୍ଡ ରୋହିତ ଅନ୍ୟମାନଙ୍କ ସହ ମିଶି 'ସିଲଭର ଏକ୍ସଚେଞ୍ଜ' ନାମକ ଗେମିଂ ଆପ୍ଲିକେଶନ ଦ୍ୱାରା ଲୋକମାନଙ୍କୁ ସାମିଲ କରି ବେଟିଂ କରୁଥିଲେ। ଏଥିରେ ବିଶ୍ରା ଡାହାର ଅଞ୍ଚଳର ଜିତେନ୍ଦ୍ର ଓ ସୁରେଶ ଲକ୍ଷ ଲକ୍ଷ ଟଙ୍କା ଲଗାଇଥିଲେ ବୋଲି ଡିଆଇଜି ରାୟ କହିଥିଲେ। ସେହିପରି ଏସ୍‌ପି ୱାଧୱାନୀ କହିଥିଲେ, ଉକ୍ତ ର‌୍ୟାକେଟ୍‌ର ଚେର ଓଡ଼ିଶା ସମେତ ବାହାରକୁ ବ୍ୟାପିଛି। ଏଥିରେ ତିଆରି ହେଉଥିବା ଆଇଡ଼ିକୁ ପରିଚାଳନା ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିୟୋଜିତ ହେଉଥିଲେ। ଏହି ମାମଲା ତଦନ୍ତ ପରିସରଭୁକ୍ତ ରହିଛି। ଏହି ଘଟଣାରେ ଅଧିକ ଅଭିଯୁକ୍ତ ସାମିଲ ଥିବା ତଦନ୍ତରୁ ଜଣାପଡ଼ିଛି। ସେହିପରି ସାଇବର ଅପରାଧରେ ସମ୍ପୃକ୍ତ ଅନ୍ୟ ୩ ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ ଅଭିଯୁକ୍ତମାନେ ମ୍ୟୁଲ୍ ଆକାଉଣ୍ଟ କାରବାର ଏବଂ ବେଟିଂ ଆପ୍‌ରେ ସମ୍ପୃକ୍ତ ଥିଲେ।

### ୮୬ ମ୍ୟୁଲ୍ ଆକାଉଣ୍ଟ ଚିହ୍ନଟ

ରାଜ୍ୟରେ ମ୍ୟୁଲ୍ ଆକାଉଣ୍ଟ ତନଖି ଜୋରଦାର କରାଯାଉଛି। ସାଇବର କବଚ ଅଭିଯାନରେ ରାଉରକେଲା ପୋଲିସ ଜିଲାରେ ମୋଟ ୧୦ଟି ସାଇବର ଅପରାଧରେ ୧୭ଜଣଙ୍କୁ ଗିରଫ କରାଯାଇଛି। ପ୍ରାୟ ୮୬ ଆକାଉଣ୍ଟରୁ ୮ କୋଟି ୧୪ ଲକ୍ଷ ୯୮ ହଜାର ୭୬୭ ଟଙ୍କା ଚିହ୍ନଟ କରାଯାଇଛି। ସାଇବର ଅପରାଧ ରୋକିବା ପାଇଁ ଏହି ଅଭିଯାନ ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିଛି। ନିକଟସ୍ଥ ସାଇବର ସେଲ୍‌ରେ ଏହାର ଅଭିଯୋଗ ପଞ୍ଜୀକୃତ ହେଉଛି।

ରୋହିତଙ୍କ ନାଁରେ ୪ଟି ଓ ପଙ୍କଜଙ୍କ ନାଁରେ ୧୦ଟି ଆପରାଧିକ ରେକର୍ଡ ରହିଛି। ଅନ୍ୟମାନଙ୍କର ଆପରାଧିକ ରେକର୍ଡ ଯାଞ୍ଚ ହେଉଛି ବୋଲି ଏସ୍‌ପି କହିଥିଲେ। ତେବେ ଟି-୨୦ କ୍ରିକେଟ (ଭାରତ ଓ ପାକିସ୍ତାନ)ରେ ଜଣେ ଯୁବକ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରାଇଥିଲେ। ସେ ନେଇ ସାଇବର ଥାନାରେ ଏତଲା ହୋଇଥିଲା। ଏହାକୁ ଆଧାର କରି ପୋଲିସ ଚଢ଼ାଉ କରିବା ସହ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ତନଖି କରୁଥିବା କୁହାଯାଉଛି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ରାଜଗାଙ୍ଗପୁରରେ ମ୍ୟୁଲ ଆକାଉଣ୍ଟ ଓ ସାଇବର ଅପରାଧରେ ସମ୍ପୃକ୍ତ କିଛି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା।

# ମୁକ୍ତିକାନ୍ତ ସଭାପତି, ପ୍ରଦୀପ ସାଧାରଣ ସମ୍ପାଦକ

**କେନ୍ଦ୍ରୀୟ ଦୋଳ ମେଳଣ ସମିତି**

ରାଉରକେଲା,୧୯।୨(ସଙ୍ଗୀତା ଜେନା)

ରାଉରକେଲା କେନ୍ଦ୍ରୀୟ ଦୋଳ ମେଳଣ ସମିତି ପକ୍ଷରୁ ଚଳିତବର୍ଷ ଦୋଳ ମେଳଣ ଧୂମଧାମରେ ପାଳନ ପାଇଁ ଏକ ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଛି। ଏ ନେଇ ବୁଧବାର ସେକ୍ଟର-୧୫ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ଆୟୋଜିତ ବୈଠକରେ ନାମ ଘୋଷଣା କରାଯାଇଛି। ଏଥିରେ ହରିହର ରାଉତରାୟ ଅଧ୍ୟକ୍ଷ, ରଜତ ଜେନା ଉପାଧ୍ୟକ୍ଷ, ମୁକ୍ତିକାନ୍ତ ବେହେରା ସଭାପତି, ଜୟନ୍ତୀ ଦାସ ଓ ମୋତିଲାଲ ମହନ୍ତ କାର୍ଯ୍ୟକାରୀ ସଭାପତି ଏବଂ ଧବଳେଶ୍ୱର ବିଶ୍ୱାଳ, ସଞ୍ଜୀତ ସ୍ୱାଇଁ, ପ୍ରମୋଦ କୁମାର ବେହେରା, ରେଖା କୋଠାରୀ, ସୁନନ୍ଦା ନାୟକ, କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ, ଶ୍ରୀକୃଷ୍ଣ ପରିଡା, ସୁମିତ୍ରା ସ୍ୱାଇଁ ଉପସଭାପତି ମଣ୍ଡଳୀରେ ରହିଛନ୍ତି। ପ୍ରଦୀପ କୁମାର ମହାପାତ୍ର ସାଧାରଣ ସମ୍ପାଦକ, ରାମଚନ୍ଦ୍ର ଦାସ, ଶ୍ରୀକାନ୍ତ ମହାନ୍ତି, ସୋମନାଥ ଭଞ୍ଜ, ବିପିନ ମହାରଣା, ସଲିଳା ପରିଡା, ପ୍ରଶାନ୍ତ ନାୟକ, ସଲୀଲ ସାହୁ ଯୁଗ୍ମ ସମ୍ପାଦକ, ଅଶ୍ୱିନୀ ଦାସ କୋଷାଧ୍ୟକ୍ଷ ଏବଂ କପିଳେଶ୍ୱର ମିଶ୍ର ଯୁଗ୍ମ କୋଷାଧ୍ୟକ୍ଷ ରହିଛନ୍ତି। ଏହି କମିଟିକୁ ସହଯୋଗ କରିବା ପାଇଁ ଗଠିତ ସଂଯୋଜକ କମିଟିରେ ୧୭ଜଣଙ୍କୁ ମନୋନୀତ କରାଯାଇଛି। ସେହିପରି କମିଟିକୁ ଦୋଳ ମେଳଣ ସଞ୍ଚାଳନରେ ପରାମର୍ଶ ଦେବା ପାଇଁ ଏକ ୯ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି । ଏହି କମିଟି ଆଗାମୀ ମାର୍ଚ୍ଚ ୫ ତାରିଖରେ ସେକ୍ଟର-୭ ଦୁର୍ଗା ପୂଜା ପଡ଼ିଆରେ ଦୋଳ ମେଳଣକୁ ସରସ ସୁନ୍ଦର କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

# ଯୋଗ ବେଦାନ୍ତ ସମିତିର ମାତୃପୂଜନ ଦିବସ




ଛାତ୍ରୀଛାତ୍ର ମାତାପିତାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

ରାଉରକେଲା,୧୯।୨(ଦିନେଶ ମିଶ୍ର): ରାଉରକେଲା ହନୁମାନ ବାଟିକା ପରିସରରେ ଗୁରୁବାର ଯୋଗ ବେଦାନ୍ତ ସେବା ସମିତି ଓ ସନ୍ଥ ଶ୍ରୀ ଆଶାରାମଜୀ ଆଶ୍ରମ ଅହମ୍ମଦାବାଦର ମିଳିତ ଆନୁକୂଲ୍ୟରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତିର ସମୀର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାତା ପିତା ହେଉଛନ୍ତି ପ୍ରତ୍ୟେକ ମଣିଷଙ୍କ ଜୀବନରେ ଚଳନ୍ତି ଠାକୁର। ତେଣୁ ତାଙ୍କୁ ସର୍ବଦା ସମ୍ମାନ ଦେବା ସହ ତାଙ୍କ କଥା ମାନି ଚଳିଲେ ଭଗବାନଙ୍କ କୃପାଲାଭ ହୋଇଥାଏ ବୋଲି ଅଧ୍ୟକ୍ଷ ବିଶ୍ୱଜିତ ସରକାର ମତପ୍ରକାଶ କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ମାତାପିତାଙ୍କ ପୂଜା କରିଥିଲେ। ସମିତିର ବରିଷ୍ଠ ସଦସ୍ୟ ଜୟଶଙ୍କର ଗୌଡ, ପ୍ରୀତି ବିଶ୍ୱକର୍ମା, ବିଶ୍ୱମ୍ଭର ମହାନ୍ତି, ପର୍ଶୁରାମ ବଡାଇକ, ମନ୍ଦିରା ମିଶ୍ର ସହଯୋଗ କରିଥିଲେ।

# କୂଅରେ ପଡ଼ି ନାବାଳିକା ମୃତ

ରାଉରକେଲା, ୧୯।୨ (ସଙ୍ଗୀତା ଜେନା)

ଝିରପାଣି ଥାନା ଅନ୍ତର୍ଗତ ଟୁଙ୍ଗୁରିଟୋଲା ଅଞ୍ଚଳରେ ଥିବା ଏକ ଗଭୀର କୂଅରେ ବୁଧବାର ଅପରାହ୍ନ ୪ଟାରେ ପଡିଯିବାରୁ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତା ନାବାଳିକା ହେଲେ ନେହା ସେନ୍ (୬)। ତାଙ୍କୁ ଉଦ୍ଧାର କରି ପ୍ରଥମେ ସିଡବ୍ଲ୍ୟୁଏସ୍ ହସ୍ପିଟାଲ ଏବଂ ପରେ ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ନେହାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨/୨୬) ରୁଜୁ କରି ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ନେହାଙ୍କ ପିତା ଜଣେ ରଙ୍ଗମିସ୍ତ୍ରୀ ଓ ମା' ମାନସିକ ରୋଗୀ ଅଟନ୍ତି। ଉକ୍ତ ନାବାଳିକା ଘର ବାହାରେ ଖେଳୁଥିବାବେଳେ କୂଅରେ ପଡିଯାଇଥିଲେ।

# ବିପିୟୁଟି ଏନ୍‌ଇପି-୨୦୨୦ କର୍ମଶାଳା ଉଦ୍‌ଯାପିତ

ରାଉରକେଲା,୧୯।୨(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) ପରିସରରେ ଏନ୍‌ଇପି-୨୦୨୦ ଉପରେ ଦ୍ୱିତୀୟ ୮ଦିନିଆ ଆଭାସୀ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କ ପାଇଁ ଏହି ଶିବିର ଲାଭଦାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧ୍ୟାପକମାନଙ୍କ ନିରନ୍ତର ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ରେ ପ୍ରସ୍ତାବିତ ପ୍ରମୁଖ ସଂସ୍ଥାଗୁଡିକ ସମ୍ପର୍କରେ ଉଚ୍ଚଶିକ୍ଷା ଅନୁଷ୍ଠାନର ଅଧ୍ୟାପକମାନଙ୍କୁ ଅବଗତ ଓ ସଚେତନ କରାଇବା ପାଇଁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଯୋଗ ଦେଇଥିବା ଶିବିରାର୍ଥୀମାନଙ୍କୁ ଶିକ୍ଷାନୀତି, ଭାରତୀୟ ଜ୍ଞାନ ପରମ୍ପରା, ପ୍ରଶାସନିକ ପରିଚାଳନା, ଗବେଷଣା ଓ ବିକାଶ, ଦକ୍ଷତା ଭିତ୍ତିକ ବିକାଶ, ଡିଜିଟାଲ ଜ୍ଞାନକୌଶଳ ଭଳି ବିଭିନ୍ନ ଶିକ୍ଷାଦାନ ପ୍ରଣାଳୀ ଉପରେ ତାଲିମ ଦିଆଯାଇଥିଲା। ପ୍ରଫେସର ଅଶ୍ୱିନୀ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡିଶାର ବିଭିନ୍ନ ପ୍ରାନ୍ତରୁ ଅଧ୍ୟାପକ ଓ ଗବେଷକମାନେ ଏଥିରେ ଯୋଗ ଦେଇଥିଲେ। ବିପିୟୁଟି ସଂଯୋଜକ ଡକ୍ଟର ଡି. ଚନ୍ଦ୍ରଶେଖର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଲତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଟାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଳ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

**OIPR-32001/32557/3/25-26/0003**

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଶଙ୍କରା,୧୯।୨ (ହୃଦାନନ୍ଦ ବାରିକ):

ତଳସରା ଥାନା ଅନ୍ତର୍ଗତ ସଉନାମରା ଖଡ଼ିଆପଡାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଗୁରୁବାର ଜବତ କରିଛି। ମୃତ ଯୁବକ ହେଲେ ଜୋସେଫ ସରେଙ୍ଗ (୧୮)। ଏନେଇ ତଳସରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଜୋସେଫ ଟେଷ୍ଟ ହାଉସରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ସବୁଦିନ କାର୍ଯ୍ୟ ସାରି ସନ୍ଧ୍ୟାରେ ଘରକୁ ଫେରନ୍ତି। କିନ୍ତୁ ଘଟଣା ଦିନ ସେ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ମା' ବାପା ଅନ୍ୟ କୋଠରିରେ ଶୋଇଥିଲେ। ସକାଳୁ ମା' ବାପା ଉଠି କବାଟ ଖୋଲିଥିଲେ। ହେଲେ ବାହାର ପଟୁ କବାଟ ବନ୍ଦ ଥିବାରୁ ପଡୋଶୀଙ୍କୁ ଫୋନ କରିଥିଲେ। କବାଟ ଖୋଲିବା ପରେ ନିଜ ଘର ଦୁଆରେ ଥିବା ଆମ୍ବ ଗଛରେ ଜୋସେଫଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ଏହା ଦେଖି ତଳସରା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମାତୃଭାଷା ପରୀକ୍ଷା ଦେଲେ ୨୩,୬୯୫



ପରୀକ୍ଷାର୍ଥୀମାନେ ଉଦିତନଗର ପରୀକ୍ଷା କେନ୍ଦ୍ରରୁ ବାହାରୁଛନ୍ତି।

ରାଉରକେଲା, ୧୯।୨(ସଙ୍ଗୀତା ଜେନା)

**ମାଟ୍ରିକ ପରୀକ୍ଷା ପ୍ରଥମ ଦିନ**

ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ମାଟ୍ରିକ) ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା ଓଡ଼ିଆ, ଉର୍ଦ୍ଦୁ, ବଙ୍ଗଳା ଆଦି ବିଷୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଥିଲେ। ସକାଳ ସାଢ଼େ ୭ଟାରୁ ପରୀକ୍ଷାର୍ଥୀଙ୍କୁ ତନଖି କରି କେନ୍ଦ୍ର ଭିତରକୁ ଛଡ଼ାଯାଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ପରୀକ୍ଷା ଶେଷ ହୋଇଥିଲା। ଏହି ପରୀକ୍ଷା ପାଇଁ ସୁନ୍ଦରଗଡ଼ ଶିକ୍ଷା ବିଭାଗ ପକ୍ଷରୁ କଡାକଡ଼ି ବ୍ୟବସ୍ଥା କରାଯାଇଥିଲା। ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରାଙ୍କ ସୂଚନା ଅନୁଯାୟୀ, ଜିଲାରେ ମୋଟ ୨୪ହଜାର ୩୦୫ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ପ୍ରଥମ ଦିନ ମାତୃଭାଷାରେ ୨୩ ହଜାର ୬୯୫ ଜଣ ପରୀକ୍ଷା ଦେଇଥିଲେ। ୩୧୦ ଜଣ ଅନୁପସ୍ଥିତ ଥିଲେ। ମଧ୍ୟମାରେ ୨୧ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଏସ୍‌ଓଏସ୍‌ସିରେ ମୋଟ ୬୮୩ରୁ ୨୧୪ ଜଣ ଅନୁପସ୍ଥିତ ଥିଲେ। ରାଉରକେଲା ମହାନଗର ଓ ବିଶ୍ରା ବ୍ଲକରେ ୩ଟି ନୋଡାଲ ସେଣ୍ଟର ରହିଛି। ସେକ୍ଟର-୨୦ ସରକାରୀ ହାଇସ୍କୁଲ ନୋଡାଲ ସେଣ୍ଟର ଅଧୀନରେ ୧୪ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ସେକ୍ଟର-୧୮ ବିବେକାନନ୍ଦ ବିଦ୍ୟାମନ୍ଦିର ସରକାରୀ ହାଇସ୍କୁଲ ଅଧୀନରେ ୫ଟି ଏବଂ ଉଦିତନଗର ପିଏମ୍ ଶ୍ରୀ ହାଇସ୍କୁଲ ଅଧୀନରେ ୩ଟି ପରୀକ୍ଷା କେନ୍ଦ୍ର ହୋଇଛି। ଏହି କେନ୍ଦ୍ରଗୁଡିକରେ ମୋଟ ୪୯୧୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୮୫୮ଜଣ ପରୀକ୍ଷା ଦେଇଥିଲେ। ୫୮ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ମଧ୍ୟମା ପରୀକ୍ଷାରେ ୨୧ ଜଣ, ଏସ୍‌ଆଇଓଏସ୍ କେନ୍ଦ୍ରରେ ୧୬୮ ଜଣଙ୍କ ମଧ୍ୟରୁ ୧୩୦ ଜଣ ପରୀକ୍ଷା ଦେଇଥିଲେ। ୩୮ଜଣ ଅନୁପସ୍ଥିତ ଥିଲେ। ତେବେ ବିଶ୍ରା ଓ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ସର୍ବାଧିକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡିଛି। ପ୍ରାୟ ୩ ଦିନ ତଳେ ପ୍ରଶ୍ନପତ୍ର ନୋଡାଲ ସେଣ୍ଟରକୁ ଆସିଥିଲା ବେଳେ ଗୁରୁବାର କଡ଼ା ସୁରକ୍ଷା ବଳୟରେ ସେଗୁଡ଼ିକୁ କେନ୍ଦ୍ରମାନଙ୍କରେ ପହଞ୍ଚାଯାଇଥିଲା। ପରୀକ୍ଷା କେନ୍ଦ୍ରମାନଙ୍କରେ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ କରାଯିବା ସହ ସିସିଟିଭି ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ଆସନ୍ତା ୨୧ରେ ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ରହିଛି।

# ଗାୟତ୍ରୀ ପରିବାର ପକ୍ଷରୁ ଭବ୍ୟ କଳସ ଯାତ୍ରା

ରାଉରକେଲା,୧୯।୨(ଦିନେଶ ମିଶ୍ର)



କଳସ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁଗଣ।

ରାଉରକେଲା ସେକ୍ଟର-୨ସ୍ଥିତ ଗାୟିତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଏକ ଭବ୍ୟ କଳସ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ମୁଖପାତ୍ର ଧୀରେନ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗାୟତ୍ରୀ ପରିବାର ହରିଦ୍ୱାରରୁ ଆସିଥିବା ଋଷିପୁତ୍ରମାନେ ଉଦିତନଗରସ୍ଥିତ ରାଧାକୃଷ୍ଣ ମନ୍ଦିରରେ କଳସ ପୂଜନ କରିଥିଲେ। ପରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ମୁଣ୍ଡରେ କଳସ ଧରି ଗାୟତ୍ରୀ ଶକ୍ତିପୀଠରେ ପହଞ୍ଚିଥିଲେ। ସନ୍ଧ୍ୟା ଅଧିବେଶନରେ ସଙ୍ଗୀତ ଓ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ନିତ୍ୟାନନ୍ଦ ଦାସ, ଟ୍ରଷ୍ଟି ପ୍ରମୋଦ ଅଗ୍ରୱାଲ ପ୍ରଦୀପ୍ତ ରାୟ, ରାଜେଶ ରାଜଗଡିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ନାୟକ, ସୁଶାନ୍ତ ଶତପଥୀ, ରମେଶ ଜେନା, ହୃଦୟ ରଞ୍ଜନ ନାୟକ, ସତ୍ୟଜିତ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ଏହି ମହାଯଜ୍ଞ ୪ଦିନ ଧରି ଚାଲିବ ବୋଲି ଟ୍ରଷ୍ଟି ଦାସ ସୂଚନା ପ୍ରଦାନ କରିଛନ୍ତି।

**ମାଟ୍ରିକ୍ ପରୀକ୍ଷା: ମାତୃଭାଷା ପରୀକ୍ଷାଦେଲେ ୪,୧୦୮ ପରୀକ୍ଷାର୍ଥୀ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଜିଲାରେ ୩୩ଟି ସେଣ୍ଟର କରାଯାଇଛି। ପ୍ରଥମ ଦିନ ୪,୧୦୮ ଜଣ ପରୀକ୍ଷାର୍ଥୀ ମାତୃଭାଷା ପରୀକ୍ଷା ଦେଇଥିବାବେଳେ ୧୧୮ ଜଣ ଅନୁପସ୍ଥିତ ରହିଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ପ୍ରଥମ ଦିନରେ କୌଣସି ପରୀକ୍ଷାର୍ଥୀ କପି କରି ଧରାପଡି ନ ଥିବା ଜଣାପଡ଼ିଛି।

# ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ: ବଲଣ୍ଡା ଚାମ୍ପିୟନ


କାର୍ଯ୍ୟକ୍ରମରେ ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ଦେବଗଡ଼,୧୯।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ କଲାଠାରେ ପବିତ୍ର ମୋହନ ପ୍ରଧାନ ମେମୋରିଆଲ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରପଞ୍ଚ ସଂଘର ମୁଖ୍ୟ ପରାମର୍ଶଦାତା ତଥା ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ସାହୁ, ସୁବୋଧ ପ୍ରଧାନ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପୁଅ ହେମସାଗର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ କଲା ଏବଂ ବଲଣ୍ଡା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲଣ୍ଡା ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବିଜୟ ଦେହୁରୀ, ସନ୍ତୋଷ ଦଳବେହେରା, ଫକୀର ଦଳବେହେରା ଧାରା ବିବରଣୀ ଦେଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସଭାପତି ଅରୁଣ ସାହୁ, ସମ୍ମାନିତ ଅତିଥି ଭାବେ ଡ. ରତନ ଦଳବେହେରା, ବରୁଣ ସାହୁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

# ବଢ଼େଇମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଝାରସୁଗୁଡ଼ା, ୧୯।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ବଢ଼େଇମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ପଲ୍ଲିଶ୍ରୀ ପ୍ରୀତିନନ୍ଦା ମିଶ୍ର ଯୋଗଦେଇ କହିଛନ୍ତି, ପିଲାଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ସୁଯୋଗ ଦିଅନ୍ତୁ। ଏଥିରେ ସମ୍ମାନିତ ଅତିଥି ଭାବେ ହିମାଂଶୁ ଶେଖର ବଡ଼ପଣ୍ଡା, ଲିଙ୍ଗରାଜ ବେହେରା, ପରିଚାଳନା କମିଟି ସଭାପତି ପ୍ରତିମା ସାହାରା, ମୁଖ୍ୟବକ୍ତା ଲକ୍ଷ୍ମୀ ନାରାୟଣ କଲେଜ ଅର୍ଥନୀତି ବିଭାଗ ଅଧ୍ୟାପକ ତପନ ବାରିକ, ସ୍ୱତନ୍ତ୍ର ଅତିଥି ଭାବେ କାଉନ୍‌ସିଲର ବବିତା ରଣବିଡା, ସାମାଜିକ କର୍ମୀ ସବିତା ପ୍ରଧାନ ଓ ସଂଯୁକ୍ତା ପ୍ରଧାନ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ପୂଝାରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଗରିମା ଗୋଖର ମଞ୍ଚ ପରିଚାଳନା, ଶିକ୍ଷୟିତ୍ରୀ ମୈତ୍ରୀ ପଟେଲ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରେଖା ବଲ୍ଲଭ ସା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ



| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଲତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଟାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଳ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

**OIPR-32001/32557/3/25-26/0003**


# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଅଭିନବ ଆନ୍ଦୋଳନ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ରୋଷେଇ କରୁଛନ୍ତି।


ଧାରଣାରେ ବସିଥିବା ଚାଷୀ।

## ଧାନ ବିକ୍ରି ପାଇଁ ସମ୍ପୂର୍ଣ୍ଣ ଟାର୍ଗେଟ୍ ଦାବି

### ■ରୋଷେଇ କରି ଖାଇଲେ, ଧାରଣାରେ ବସିଲେ

**ଝାରସୁଗୁଡ଼ା,୧୯।୨(ଆଶିଷ ରଞ୍ଜନ ଦାଶ)**

ଧାନବିକ୍ରି ସମସ୍ୟା ସମାଧାନ ସହ ସମ୍ପୂର୍ଣ୍ଣ ଟାର୍ଗେଟ୍ ପ୍ରଦାନ ଦାବିରେ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଅଭିନବ ଉପାୟରେ ଆନ୍ଦୋଳନ କରିଛନ୍ତି। ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ରେମତା ଓ କଣ୍ଟେଇକେଲା ସମବାୟ ସମିତିର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୋଷେଇ କରି ଖାଇବା ସହ ଧାରଣାରେ ବସିଥିଲେ।

ସୂଚନା ଅନୁଯାୟୀ, ରେମତା ଓ କଣ୍ଟେଇକେଲା ପଞ୍ଚାୟତର ମୋଟ ୫୬୮ ଚାଷୀ ରେମତା ସମବାୟ ସମିତିରେ ପଞ୍ଜୀକୃତ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୫୦୨ ଚାଷୀ ୧୮,୮୯୫ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଏବେସୁଦ୍ଧା ୭୬ ଜଣ ଚାଷୀଙ୍କୁ ଟୋକନ୍ ଦିଆଯାଇନାହିଁ । ବର୍ତ୍ତମାନ ମଧ୍ୟ ରେମତା ସମବାୟ ସମିତିରେ ୫ ହଜାର କୁଇଣ୍ଟାଲ ଧାନ ବିକ୍ରିର ଟାର୍ଗେଟ ଅଛି। ହେଲେ ଯୋଗାଣ ବିଭାଗ ମାତ୍ର ୧୫୦୦ କୁଇଣ୍ଟାଲ ଟାର୍ଗେଟ ଦେଇଛି । ଏଥିପାଇଁ ଚାଷୀମାନେ ଧାନ ବିକ୍ରି କରିବାକୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଗୁରୁବାର ଉଭୟ ପଞ୍ଚାୟତର ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାତ ରାନ୍ଧି ଖାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯେପର୍ଯ୍ୟନ୍ତ ୫ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ୍ ପ୍ରଦାନ କରା ନ ଯିବ, ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଲା କୃଷକ ସଂଘ ଚେତାବନୀ ଦେଇଥିଲା। ଚାଷୀମାନେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଧାରଣାରେ ବସିଥିବାବେଳେ ଜିଲା ପ୍ରଶାସନର କୌଣସି ଅଧିକାରୀ ଆସି ନ ଥିଲେ। ଚାଷୀମାନେ ଧାରଣାରୁ ନ ହଟିବାରୁ ବାଧ ହୋଇ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରା ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ସୋମବାର ମଧ୍ୟରେ ସମସ୍ତ ଟାର୍ଗେଟ୍ ପ୍ରଦାନ କରାଯିବ ଏବଂ ଧାନ ବିକ୍ରି ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ମା' ଦୁର୍ଗା କୃଷକ ସଂଘ ସଭାପତି ଜଗବନ୍ଧୁ ସା, ଅନିଲ ବାରିକ, ଶ୍ରୀନିବାସ ପ୍ରଧାନ, ଅଜିତ୍ ବାରିକ, ଜିଲା କୃଷକ ସଙ୍ଗଠନ ସଭାପତି ଦିଲ୍ଲୀପ ବଢ଼େଇ, ଉପସଭାପତି ଶରତ ପଟେଲ, ସମ୍ପାଦକ ହେମନ୍ତ ସାଗର କୁମୁରା, କୋଷାଧ୍ୟକ୍ଷ ଲକ୍ଷ୍ମଣ ସାହୁଙ୍କ ସମେତ ଶତାଧିକ ଚାଷୀ ଧାରଣାରେ ସାମିଲ ଥିଲେ।

# ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

**ଝାରସୁଗୁଡ଼ା,୧୯।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓକାକ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ୩୦ରୁ ଊର୍ଦ୍ଧ୍ୱ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ବିଶେଷକରି ଜେନେରେଟିଭ ଏଆଇ ଏବଂ ଡାଟା ଆନାଲିଟିକ୍ସ ବ୍ୟବହାର କରି କିଭଳି ସରକାରୀ ଫାଇଲ ପରିଚାଳନା ଓ ଜନସେବା ପ୍ରଦାନ ପ୍ରକ୍ରିୟାକୁ ସହଜ କରାଯାଇପାରିବ, ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏଆଇ ମାଧ୍ୟମରେ ସ୍ୱୟଂଚାଳିତ ଫାଇଲ ସଂରକ୍ଷଣ, ବଡ଼ ଦସ୍ତାବିଜ୍‌ର ସଂକ୍ଷିପ୍ତ ସାରାଂଶ ପ୍ରସ୍ତୁତି ଏବଂ ସରକାରୀ ଚିଠିପତ୍ରର ଚିଠା ଅତି କମ୍ ସମୟରେ କରାଯାଇପାରିବ, ସେ ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ଡିଜିଟାଲ ରୂପାନ୍ତରଣ ଏବଂ ସରକାରୀ କାର୍ଯ୍ୟଧାରାରେ ଅଧିକ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଝାରସୁଗୁଡ଼ା ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଶିବିରର ଜିଲା ନୋଡାଲ ଅଫିସର ତଥା ଡେପୁଟି କଲେକ୍ଟର ସୌମେଶ ଆଚାର୍ଯ୍ୟ ଯୋଗଦେଇଥିଲେ। ଏଥିସହ ବିଭିନ୍ନ ବିଭାଗର ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ କାର୍ଯ୍ୟାଳୟ କର୍ମଚାରୀ ଓଡ଼ିଶା ସରକାରଙ୍କ ଏହି ଦକ୍ଷତା ବିକାଶ ଅଭିଯାନରେ ଅଂଶଗ୍ରହଣ କରିଥିଲେ।

# ରେଳଷ୍ଟେଶନ ଶୌଚାଳୟରୁ ଅଚିହ୍ନା ମୃତଦେହ ଜବତ

**ବେଲପାହାଡ଼,୧୯।୨(ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଳଷ୍ଟେଶନ ପରିସର ଶୌଚାଳୟରୁ ଗୁରୁବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଜିଆର୍‌ପି ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଯୁବକଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ପଡିଥିବା ସମ୍ପର୍କରେ ଖବର ପାଇବା ପରେ ଜିଆର୍‌ପି ପହଞ୍ଚି ତଦନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ଏବଂ ମୃତକଙ୍କ ପରିଚୟ ଜାଣିବା ପାଇଁ ତଦନ୍ତ ଜାରି ରହିଥିବା ଜିଆର୍‌ପି ଏଏସ୍‌ଆଇ ଧୀରେନ ପଟ୍ଟା କହିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମେଗା ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

## ପାନୀୟ ଜଳ ଯୋଗାଣ ସମ୍ପର୍କିତ ସମୀକ୍ଷା ବୈଠକ

**ଝାରସୁଗୁଡ଼ା,୧୯।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାର ବିଭିନ୍ନ ପାନୀୟଜଳ ପ୍ରକଳ୍ପ ଏବଂ ମେଗା ପାନୀୟଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟକାରୀ ହେଉଥିବା ଟ୍ୟାପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଶେଷକରି 'ବସୁଧା' ଯୋଜନାରେ ହେଲ୍ପଲାଇନ୍ ଓ ଅଭିଯୋଗର ପ୍ରତିକାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା, ଯେଉଁ ଅଞ୍ଚଳରେ ପିଇବା ପାଣିର ସମସ୍ୟା ଦେଖାଯାଏ, ସେଠାରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ଓ ନୂତନ ନଳକୂପ ସ୍ଥାପନ ଉପରେ ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଚହ୍ୱାଣ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲା ଖଣିଜ ପ୍ରତିଷ୍ଠାନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ଏବଂ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଥମ ପର୍ଯ୍ୟାୟ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ଜିଲାର ୪୨ଟି ପଞ୍ଚାୟତରେ ବ୍ଲକୱାରି ଜଳ ଯୋଗାଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପିଡବ୍ଲ୍ୟୁଡି, ଆର୍‌ଡି ଏବଂ ଏନ୍‌ଏଚ୍ କାମ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ପାଇପ୍ ଲାଇନଗୁଡ଼ିକର ତୁରନ୍ତ ମରାମତି କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ମେଗା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ବ୍ଲକ୍ ଏବଂ ସମ୍ପୃକ୍ତ ବିଭାଗର ପଦାଧିକାରୀ, ନିର୍ମାଣକାରୀ ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ।

# ଧାନବସ୍ତା ରଖି ରାସ୍ତାରୋକୋ କଲେ ଚାଷୀ

**କୋଲାବିରା,୧୯।୨(ସଞ୍ଜୟ ପୂଜାରୀ)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅଧୀନ ସମାସିଂହା ଓ ସୋଡ଼ାମାଳ ସମବାୟ ସମିତିର ଚାଷୀଙ୍କ ପକ୍ଷରୁ ଧାନ ବିକ୍ରି ପାଇଁ ସମ୍ପୂର୍ଣ୍ଣ ଟାର୍ଗେଟ୍ ଦାବିରେ ଗୁରୁବାର ସକାଳ ୯ଟାରୁ ସମାସିଂହାଠାରେ ରାସ୍ତାରୋକୋ କରାଯାଇଥିଲା। ଚାଷୀମାନେ ରାସ୍ତା ଉପରେ ଟ୍ରାକ୍ଟରରେ ଧାନବସ୍ତା ରଖି ଆନ୍ଦୋଳନ କରିବାରୁ ସମାସିଂହା-ସମ୍ବଲପୁର ରାସ୍ତାରେ ଭାରିଯାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଟାର୍ଗେଟ୍ ଅଭାବରୁ ଚଳିତମାସ ୧୩ ତାରିଖରୁ ଧାନ କ୍ରୟ ବନ୍ଦ ରହିଛି । ସମାସିଂହା ଓ ସୋଡ଼ାମାଳ ସମବାୟ ସମିତିର ଚାଷୀମାନେ ସମ୍ପୂର୍ଣ୍ଣ ଟାର୍ଗେଟ୍ ପ୍ରଦାନ ପାଇଁ ବୁଧବାର ପୂର୍ବାହ୍ନରେ କୋଲାବିରା ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ଏଥିରେ ସମାସିଂହା ସମବାୟ ସମିତି ପାଇଁ ୨୨୧୪ କୁଇଣ୍ଟାଲ ଓ ସୋଡ଼ାମାଳ ସମବାୟ ସମିତି ନିମନ୍ତେ ୩୫୦୦ କୁଇଣ୍ଟାଲର ଟାର୍ଗେଟ୍ ଦରକାର ବୋଲି ଉଲ୍ଲେଖ କରାଯାଇଥିଲା।


ଚାଷୀମାନେ ଟ୍ରାକ୍ଟରରେ ଧାନବସ୍ତା ରଖି ରାସ୍ତାରୋକୋ କରିଛନ୍ତି।

ବୁଧବାର ସନ୍ଧ୍ୟା ସୁଦ୍ଧା ନୂତନ ତଥା ସମ୍ପୂର୍ଣ୍ଣ ଟାର୍ଗେଟ୍ ପ୍ରଦାନ କରା ନ ଗଲେ ଗୁରୁବାର ସକାଳୁ ଚାଷୀମାନେ ସମାସିଂହାଠାରେ ରାସ୍ତାରୋକୋ ସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟାରେ ଉଭୟ ସମିତିକୁ ୮୦୦ କୁଇଣ୍ଟାଲ ଲେଖାଏ ଟାର୍ଗେଟ୍ ଦିଆଯାଇଥିଲା। ତେବେ ଦାବି ଅନୁଯାୟୀ ସମ୍ପୂର୍ଣ୍ଣ ଟାର୍ଗେଟ ଦିଆଯାଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ସମ୍ପୂର୍ଣ୍ଣ ଟାର୍ଗେଟ୍ ଦାବିରେ ସମାସିଂହା ପଞ୍ଚାୟତର ଶିବଶକ୍ତି କୃଷକ ସଂଘ ଓ ଚାଷୀଙ୍କ ପକ୍ଷରୁ ରାସ୍ତା ଉପରେ ଧାନଗାଡ଼ି ରଖି ଆନ୍ଦୋଳନ କରାଯାଇଥିଲା। କୃଷକ ସଂଘ ସଭାପତି ଚେତାନନ୍ଦ ପଟେଲ, ପୂର୍ବତନ ସରପଞ୍ଚ

## ଧାନ ବିକ୍ରି ପାଇଁ ସମ୍ପୂର୍ଣ୍ଣ ଟାର୍ଗେଟ୍ ଦାବି

ତୁଲାରାମ ସେନାପତି, ପୂର୍ବତନ ସରପଞ୍ଚ ହେମନ୍ତ ସାହୁ, ଗୌତମ ନାଏକ, ତୁଲେଶ୍ୱର ପଟେଲ, କେଦାର ଚନ୍ଦ୍ର ପଟେଲଙ୍କ ସମେତ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ତହସିଲଦାର ମନୋଜ କୁଜୁର ଆନ୍ଦୋଳନ ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ପରେ ୫ ଜଣିଆ ଚାଷୀ ପ୍ରତିନିଧିଙ୍କ ସହ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ତହସିଲଦାରଙ୍କ ଉପସ୍ଥିତିରେ ବେସ୍ରା ଚାଷୀ ପ୍ରତିନିଧି ଦଳକୁ କହିଥିଲେ, ମିଲରମାନଙ୍କ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଁ ଏହି ସମସ୍ୟା ସୃଷ୍ଟି ହୋଇଛି। ଆସନ୍ତା କିଛିଦିନ ମଧ୍ୟରେ ସମସ୍ତ ଟାର୍ଗେଟ୍ ପ୍ରଦାନ କରି ଚାଷୀଙ୍କ ଧାନ କିଣାଯିବ ବୋଲି ବେସ୍ରା ପ୍ରତିଶ୍ରୁତି ଦେବାରୁ ଅପରାହ୍ନରେ ଚାଷୀମାନେ ରାସ୍ତାରୋକୋରୁ ଓହରି ଯାଇଥିଲେ।

## ସଂକ୍ଷେପରେ

### ବାଇକ୍‌ରୁ ଖସି ମହିଳା ମୃତ

**ବଡ଼ଗାଁ,୧୯।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଛାମୁଣ୍ଡା ଗ୍ରାମର ଜଣେ ମହିଳା ବୁଧବାର ବାଇକ୍‌ରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ରମ୍ଭାବତୀ ପାଉଲେ (୬୦)। ଘଟଣା ଅନୁଯାୟୀ, ଛାମୁଣ୍ଡା ଗ୍ରାମର ମହନ ପାଉଲେ ବୁଧବାର ତାଙ୍କ ମା' ରମ୍ଭାବତୀଙ୍କ ସହିତ ବାଇକ ଯୋଗେ ବଡ଼ଗାଁ କୋଅପରେଟିଭ ବ୍ୟାଙ୍କକୁ ସାଢ଼େ ୯ଟାରେ ଆସିଥିଲେ। କାମ ସାରି ଦିନ ୧୨ଟାରେ ଘରକୁ ଫେରୁଥିବାବେଳେ ଫୁଲବାରୀ ଗାଁ ନିକଟରେ ମୁଣ୍ଡ ବୁଲାଇବାରୁ ବାଇକରୁ ରମ୍ଭାବତୀ ଖସିପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ବଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଅପରାହ୍ନ ସାଢ଼େ ୩ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଟ୍ରେଲର ଧକ୍କାରେ ସ୍କୁଟି ଆରୋହୀ ମୃତ

**ରାଜଗାଙ୍ଗପୁର,୧୯।୨(ଅଶୋକ ପାଣି) :** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରାଜ୍ୟରାଜପଥ ନଂ. ୧୦ ଜାମପାଲିଠାରେ ଗୁରୁବାର ଅପରାହ୍ନ ପ୍ରାୟ ୧୨ଟା ୩୦ରେ ଟ୍ରେଲର ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଞ୍ଚରା ଗ୍ରାମର ଅମିତ ବା(୩୫)। ଏନେଇ ଏକ ମାମଲା ନଂ.୧୦୪/୨୬ ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ସୂଚନା ଅନୁଯାୟୀ, ରାଜ୍ୟରାଜପଥ ନଂ. ୧୦ ଜାମପାଲିଠାରେ ସ୍କୁଟି ନଂ ଓଡି ୧୬କେ ୯୨୮୭ ଓ ଟ୍ରେଲର ନଂ. ସିଜି ୧୦ ବିଏସ ୭୧୮୫ଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ହିଁ ଅମିତଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ୨୬ ପରୀକ୍ଷାର୍ଥୀ ଅନୁପସ୍ଥିତ

**କୁଆଁରମୁଣ୍ଡା,୧୯।୨(ମହେନ୍ଦ୍ର କୁମାର ସାହୁ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଗୁରୁବାର ଅନୁଷ୍ଠିତ ହୋଇଛି। ଏନେଇ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ୧୮୯୦ ପରୀକ୍ଷାର୍ଥୀଙ୍କ ପାଇଁ ୮ ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରଥମ ଦିନରେ ମାତୃ ଭାଷା (ଓଡ଼ିଆ) ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ବ୍ଲକର ୮ଟି କେନ୍ଦ୍ରରେ ମୋଟ ୨୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷା ଅଧିକାରୀ ନମିତା ମହାପାତ୍ର ସୂଚନା ଦେଇଛନ୍ତି। ବୀରମିତ୍ରପୁର ଜାଗୃତି ହାଇସ୍କୁଲ କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲା ବେଳେ ଦଲକି ହାଇସ୍କୁଲ କେନ୍ଦ୍ରରେ ୭ ଜଣ ଅନୁପସ୍ଥିତ ଥିଲେ। ସେହିପରି କୁଆଁରମୁଣ୍ଡା ହରିହର ହାଇସ୍କୁଲ କେନ୍ଦ୍ରରେ ୬ ଜଣ, ଥାନା ରାଏବୋଗା ହାଇସ୍କୁଲ କେନ୍ଦ୍ରରେ ୫ ଜଣ ଅନୁପସ୍ଥିତ ଥିଲେ। ସେହିପରି ଅନ୍ୟ ୪ଟି କେନ୍ଦ୍ରରେ ୨ ଜଣ ଲେଖାଏଁ ମୋଟ ୮ ଜଣ ଅନୁପସ୍ଥିତ ଥିଲେ।

# ବୌଦ୍ଧିକ ସମ୍ପତ୍ତି ଶୀର୍ଷକ ଜାତୀୟ ଆଲୋଚନାଚକ୍ର

**ସୁନ୍ଦରଗଡ଼,୧୯।୨(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ବୌଦ୍ଧିକ ସମ୍ପତ୍ତି ଶୀର୍ଷକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ବବିତା ଭିତ୍ରିଆ ସଭାପତିତ୍ୱ କରି ବୌଦ୍ଧିକ ସମ୍ପତ୍ତି ଅଧିକାରର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ବିଷୟ ବିଶେଷଜ୍ଞ ରାଉରକେଲା ଏନଆଇଟିର କେମିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ସୁନୀତ ସେନ ଯୋଗଦେଇ ଶିକ୍ଷା ଓ ଗବେଷଣାରେ ବୌଦ୍ଧିକ ସମ୍ପତ୍ତି ଅଧିକାରର ଗୁରୁତ୍ୱ ଓ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ବିଷୟ ବିଶେଷଜ୍ଞ ଭାବେ ଖଡଗପୁର ଆଇଆଇଟିର ପ୍ରଫେସର ନିହାରୀକା ସାହୁ ବର୍ତ୍ତମାନ ସମୟରେ ଷ୍ଟାର୍ଟ ଅଫ ଓ ଉଦ୍ଭାବନରେ ବୌଦ୍ଧିକ ସମ୍ପତ୍ତି ଅଧିକାରର ଆବଶ୍ୟକତା ଓ ଏହା କିପରି ଉଦ୍ଭାବନକୁ ସୁରକ୍ଷା ପ୍ରଦାନ କରେ ସେ ଉପରେ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

ଆଲୋକପାତ କରିଥିଲେ। ଅନ୍ୟତମ ବିଷୟ ବିଶେଷଜ୍ଞଭାବେ କାଉନସିଲ ଅଫ ଇନୋଭେସନ ମ୍ୟାନେଜମେଣ୍ଟର ପ୍ରଫେସର ଅଜୟ ଚକ୍ରବର୍ତ୍ତୀ ଅନଲାଇନ ମାଧ୍ୟମରେ ଏହି ଆଲୋଚନା ଚକ୍ରରେ ଯୋଗଦେଇ ନବୀନତା ପରିଚାଳନା ଓ ଷ୍ଟାର୍ଟଅଫ ବିକାଶ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଆବାହକ ଡ. ଦୀପକ ରାଉତ ଆଲୋଚନା ଚକ୍ରର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମର ସମ୍ପାଦକ ସହକାରୀ ପ୍ରଫେସର ପ୍ରକାଶ କୁମାର ସାହୁ ଆଲୋଚନା ଚକ୍ର ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରର ପ୍ରଥମ ଓ ଦ୍ୱିତୀୟ ଅଧିବେଶନକୁ ସହକାରୀ ପ୍ରଫେସର ଡକ୍ଟର ପ୍ରଦୀପ କୁମାର ସାମନ୍ତରାୟ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ନିଜ ନିଜର ଷ୍ଟାର୍ଟ ଅଫ ମଡେଲକୁ ପ୍ରଦର୍ଶନ କରିଥିଲେ। ଏହି ଜାତୀୟ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# ରୋଜଗାର ପ୍ରଲୋଭନ ଦେଖାଇ ହୋଇଥିଲା ସାଇବର ଠକେଇ

**କୁତ୍ରା,୧୯।୨(ଦେବାଶିଷ ସାହୁ)**

**୨ ମାସରେ ୧ କୋଟି ୬୪ ଲକ୍ଷ ଟଙ୍କାର ଟ୍ରାଞ୍ଜାକ୍ସନ**

ସାଇବର ଠକଙ୍କ ଜାଲରେ ପଡି କୁତ୍ରା ଗ୍ରାମର ଜଣେ ଯୁବକ ଏକ ସଂସ୍ଥା ନାମରେ ଆକାଉଣ୍ଟ ଖୋଲି ଠକାମିର ଶିକାର ହୋଇଛନ୍ତି। ଅଭିଯୋଗକ୍ରମେ, କୁତ୍ରା ଗ୍ରାମର କହ୍ନାଇ କୁମାର ପଟ୍ଟାଙ୍କୁ ସାଇବର ଠକମାନେ ଫୋନ କଲ ମାଧ୍ୟମରେ ରୋଜଗାର ପ୍ରଦାନ କରିବାକୁ ପ୍ରଲୋଭନ ଦେଖାଇଥିଲେ। ପରେ ଯୁବକଙ୍କ ମାଲିକାନାରେ ଗୋଲ୍ଡେନ କଷ୍ଟମାଇଜ ପ୍ରିଣ୍ଟ ଟି ଶାର୍ଟ ଷ୍ଟୋର ନାମକ ଏକ ଆକାଉଣ୍ଟ କୁତ୍ରା ଷ୍ଟେଟ ବ୍ୟାଙ୍କରେ ଖୋଲାଇଥିଲେ। ସମ୍ପୃକ୍ତ ଯୁବକ ବ୍ୟାଙ୍କ ଖାତା ଖୋଲିବା ପାଇଁ ଆବଶ୍ୟକ ସମସ୍ତ ଡକ୍ୟୁମେଣ୍ଟ ବ୍ୟାଙ୍କରେ ଦେବା ସହ ଆକାଉଣ୍ଟର ସମସ୍ତ ଡକ୍ୟୁମେଣ୍ଟ ସାଇବର ଠକଙ୍କୁ ମଧ୍ୟ ଦେଇଥିଲେ। ଠକମାନେ ସେହି ଆକାଉଣ୍ଟ ଚଳାଉଥିଲେ। ସେହି ଆକାଉଣ୍ଟର କୌଣସି ତଥ୍ୟ କହ୍ନେଇ ଜାଣି ପାରୁ ନ ଥିଲେ। ଏହି ଆକାଉଣ୍ଟ ୧୫/୩/୨୦୨୪ ମସିହାରେ ଖୋଲାଯାଇଥିବା ବେଳେ ୧୭/୫/୨୦୨୪ ତାରିଖରେ ବନ୍ଦ କରିଦିଆଯାଇଥିଲା। ପରେ ବ୍ୟାଙ୍କ କର୍ମଚାରୀ କହ୍ନେଇଙ୍କୁ ଡାକି କହିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏହି ବ୍ୟାଙ୍କ ଆକାଉଣ୍ଟ ୨ ମାସ ଚାଲିଥିବା ବେଳେ ଏଥିରେ ୧ କୋଟି ୬୪ ଲକ୍ଷ ଟଙ୍କା ଟ୍ରାଞ୍ଜାକ୍ସନ ହୋଇଥିଲା। ଏତେ କମ ସମୟ ମଧ୍ୟରେ ଏତେ ବଡ ପରିମାଣର ଟ୍ରାଞ୍ଜାକ୍ସନ ହୋଇଥିବା ବେଳେ ଏ ନେଇ ରାଷ୍ଟ୍ରୀୟ ସାଇବର ଠକେଇ ପୋର୍ଟାଲ ଜରିଆରେ ସୂଚନା ଓ ଅଭିଯୋଗ ଆଧାରରେ ପୋଲିସ ସଂପୃକ୍ତ ଯୁବକଙ୍କୁ ପଚରାଉଚରା କରୁଛି। ଏ ନେଇ କୁତ୍ରା ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ସଂପୃକ୍ତ ଯୁବକ ଜଣକ ରୋଜଗାର ପାଇବା ଆଶାରେ ପଡି ସାଇବର ଠକଙ୍କ ଦ୍ୱାରା ପରିଚାଳିତ ହୋଇ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। କାହାରି ପ୍ରଲୋଭନରେ ନ ଆସି ଏଭଳି ଆକାଉଣ୍ଟ ନ ଖୋଲିବା ପାଇଁ ପୋଲିସ ଲୋକଙ୍କୁ ସଚେତନ ବାର୍ତ୍ତା ଦେଇଛି। ତେବେ ଆହୁରି ମଧ୍ୟ ଏଭଳି ଠକେଇ ହୋଇଥିବା ଥାନା ଅଧିକାରୀ ଲୋକେଶ୍ୱର ସାହୁ ସୂଚନା ଦେଇଛନ୍ତି ।

# ଛତାମ ମିଶନ ବିଦ୍ୟାଳୟର ବାର୍ଷିକୋତ୍ସବ

**ରାଉରକେଲା,୧୯।୨(ଦିନେଶ ମିଶ୍ର)**

ଜରେଇକେଲା କ୍ଲଷ୍ଟର ଅନ୍ତର୍ଗତ ଛତାମ ମିଶନ ପ୍ରାଥମିକ ବିଦ୍ୟାଳୟର ୧୦୨ତମ ବାର୍ଷିକୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ କ୍ୟାଥୋଲିକ୍ ଚର୍ଚ୍ଚର ଫାଦର ଗ୍ଲାଡ୍ସନ ଡୁଙ୍ଗଡୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭବିଷ୍ୟତକୁ ଲକ୍ଷ୍ୟ କରି ପ୍ରତ୍ୟେକ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ଚର୍ଚ୍ଚ ସଭାପତି ଜର୍ଜ କେରକେଟ୍ଟା, ସିଆର୍‌ସିସି ମନୋହର ଅଜୟ କାଣ୍ଡେ, ଅନୀଲ ତିର୍କୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ମନୋଜ କେରକେଟ୍ଟା, ଜୋଶେଫ ଡୁଙ୍ଗଡୁଙ୍ଗ, ରାୟମତି କେରକେଟ୍ଟା ପ୍ରମୁଖ ବିଦ୍ୟାଳୟର ଶହେ ବର୍ଷର ଇତିହାସ ସ୍ମରଣ କରିଥିଲେ। ଶିକ୍ଷକ ମର୍ଶାଲ କେରକେଟ୍ଟା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୂର୍ବରୁ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ସୂର୍ଯ୍ୟ ଟପ୍ପୋ, ଶିକ୍ଷୟିତ୍ରୀ ମେରୀ ମାଗ୍ରିତା ସୋରେଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

### ରାସ୍ତା କଡ଼କୁ ଖସିଲା ସ୍କୁଟି : ୨ମୃତ

**ସୁନ୍ଦରଗଡ଼,୧୯।୨(ଜୟ ନାରାୟଣ ମେଣ୍ଢୁଲି):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ସରଫଗଡ ଜଳଭଣ୍ଡାର ନିକଟ ଗୁଣ୍ଡିଆଡିହି ରାସ୍ତାରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲେଫ୍ରିପଡା ଥାନା ତେଲେନଡିହି ଦେମୁଶ ପଡାର ଶ୍ୟାମ ସାଗର କେରକେଟା(୩୦) ଓ ବଡଗାଁ ଥାନା ଅନ୍ତର୍ଗତ କୁଲଗାଁର ପ୍ରବୀଣ ଡୁଙ୍ଗଡୁଙ୍ଗ(୨୪)। ଏନେଇ ଲେଫ୍ରିପଡା ପୋଲିସ କେସ୍ ନଂ. ୩୪/୨୬ରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଶ୍ୟାମ ସାଗର ଓ ପ୍ରବୀଣ ବାଲିଶଙ୍କରାରେ ଡ୍ରାଇଭରଭାବେ କାର୍ଯ୍ୟ କରନ୍ତି। ବୁଧବାର ସନ୍ଧ୍ୟାରେ ଏକ ସ୍କୁଟି ନଂ.ଓଡି୨୬-କେ-୪୪୨୩ ଯୋଗେ ନିଜ ଗାଁ ତେଲେନଡିହିକୁ ଫେରୁଥିଲେ। ରାତି ପ୍ରାୟ ସାଢେ ୮ଟାରେ ସରଫଗଡ ଡ୍ୟାମ ଘାଟି ରାସ୍ତାରେ ତଳକୁ ଓହ୍ଲାଉଥିବା ବେଳେ ସ୍କୁଟିଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଖସି ରାସ୍ତା ପାର୍ଶ୍ୱରେ ଥିବା ଲୁହା ବାଡରେ ବାଡେଇ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରେ ପୋଲିସକୁ ଖବର ମିଳିବା ପରେ ଅଗ୍ନିଶମ ବାହିନୀ ସହ ଦୁର୍ଘଟଣା ସ୍ଥଳରେ ପହଞ୍ଚି ୨ ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଦୁର୍ଘଟଣା ଗସ୍ତ ସ୍କୁଟି ମଧ୍ୟ ଜବତ ହୋଇଛି।

# ଲହୁଣୀପଡ଼ାରେ ପରୀକ୍ଷା ଦେଲେ ୧୧୭୫ ଛାତ୍ରୀଛାତ୍ର

**ଲହୁଣୀପଡ଼ା,୧୯।୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକର ୫ ଟି ପରୀକ୍ଷା କେନ୍ଦ୍ରରେ ୧୧୭୫ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଲହୁଣୀପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୧୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୦୧ ଜଣ ପରୀକ୍ଷା ଦେଇଥିବା ବେଳେ ୯ ଜଣ ଅନୁପସ୍ଥିତି ଥିବା ଜଣାପଡିଛି। ଗୁଡିଆଳି ଉଚ୍ଚ ବିଦ୍ୟାଳୟରେ ୨୩୧ରୁ ୨୨୯, ଖୁଣ୍ଟଗାଁ ବାଳିକା ଉଚ୍ଚ ବିଦ୍ୟାଳୟ (ଡଲସୁରେଇ)ରେ ୨୭୬ରୁ ୨୭୪, ଖୁଣ୍ଟଗାଁ ଉଚ୍ଚ ବିଦ୍ୟାଳୟରେ ୩୦୬ରୁ ୩୦୨, ଲହୁଣୀପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ୧୦୪ରୁ ୬୯ ଜଣ ପରୀକ୍ଷା ଦେଉଛନ୍ତି। ମୋଟ ୧୨୨୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୭୫ ପରୀକ୍ଷା ଦେଉଛନ୍ତି। ୫୨ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜଣାପଡିଛି। ୫ଟି କେନ୍ଦ୍ରରେ ୧୦୨ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ଅଛନ୍ତି। ଲହୁଣୀପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଦାୟିତ୍ୱ ଦିଆଯାଇଛି। ଲହୁଣୀପଡ଼ା ପୋଲିସଙ୍କ ଉପସ୍ଥିତରେ ଏବଂ ଅତିରିକ୍ତ ତହସିଲଦାର ଝସକେତନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା କେନ୍ଦ୍ର ଗୁଡିକୁ ପ୍ରଶ୍ନପତ୍ର ପହଞ୍ଚା ଯାଇଥିବା ଜଣାପଡିଛି। ଲହୁଣୀପଡ଼ା ବିଇଓ ଭଗବାନ ବାଙ୍କୀରା,ଏବିଇଓ ନରହରି କିଷାନଙ୍କ ସହିତ ପର୍ଯ୍ୟବେକ୍ଷକମାନେ ବିଭିନ୍ନ କେନ୍ଦ୍ରରେ ଦାୟିତ୍ୱ ତୁଲାଉଥିବା ବେଳେ ସ୍କାର୍ଡ ଭାବେ ବଣେଇ ବିଇଓ ସୁନୀଲ ମୁଣ୍ଡ ଓ କୋଇଡା ବିଇଓ ଅଭିମନ୍ୟୁ ବେହେରା ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରୁଥିବା ଜଣାପଡିଛି।

# କାର୍ ଚେପା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ବଡ଼ଗାଁ,୧୯।୨(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିଁକିଲିପଡା ଗାଁ ନିକଟ ରାଜପଥରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ୭ଟା ବେଳେ ସୁନ୍ଦରଗଡ଼ରୁ କୁତ୍ରା ଥାନା ଅନ୍ତର୍ଗତ ସଲଙ୍ଗାବାହାଲକୁ ଯାଉଥିବା ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାସ୍ତା କଡ଼ରେ ଥିବା ପିଚୁ ଗଦା ଉପରେ କାର ଚଢ଼ିଯିବାରୁ ଭାରସାମ୍ୟ ହରାଇ



ସୁରକ୍ଷା ବାଡ଼ାରେ ପିଟି ହୋଇ ୩ ଥର ଓଲଟି ଯାଇଥିଲା । ତେବେ ଦୁର୍ଘଟଣାରେ ଚାଳକଙ୍କ ସମେତ ୩ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାରର ସମ୍ମୁଖ ଭାଗ ଓ ପଛପଟ ସମ୍ପୂର୍ଣ୍ଣ ଚେପା ହୋଇଯାଇଛି। ବଡ଼ଗାଁ ପୋଲିସ ଗାଡ଼ି ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ଦୁର୍ଘଟଣାରେ ସଲଙ୍ଗାବାହାଲ ଗ୍ରାମର ୨ ଯୁବକଙ୍କ କିଛି ହୋଇ ନ ଥିବା ବେଳେ ଜଣେ ଯୁବତୀ ସାମାନ୍ୟ ଆହତ ହୋଇଛନ୍ତି।

# ରାଜଗାଙ୍ଗପୁରରେ ପରୀକ୍ଷା ଦେଲେ ୧୫୩୫ ଛାତ୍ରୀଛାତ୍ର

**ରାଜଗାଙ୍ଗପୁର,୧୯।୨(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ପୌରପରିଷଦ ତଥା ବ୍ଲକ ଅନ୍ତର୍ଗତ ୨୪ଟି ବିଦ୍ୟାଳୟର ୧୫୩୫ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଉଛନ୍ତି। ରାଷ୍ଟ୍ରୀୟ ବିଦ୍ୟାଳୟ, ଗୋପବନ୍ଧୁ ହାଇସ୍କୁଲ, ସ୍ୱାତିମେରି ବିଦ୍ୟାଳୟ, ଜିଏଲଚର୍ଚ୍ଚ ବିଦ୍ୟାଳୟ, ମାଲିଡିହି ଉଚ୍ଚ ବିଦ୍ୟାଳୟ, ଜାମପାଲି ବାଳିକା ବିଦ୍ୟାଳୟ, ଲାଇଙ୍ଗ ବିମଳାଦେବୀ ଉଚ୍ଚ ବିଦ୍ୟାଳୟ, କାଂଶବାହାଲ ଉଚ୍ଚ ବିଦ୍ୟାଳୟ ଓ କାଂଶବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଆରମ୍ଭ ହୋଇଛି।

# ମୃତଦେହ ଛୁଇଁଲେନି ପରିବାର, ସାହା ହେଲେ ଶ୍ମଶାନ ବନ୍ଧୁ

**ସୁନ୍ଦରଗଡ,୧୯।୨ (ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଶଙ୍କରା ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ପରେ ପରିବାର ଏବଂ ଜାତିଭାଇ ମୃତଦେହ ନ ଛୁଇଁବାରୁ ସ୍ଥାନୀୟ ଶ୍ମଶାନ ବନ୍ଧୁମାନେ ସତ୍କାର କରି ମହନୀୟତାର ପରିଚୟ ଦେଇଛନ୍ତି। ସଦର ଥାନା ଅନ୍ତର୍ଗତ ମେଘଡେଗା ଗ୍ରାମର ନରୋତ୍ତମ ମଗରଙ୍କ ଝିଅ ସୁରେଖା ମଗର ଘରୁ ପଳାଇଯାଇ ଭଷ୍ମା ଥାନା ଅନ୍ତର୍ଗତ ମହିପାନି ଗ୍ରାମର ଗଣେଶ ମହାଭରାଙ୍କୁ ପ୍ରେମ ବିବାହ କରିଥିଲେ। ଗଣେଶ ଓ ସୁରେଖା ଉଭୟ ଅଲଗା ଜାତିର ହୋଇଥିବାରୁ ସୁରେଖାଙ୍କ ପରିବାର ଲୋକ ସମ୍ପର୍କ ଛିନ୍ନ କରିଦେଲେ। ସୁରେଖାଙ୍କ ଏକ ପୁଅ ଓ ଝିଅ ଅଛନ୍ତି। ୨୦୨୪ରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହେବାରୁ ଗଣେଶଙ୍କୁ ଛାଡିଦେଇ ସୁରେଖା ସବୁଦିନ ପାଇଁ ନିଜ ବାପଘରକୁ ଚାଲି ଆସିଲେ। ପରିବାର ଲୋକେ ତାଙ୍କୁ ଆପଣାଇ ଘରେ ରଖିଥିଲେ। ଗତବର୍ଷ ସୁରେଖା କକା ପୁଅ ଭାଇଙ୍କ ସହ ଘରୁ ପଳାଇଲେ। ଭଉଣୀ ଭାଇଙ୍କ ଭିତରେ ଏହି ପାପ ସମ୍ପର୍କକୁ ନେଇ ତାଙ୍କ ପରିବାରକୁ ଅନେକ ଲୋକହସା ହେବାକୁ ପଡିଲା। ୧୭ ଫେବୃଆରୀରେ ସୁରେଖାଙ୍କ ମୃତଦେହ ଶଙ୍କରାର ଏକ ପୋଖରୀରେ ଭାସୁଥିବା ଟାଉନ ପୋଲିସକୁ ଖବର ମିଳିଥିଲା। ଟାଉନ ଥାନାର ତଦନ୍ତକାରୀ ଅଧିକାରୀ ଏସଆଇ ସୁନିଲ ମହନ୍ତ ଅନେକ ଖୋଜ ଖବର ପରେ ମେଘଡେଗାର ନରୋତ୍ତମ ମଗରଙ୍କ ଝିଅ ସୁରେଖାଙ୍କ ବୋଲି ଚିହ୍ନଟ କରିଥିଲେ। ନରୋତ୍ତମ ଝିଅର ମୃତଦେହକୁ ଚିହ୍ନଟ କରିଥିଲେ ମଧ୍ୟ ନେବାକୁ ମନା କରିଦେଇଥିଲେ। ସୁରେଖାଙ୍କ ଆଗ ସ୍ୱାମୀ ଗଣେଶ ଓ ନିଜ ଜନ୍ମକଲା ପୁଅ ଝିଅଙ୍କୁ ଖବର ଦିଆଯିବା ପରେ ସେମାନେ ମଧ୍ୟ ଆସିବାକୁ ମନା କରିଦେଇ ଥିଲେ। ଶେଷରେ ଟାଉନ ପୋଲିସ ଟିମ ଶ୍ମଶାନ ବନ୍ଧୁର ସଦସ୍ୟଙ୍କ ସହଯୋଗ ଲୋଡିବା ପରେ ଟିମ ସଦସ୍ୟ ଶିଶିର କୁମାର ବେହେରା, ବିଷ୍ଣୁ ରକ୍ସା ଓ ଦେବେନ୍ଦ୍ର ସାହୁ ଶବ ବ୍ୟବଚ୍ଛେଦ କରିବା ସହିତ ସ୍ୱର୍ଗଦ୍ୱାରକୁ ଆଣିବା ସହିତ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନ ତରଫରୁ ଶବସଂସ୍କାର ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା।

**OFFICE OF THE REGISTRAR VIKRAM DEV UNIVERSITY**
NH-26, JEYPORE, DIST: KORAPUT,ODISHA, PIN - 764001
www.vikramdevuniversity.ac.in
No. 558 /VDU/2026 Date 17.02.2026
**RECRUITMENT NOTICE**
**No.11001/27/2526** : Vikram Dev University invites applications in both physical and online mode through **HIMS portal** from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the departments of Anthropology, Botany, Chemistry, Commerce, Economics, Education, English, Geography, Home Science, History, Mathematics, Odia, Philosophy, Physics, Political Science, Sociology, Statistics, Zoology of this University as directed vide Letter No. 5322/HE, Dated 31.01.2026 of Department of the Higher Education, Government of Odisha, Bhubaneswar. The online application form and department wise reservation details will be made available on the **University website** www.vikramdevuniversity.ac.in and **HIMS Portal** from 28.02.2026 onwards. For details of the terms and conditions, guidelines for applying etc. Please visit the University website.
Application open date: 28.02.2026
Application closing date: 31.03.2026
Closing Date for receipt of Printed copy of the application: 10.04.2026
Sd./- REGISTRAR, Vikram Dev University, Jeypore
OIPR-11001/11133/1/25-26/0009

No.4001/32/2526
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD, WS & EC DIVISION-I, IDCO, IDCO TOWERS, BHUBANESWAR-751022**
Tender Call Notice No. WS & EC-I / D2-225 / 2025-26 / 383 Dated : 11.02.2026
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Value of work (Approx.) | Period of Completion |
|---|---|---|---|
| 1. | Supply, Installation, Testing and Commissioning of online Continuous Effluent Quality Monitoring System (CEQMS) at CETP, Sea Food Park, Deras | ₹ 28.10 lakhs | 02 (Two) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-I, IDCO, IDCO Towers, Bhubaneswar -751022 | Bid ID. no. WS & EC-I/EST/E-06/ 2025-26 | 16:00 Hours of dt.19.02.2026 | 16:00 Hours of dt.05.03.2026 |

Further details can be seen from the e-procurement portal www.tendersodisha.gov.in. Corrigendum or Addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.
Sd./- Divisional Head, WS&EC Divn.-I, IDCO, Bhubaneswar
OIPR-4001/4075/1/25-26/0012

**OFFICE OF THE SUPERINTENDING ENGINEER RURAL WORKS DIVISION : SUNDARGARH**
E.Mail : rw_sundargarh@yahoo.co.in. Ph : 06622-272280 (off)
**2nd Corrigendum to Bid Identification No. Online-SESNG-23 of 2025-26**
**No.25001/196/2526** : In continuation to this office bid Identification No. : Online-SESNG-23 of 2025-26 invited vide this office notice no.118 dt.05.01.2026 is partial modified for the work TCN has been made as follows :-

| Sl. No. | | Time Schedule as per original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 15.01.2026 at 11.00 A.M. to 27.01.2026 up to 06.00 P.M. | Extended up to 05.03.2026 up to 5.00 P.M. |
| 2 | Last date of seeking clarification | 22.01.2026 at 11.00 A.M. | Extended up to 02.03.2026 up to 11.00 A.M. |
| 3 | Date of Opening of Tender | 28.01.2026 at 10.00 A.M. | Extended up to 06.03.2026 at 10.00 A.M. |

All other terms & conditions remain unchanged.
Sd./- Executive Engineer, R.W.Division, Sundargarh
OIPR-25001/25046/1/25-26/0006

**GOVT. OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO.III, KHUNTUNI, DHENKANAL**
Email Id : eekhuntuni@gmail.com
**'e' Procurement Notice**
**No.32001/105/2526** : The Superintending Engineer, Rengali Right Canal Division No.III, Khuntuni on behalf of the Governor of Odisha invites on line percentage rate bids in single cover system for execution of the work as detailed below :
**1. Name of the work :** Shifting & Reconstruction of LT/HT line, Shifting/Heightening of connected HT line 11KV and LT line coming under alignment of DBC from RD 62907M to 65890M in village Suanri and Safa, **2. Tender Cost :** Rs.13,13,647.00, **3. Bid Document Cost :** Rs.6,000.00 (on line), **4. Bid Security/EMD :** Rs.13,200.00, **5. Class of Contractor :** Registered Electrical Contractor with HT License, **6. Period of Completion :** 02 Calendar months, 7. Other details are as follows :

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No.III, Khuntuni, Dhenkanal | SERRCD-III-01/2025-26 | 19.02.2026 10.00 A.M. | 05.03.2026 5.30 P.M. | 06.03.2026 11.30 A.M. |

Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/ Cancellation to the above notice will be published in the Govt. website www.tendersodisha.gov.in.
Sd./- Superintending Engineer, Rengali Right Canal Division No.III, Khuntuni, Dhenkanal
OIPR-32001/32315/1/25-26/0001

**STATE POLLUTION CONTROL BOARD, ODISHA**
**[DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA]**
**Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012**
No.2284/I-Estt.(A)17/2025 Dt.18.02.2026
**NOTICE**
**No.8001/88/2526** : It is for information of the Applicants that Written Test on CBT Mode pursuant to the Recruitment Advertisement No.835, Dt.20.01.2026 of SPC Board, Odisha will be held as per the programme mentioned below.

| Date of Examination | Name of the Post | Shift-I (9.00 A.M. to 10.30 A.M.) | Shift-2 (12.30 P.M. to 2.00 P.M.) | Shift-3 (4.00 P.M. to 5.30 P.M.) |
|---|---|---|---|---|
| (1) | (2) | (3) | (4) | (5) |
| 25.02.2026 | Asst. Section Officer | Shift-I | - | - |
| 26.02.2026 | Asst. Env. Scientist | Shift-I | - | - |
| 26.02.2026 | Jr. Accountant | - | Shift-2 | - |
| 26.02.2026 | Accountant | - | - | Shift-3 |
| 26.02.2026 | Sr.Scientific Assistant | - | - | Shift-3 |
| 27.02.2026 | Junior Assistant | Shift-I | - | - |
| 27.02.2026 | Asst. Env. Engineer | - | Shift-2 | - |
| 27.02.2026 | Jr. Lab. Assistant | - | - | Shift-3 |

The concerned candidates may download their Admit Card to be live w.e.f. 20.02.2026
OIPR-8001/8012/1/25-26/0014 Sd./- Member Secretary

# ଲୋଇସିଂହାର ୨୧, ଆଗଲପୁରର ୧୫ ପରୀକ୍ଷାର୍ଥୀ ଅନୁପସ୍ଥିତ

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଲୋଇସିଂହା ବ୍ଲକର ୭ଟି କେନ୍ଦ୍ରରେ ୨୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଲୋଇସିଂହା ବ୍ଲକର ସରଗାଡ ଓ କୁରୁରାପାଲି କେନ୍ଦ୍ରରେ ସର୍ବାଧିକ ୫ ଜଣ ଲେଖାଏ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ସେହିପରି ଆଗଲପୁର ବ୍ଲକର ୧୧ କେନ୍ଦ୍ରରେ ୧୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଲୋଇସିଂହା ବ୍ଲକର ୭ କେନ୍ଦ୍ରରେ ୯୬୬ ଜଣ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୯୪୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୦୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୩ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ କେନ୍ଦ୍ରରେ ୧୯୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ଜଣ ଅନୁପସ୍ଥିତ ରହିଥିଲେ। ଯୋଗୀସର୍ଡା ହରିହର ନୋଡାଲ କେନ୍ଦ୍ରରେ ୧୧୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୬ ଜଣ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ରହିଥିଲେ। ଲୋଇସିଂହା ବ୍ଲକର ଖାରମୁଣ୍ଡା କେନ୍ଦ୍ରରେ କେବଳ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ଖବର ହସ୍ତଗତ ହୋଇଛି। ସେହିପରି କୁଶଙ୍ଗ କେନ୍ଦ୍ରରେ ୨ ଜଣ ଏବଂ ସରଗାଡ ଓ କୁରାପାଲି କେନ୍ଦ୍ରରେ ସର୍ବାଧିକ ୫ ଜଣ ଲେଖାଏ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଆଗଲପୁର ବ୍ଲକର ୧୧ କେନ୍ଦ୍ରରେ ୧୪୯୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୭୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି। ଆଗଲପୁର ବ୍ଲକର ଆଗଲପୁର ବାଳିକା ଉଚ୍ଚ ବିଦ୍ୟାଳୟ, ସାଲେଭଟା ବାଳିକା ଉଚ୍ଚ ବିଦ୍ୟାଳୟ, କୁଟାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ରାମପୁର ଆଶ୍ରମ ସ୍କୁଲ କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ନଅଗାଁ(କ) ରେ ୪ ଜଣ, ଆଗଲପୁର ପଞ୍ଚାୟତ ହାଇସ୍କୁଲ ଓ ଭରସୁଜା ଛେଳିଆପାଟ ହାଇସ୍କୁଲ କେନ୍ଦ୍ରରେ ୩ ଜଣ ଲେଖାଏ, ରୋତ କେନ୍ଦ୍ରରେ ୨ ଜଣ, ଡୁଡୁକା, ସାଲେଭଟା ଉତ୍କଳମଣି ହାଇସ୍କୁଲ, ନଅଗାଁ(ଖ) ନୋଡାଲ ହାଇସ୍କୁଲ କେନ୍ଦ୍ରରେ ଜଣେ ଲେଖାଏ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ଡ୍ରପ୍ ଆଉଟ ରୋକିବା ପାଇଁ ସରକାରୀ ସ୍ତରରେ ବହୁ ଉଦ୍ୟମ ହେଉଛି। ଛାତ୍ରୀଛାତ୍ରଙ୍କୁ ସ୍କୁଲ ମୁହାଁ କରିବା ସହିତ କିପରି ଭାବେ ପରୀକ୍ଷା ଦେବେ ସେଥିପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାସତ୍ତ୍ୱେ ଏତେ ସଂଖ୍ୟକ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ରହିବା ଉଦ୍‌ବେଗର କାରଣ ହୋଇଛି। ବିଭାଗୀୟ ଉଦସୀନତା ହେଉ କିମ୍ବା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆନ୍ତରିକତା ଅଭାବ ହେଉ କି ପରୀକ୍ଷା କେନ୍ଦ୍ରର କଟକଣା ଭୟ ନା ଦାଦନ ଯୋଗୁ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଛନ୍ତି ତାର ତଦନ୍ତ କରାଯିବା ଆବଶ୍ୟକତା ରହିଛି।

**ମାଟ୍ରିକ୍ ପରୀକ୍ଷା ପ୍ରଥମ ଦିନ**

## ଠାକୁର ଦର୍ଶନ କରି ପରୀକ୍ଷା କେନ୍ଦ୍ରକୁ ଗଲେ ପରୀକ୍ଷାର୍ଥୀ

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ଗୁରୁବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ଏହା ଆସନ୍ତା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଛାତ୍ରୀଛାତ୍ରମାନେ ପ୍ରଥମ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେଉଥିବାରୁ ସେମାନଙ୍କଠାରେ ଉତ୍ସାହ ଦେଖିବାକୁ ମିଳିଥିଲା । ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ କେନ୍ଦ୍ରରେ ଲୋଇସିଂହା ବ୍ଲକର ବୁଢୀପଦର, କେଉଁଟିପାଲି ଓ ବାଦିବାହାଲ ହାଇସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି । ଏଠାରେ ୧୧୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି । ଯୋଗୀସର୍ଡା ପରୀକ୍ଷା କେନ୍ଦ୍ର ଆଗରେ ରହିଛି ପ୍ରସିଦ୍ଧ ଯୋଗେଶ୍ୱର ବାବାଙ୍କ ପୀଠ। ପରୀକ୍ଷା ପୂର୍ବାହ୍ନ ୧୧ ଟା ୩୦ ପର୍ଯ୍ୟନ୍ତ ଥିଲା । କିନ୍ତୁ ପରୀକ୍ଷାର ନିର୍ଦ୍ଧାରିତ ସମୟ ପୂର୍ବରୁ ଛାତ୍ରୀଛାତ୍ର ସେଠାରେ ପହଞ୍ଚି ଗାଇଡ୍ ଶିକ୍ଷକ ଏବଂ ଅଭିଭାବକଙ୍କ ସହିତ ଯୋଗେଶ୍ୱର ପୀଠକୁ ଯାଇ ଠାକୁରଙ୍କୁ ଦର୍ଶନ କରି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା ।



କେଉଁଟିପାଲି ସ୍କୁଲର ଛାତ୍ରୀଛାତ୍ର ଠାକୁର ଦର୍ଶନ କରି ଫେରୁଛନ୍ତି।

# ଅବାଧ ଓ କପିମୁକ୍ତ ପରୀକ୍ଷା ଉପରେ ଗୁରୁତ୍ୱ



ବଲାଙ୍ଗୀର ଟାଉନ ବାଳିକା ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଯିବା ପୂର୍ବରୁ ପରୀକ୍ଷାର୍ଥୀମାନଙ୍କୁ ଯାଞ୍ଚ କରାଯାଉଛି।

ବଲାଙ୍ଗୀର,୧୯।୨(ବୀରେନ୍ଦ୍ର କୁମାର ଝାଙ୍କର)

**ଆରମ୍ଭ ହେଲା ମାଟ୍ରିକ୍ ସାର୍ଟିଫିକେଟ୍ ପରୀକ୍ଷା**

ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ମାଟ୍ରିକ୍) ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲାର ୩୭୧ଟି ହାଇସ୍କୁଲର ପରୀକ୍ଷାର୍ଥୀମାନେ ଜିଲାର ୧୬୮ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଗୁରୁବାର ସକାଳ ୮ଟାରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରଥମ ଦିନ ମାତୃଭାଷା ଓଡିଆ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନେ ଚାପମୁକ୍ତ ହୋଇ ପରୀକ୍ଷା କେନ୍ଦ୍ରକୁ ଯାଇଥିବା ଦେଖାଯାଇଥିଲା। ପରୀକ୍ଷା କିଭଳି ଅବାଧ ଏବଂ କପି ମୁକ୍ତ ହେବ ସେନେଇ ଜିଲା ଶିକ୍ଷା ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା କେନ୍ଦ୍ର ଫାଟକ ସମ୍ମୁଖରେ ଶିକ୍ଷକ, ପରୀକ୍ଷକମାନେ ପରୀକ୍ଷାର୍ଥୀମାନଙ୍କୁ ଯାଞ୍ଚ କରି ପରୀକ୍ଷା କେନ୍ଦ୍ରକୁ ଛାଡିଥିଲେ। ସକାଳ ୯ଟାରୁ ମାତୃଭାଷା ପରୀକ୍ଷା ଆରମ୍ଭ ହୋଇଥିଲା। ସାଢ଼େ ୧୧ଟାରେ ପରୀକ୍ଷାରୁ ବାହାରିବା ପରେ ଛାତ୍ରୀଛାତ୍ରମାନେ ପ୍ରଥମ ଦିନର ପରୀକ୍ଷା ଖୁବ୍ ଭଲ ହୋଇଥିବା କହିଥିଲେ। ୨୧ ତାରିଖ ଦିନ ଇଂରାଜୀ ଭାଷା ପରୀକ୍ଷା ହେବ। ଏଥିସକାଶେ ପ୍ରସ୍ତୁତିରେ ଲାଗିବେ ବୋଲି ଛାତ୍ରୀଛାତ୍ର କହିଥିଲେ। ଚଳିତବର୍ଷ ଜିଲାରେ ମାଟ୍ରିକ ପରୀକ୍ଷା ଦେବାକୁ ୨୪ ହଜାର ୯୧ ପରୀକ୍ଷାର୍ଥୀ ଯୋଗ୍ୟ ବିବେଚିତ ହୋଇଥିଲେ।

## ବୀରସୁରେନ୍ଦ୍ର ସାଏ ଦୃଷ୍ଟି ଶକ୍ତି ପରୀକ୍ଷା ଶିବିର

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ପ୍ରାୟୋଜିତ ବୀରସୁରେନ୍ଦ୍ର ସାଏ ଦୃଷ୍ଟି ଶକ୍ତି ପରୀକ୍ଷା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡୁଡୁକା, ସାଲେଭଟା, ନଅଗାଁ(ଖ), ବଡଟୀକା ଓ କୁଟାସିଂହା ଆଞ୍ଚଳିକ ସାଧନ କେନ୍ଦ୍ରର ଦୃଷ୍ଟି ଦୋଷ ଥିବା ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଚକ୍ଷୁ ବିଭାଗର ଡା. ତୁଳସୀ ରାମ ସାହୁ ଓ ମେହେକ ରାଉତଙ୍କ ଉପସ୍ଥିତିରେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଗିରିଧାରୀ ମେହେର କମ୍ପ୍ୟୁଟର ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଶିବିରରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଏବିଓ ରଜନୀକାନ୍ତ ସାହୁ, ସିଆରସିସି ରୋହିତ ପଧାନ, ବ୍ଲକ ସାଧନ କର୍ମୀ (ଭିନ୍ନକ୍ଷମ ବିଭାଗ) ବନକିଶୋର ସାମଲ, ଲୁହୁରାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଦେବ ମହାକୁର ଉପସ୍ଥିତ ଥିଲେ । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସୁବ୍ରତ ଦାସ, ଜନ୍ମେଜୟ ଛନ୍ଦ, ରକ୍ମଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ନିରାମୟ କେନ୍ଦ୍ରରେ ଭୁଲ୍ ଔଷଧ ବଣ୍ଟନ କରିବା ଅଭିଯୋଗ

ପାଟଣାଗଡ଼,୧୯।୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ସହରସ୍ଥିତ ଉପଖଣ୍ଡ ଚିକିତ୍ସାଳୟର ନିରାମୟ ଔଷଧ କେନ୍ଦ୍ରରେ ଭୁଲ୍ ଔଷଧ ବଣ୍ଟନ କରାଯାଉଥିବାର ସାଂଘାତିକ ଅଭିଯୋଗ ଗୁରୁବାର ସାମ୍ନାକୁ ଆସିଛି। ହସ୍ପିଟାଲ ପରିସରରେ ଥିବା ଏହି କେନ୍ଦ୍ରରେ ଜଣେ କର୍ମଚାରୀ ରୋଗୀ ଓ ସମ୍ପର୍କୀୟମାନଙ୍କୁ ଭୁଲ୍ ଔଷଧ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ନିରାମୟ କେନ୍ଦ୍ରରେ ବୁଧବାର ରାତିରେ ସମ୍ପୃକ୍ତ କର୍ମଚାରୀ ଜଣକ କୁଆଡେ ନିଶାସକ୍ତ ଅବସ୍ଥାରେ ଡ୍ୟୁଟି କରୁଥିଲେ। ସେହି ସମୟରେ ଔଷଧ ନେବାକୁ ଆସିଥିବା କେତେଜଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ସେ ଭୁଲ୍ ଔଷଧ ପ୍ରଦାନ କରିଥିଲେ। ରୋଗୀମାନେ ଔଷଧ ଯାଞ୍ଚ କରିବା ପରେ ଏହା ଜାଣିବାକୁ ପାଇଥିଲେ। କର୍ମଚାରୀ ଜଣକ ଏତେ ନିଶାରେ ଥିଲେ ଯେ, ସେ କାହାକୁ କି ପ୍ରକାରର ଔଷଧ ଦେଉଥିଲେ, ସେ ନିଜେ ଜାଣି ପାରୁ ନ ଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା କେତେଜଣ ବ୍ୟକ୍ତି କର୍ମଚାରୀଙ୍କ ନିଶାସକ୍ତ ଅବସ୍ଥାକୁ ଦେଖି ନିଜ ମୋବାଇଲ କ୍ୟାମେରାରେ ଭିଡିଓ କରିଥିଲେ। ଭିଡିଓରେ କର୍ମଚାରୀ ଜଣକ ନିରାମୟ ଔଷଧ କେନ୍ଦ୍ରର ଚେୟାରରେ ବସି ରହିଥିବା ବେଳେ ଭୁଲ ଔଷଧ ଦେବା ନେଇ ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କ ସହ ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁରଜ ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଆଜି ଜାଣି ବଲାଙ୍ଗୀର ସିଡିଏମ୍‌ଓଙ୍କ ସହ କଥା ହୋଇଛି। ଏହାର ତଦନ୍ତ କରାଯିବା ପରେ ସିଡିଏମ୍‌ଓଙ୍କୁ ଅବଗତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଏଲ୍‌ପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

ଲାଠୋର,୧୯।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଖେଳପଡିଆକୁ ମିନି ଷ୍ଟାଡିୟମର ମାନ୍ୟତା ମିଳିଛି। ଏହି ପରିପ୍ରେକ୍ଷୀରେ ଜୟ ମା' ବସ୍ତ୍ରେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୬ଟି ଟିମ୍‌କୁ ନେଇ ପ୍ରଥମଥର ଲାଠୋରରେ ଏଲପିଏଲ (ଲାଠୋର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ)ଆୟୋଜନ ପାଇଁ ପ୍ରୟାସ ଆରମ୍ଭ ହୋଇଛି। କ୍ଲବ ପକ୍ଷରୁ ଅଗ୍ରସେନ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟୁର୍ନାମେଣ୍ଟର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏଲପିଏଲରେ ଖେଳିବା ପାଇଁ ୨୦୦ ଖେଳାଳି ଆବେଦନ କରିଥିଲେ। ଆବଶ୍ୟକ ଯାଞ୍ଚ ପରେ ସେଥିମଧ୍ୟରୁ କ୍ଲବ ୧୨ ଜଣ ଆଇକନ ଖେଳାଳିଙ୍କ ସମେତ ମୋଟ ୧୧୦ ଜଣ ଖେଳାଳିଙ୍କୁ ଚୟନ କରିଛି। ସେମାନଙ୍କ ମଧ୍ୟରୁ ଲାଏବାନ ସୁନା ଏବଂ ଲିଙ୍କୁ ମେହେରଙ୍କ ଏଲ୍‌ଏଲ୍ କିଙ୍ଗ ଟିମ୍ ୧୯ ଜଣ ଖେଳାଳିଙ୍କୁ କିଣିଛନ୍ତି। ମନୁ ସିଂ ଏବଂ ଶଙ୍କର ମେହେରଙ୍କ ଅଲ ରାଉଣ୍ଡର ଇଲେଭେନ ଟିମ୍ ୧୮ ଜଣ ଖେଳାଳିଙ୍କୁ କିଣିଛନ୍ତି। ଆକାଶ ଜୈନ ଏବଂ ବିଶ୍ୱ ମେହେରଙ୍କ ସ୍କାଏ କିଙ୍ଗ ଟିମ୍ ୧୭ ଖେଳାଳିଙ୍କୁ ଦଳରେ ନେଇଛି। ସେହିପରି ମନୋଜ କରୁଆଁ, ଡମ୍ବରୁ କାଠର ଏବଂ ଛବି ହଂସଙ୍କ କିଲର କିଙ୍ଗ ଟିମ୍ ୧୯ ଜଣ ଖେଳାଳିଙ୍କୁ କିଣିଛି। ଅମିତ ସିଂଘଲ, ସୁଶିଲ ଅଗ୍ରୱାଲ ଏବଂ ରାହୁଲ ଅଗ୍ରୱାଲଙ୍କ ଏଆର୍‌ଏସ ଇଲେଭେନ ଟିମ୍ ୧୮ ଜଣ ଖେଳାଳିଙ୍କୁ ନେଇଛି। ସପନ ମେହେର ଏବଂ ଶ୍ରୀରାମ ମେହେରଙ୍କ ପିପଲବାହାଲ ଫାଇଟର୍ସ ଟିମ ୧୯ ଜଣ ଖେଳାଳିଙ୍କୁ କିଣିଛି। ଖୁବ ଶୀଘ୍ର ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ପ୍ରକାଶ ପାଇବ ବୋଲି କ୍ଲବ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ପ୍ରଚେଷ୍ଟାରେ ଏହି ମିନି ଷ୍ଟାଡିୟମ କାମ ଚାଲିଥିବାରୁ ଅଞ୍ଚଳର ଯୁବ ଗୋଷ୍ଠୀ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।



ଲାଠୋର ଅଗ୍ରସେନ ଭବନରେ ଅନୁଷ୍ଠିତ ବୈଠକରେ କ୍ଲବ ଓ ଟିମ୍‌ର ସଦସ୍ୟମାନେ।

**୧୧୦ ଖେଳାଳି ମନୋନୀତ**

# ଜୟ ଡଙ୍ଗରବୁଢ଼ା କପ୍ ଫୁଟ୍‌ବଲ ଉଦ୍‌ଯାପିତ

ମୁରିବାହାଲ,୧୯।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଜୟ ଡଙ୍ଗରବୁଢ଼ା କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ହଳଦୀ ଦଳକୁ ହରାଇ ଗୁଲମୀ ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳରେ ଗୁଲମୀ ଦଳ ୧–୦ ଗୋଲରେ ହଳଦୀ ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ଉଦ୍‌ଯାପିନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା ଯୋଗଦେଇ ଗ୍ରାମାଞ୍ଚଳରେ ଫୁଟ୍‌ବଲର ଚାହିଦା ବିଷୟରେ କହିବା ସହ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ହେର୍ଣ୍ଣା, ବଲାଙ୍ଗୀର ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମନୋଜ ହାତୀ, ଗଁରେଇ ମଣ୍ଡଳ ସଭାପତି ପ୍ରଦୀପ କୁମାର ବଛା, ହଳଦୀ ସମିତି ସଭ୍ୟ ଚୁନାମଣି ମହାନନ୍ଦ, ଭାଜପାର ଯୁବ ସଂଗଠକ ଦେବବ୍ରତ ବିଶି, ମାଲିଶିରା ପାକ୍ସ ସମ୍ପାଦକ ପୀତାମ୍ବର ବାଗ, ହଳଦୀ ନାଏବ ସରପଞ୍ଚ ଦିଗାମ୍ବର ବାଗ, ହଳଦୀର ପୂର୍ବତନ ସରପଞ୍ଚ ହୃଷୀକେଶ ବାଗ ଯୋଗ ଦେଇଥିଲେ। ସ୍ଥାନୀୟ କଣ୍ଠଶିଳ୍ପୀ ଯୋଗଧ୍ୟାନ ହଂସ, ଲକ୍ଷ୍ମୀ ନାରାୟଣ ଛତ୍ରିଆ, କେଦାର ବଡଜେନା, ଦୁର୍ଗାନନ୍ଦ ମହାକୁର, ନବୀନ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ପରିଚାଳନା କରିଥିଲେ ଆଶୀର୍ବାଦ ସା, ଆଶିଷ ଦେବ ସା, ଅଶ୍ୱିନୀ ଭୁକ୍ତା ଓ ପ୍ରତାପ ଭୁକ୍ତା। ହଳଦୀ ଇଲେଭେନ ବ୍ରଦର୍ସ ଫୁଟ୍‌ବଲ ଆସୋସିଏଶନର ସଭାପତି ବିକି ଭୋଇ, ସମ୍ପାଦକ ବିଦ୍ୟାଧର ପୋଢ, କୋଷାଧ୍ୟକ୍ଷ ଗୁଣନିଧି ପୋଢ଼ଙ୍କ ନେତୃତ୍ୱରେ ଏହି ମ୍ୟାଚ ଆୟୋଜିତ ହୋଇଥିଲା।

# 'ବଞ୍ଚିତ ବର୍ଗଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ'




କର୍ମଶାଳାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୧୯।୨ (ବୀରେନ୍ଦ୍ର କୁମାର ଝାଙ୍କର)

**ୟୁଜିସି ନିର୍ଦ୍ଦେଶନାମା ୨୦୨୬ ସମର୍ଥନରେ କର୍ମଶାଳା**

ଓଡିଶା ମୂଳ ନିବାସୀ ବହୁଜନ ମିଳିତ ମହାସଂଘ ବଲାଙ୍ଗୀର ଶାଖା ପକ୍ଷରୁ ୟୁଜିସି ନିର୍ଦ୍ଦେଶନାମା ୨୦୨୬ ସମର୍ଥନରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଦିନେଶ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ୟୁଜିସି ନିର୍ଦ୍ଦେଶନାମା ୨୦୨୬କୁ ସମର୍ଥନ ଘୋଷଣା କରାଯାଇଥିଲା। ଏହି ନିର୍ଦ୍ଦେଶନାମା ଜରିଆରେ ଓବିସି, ଏସ୍‌ସି, ଏସ୍‌ଟି, ମହିଳା, ଆର୍ଥିକ ଅନଗ୍ରସର, ବିକଳାଙ୍ଗ ବିଦ୍ୟାର୍ଥୀମାନଙ୍କୁ ଉଚ୍ଚ ଶିକ୍ଷାରେ କିଭଳି ସୁରକ୍ଷା ପ୍ରଦାନ କରାଯିବ ସେ ଉପରେ ଆଲୋଚନା କରାଯାଇଥିଲା। ବଞ୍ଚିତ ବର୍ଗଙ୍କ ସୁରକ୍ଷା ପ୍ରାଥମିକତା ହେବା ଉଚିତ୍ ବୋଲି ମତପ୍ରକାଶ ପାଇଥିଲା। ସଭାପତି ନାଗ ଏହି ନିର୍ଦ୍ଦେଶନାମାକୁ ସାଧାରଣ ବର୍ଗର କୌଣସି ଲୋକେ ବିରୋଧ କରିବା ଉଚିତ ନୁହେଁ ବୋଲି କହିଥିଲେ। ଓଡିଶା ଓବିସି ମଞ୍ଚର ସଭାପତି ଶଙ୍କର ପାତ୍ର କହିଥିଲେ, ଯେଭଳି ଭାବରେ ମଣ୍ଡଳ କମିଶନକୁ ସାଧାରଣ ବର୍ଗ ବିରୋଧ କରିଥିଲେ, ସେଭଳି ଭାବେ ୟୁଜିସି ନିର୍ଦ୍ଦେଶାବଳୀ ୨୦୨୬କୁ ମଧ୍ୟ ବିରୋଧ କରିଛନ୍ତି । ସୁପ୍ରିମକୋର୍ଟ ଆଇନ ଆଣି ଯେଉଁ ନିୟମ କରିଛନ୍ତି ତାକୁ କିଛି ଉଚ୍ଚ ବର୍ଗର ଲୋକଙ୍କ ଚାପରେ ବନ୍ଦ କରିବାର ଯେଉଁ ଷଡଯନ୍ତ୍ର ହେଉଛି ତାକୁ ଓବିସି ବର୍ଗର ଲୋକେ କଦାପି କ୍ଷମା ଦେବେ ନାହିଁ ବୋଲି ସେ କହିଥିଲେ। ବରିଷ୍ଠ କୃଷକ ନେତା ଯତି ପ୍ରଧାନ ମଧ୍ୟ ବକ୍ତବ୍ୟ ରଖିଥିଲେ। ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗ ନିଜ ନିଜର ସମ୍ବିଧାନିକ ହକ୍ ପାଇଁ ମିଳିତ ଭାବରେ ଲଢେଇ କରିବା ଲାଗି ୟୁଜିସି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଇବାକୁ ଉପସ୍ଥିତ ଜନତାଙ୍କୁ ଓବିସି ମଞ୍ଚ ସଂଯୋଜକ ସରୋଜ ମେଶ୍ରା କହିଥିଲେ। ଏହି କର୍ମଶାଳାରେ ଆଦିବାସୀ ନେତା ସତ୍ୟ ଭୋଇ, ଇଂ ବେଲାର ସିଂ ଭୋଇ, ରମଣୀ ନାଏକ, ନେପାଳ ଚନ୍ଦ୍ର ବାଗ, ଅଚ୍ୟୁତ କୁମ୍ଭାର, ମନୋଜ ନାଗ, ନିକେଶ କୁମ୍ଭାର, କୌତୁକ ପନ୍ଦର, ଶାନ୍ତନୁ ଭୋଇ, ରୂପାଲି ମହାନନ୍ଦ, ଶଙ୍କର୍ଷଣ ପ୍ରଧାନ, ଉତ୍ତମ ଖମାରି, ଆନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ ବକ୍ତବ୍ୟ ରଖିଥିଲେ । ଆଗାମୀ ମାର୍ଚ୍ଚ ୫ରେ ଜିଲା ସଦର ମହକୁମାରେ ଏହି ବିଷୟକୁ ନେଇ ଗଣବିକ୍ଷୋଭ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଶେଷରେ ସୁନୀଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


## OFFICE OF THE REGISTRAR VIKRAM DEV UNIVERSITY

NH-26, JEYPORE, DIST: KORAPUT,ODISHA, PIN - 764001
www.vikramdevuniversity.ac.in

No. 558 /VDU/2026 Date 17.02.2026

**RECRUITMENT NOTICE**

**No.11001/27/2526** : Vikram Dev University invites applications in both physical and online mode through **HIMS portal** from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the departments of Anthropology, Botany, Chemistry, Commerce, Economics, Education, English, Geography, Home Science, History, Mathematics, Odia, Philosophy, Physics, Political Science, Sociology, Statistics, Zoology of this University as directed vide Letter No. 5322/HE, Dated 31.01.2026 of Department of the Higher Education, Government of Odisha, Bhubaneswar. The online application form and department wise reservation details will be made available on the **University website** www.vikramdevuniversity.ac.in and **HIMS Portal** from 28.02.2026 onwards. For details of the terms and conditions, guidelines for applying etc. Please visit the University website.
Application open date: 28.02.2026
Application closing date: 31.03.2026
Closing Date for receipt of Printed copy of the application: 10.04.2026

Sd./- REGISTRAR, Vikram Dev University, Jeypore
OIPR-11001/11133/1/25-26/0009

No.4001/32/2526

idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD, WS & EC DIVISION-I, IDCO, IDCO TOWERS, BHUBANESWAR-751022

Tender Call Notice No. WS & EC-I / D2-225 / 2025-26 / 383 Dated : 11.02.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Value of work (Approx.) | Period of Completion |
|---|---|---|---|
| 1. | Supply, Installation, Testing and Commissioning of online Continuous Effluent Quality Monitoring System (CEQMS) at CETP, Sea Food Park, Deras | ₹ 28.10 lakhs | 02 (Two) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-I, IDCO, IDCO Towers, Bhubaneswar -751022 | Bid ID. no. WS & EC-I/EST/E-06/ 2025-26 | 16:00 Hours of dt.19.02.2026 | 16:00 Hours of dt.05.03.2026 |

Further details can be seen from the e-procurement portal www.tendersodisha.gov.in. Corrigendum or Addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

Sd./- Divisional Head, WS&EC Divn.-I, IDCO, Bhubaneswar
OIPR-4001/4075/1/25-26/0012

## OFFICE OF THE SUPERINTENDING ENGINEER RURAL WORKS DIVISION : SUNDARGARH

E.Mail : rw_sundargarh@yahoo.co.in. Ph : 06622-272280 (off)

**2nd Corrigendum to Bid Identification No. Online-SESNG-23 of 2025-26**

**No.25001/196/2526** : In continuation to this office bid Identification No. : Online-SESNG-23 of 2025-26 invited vide this office notice no.118 dt.05.01.2026 is partial modified for the work TCN has been made as follows :-

| Sl. No. | | Time Schedule as per original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 15.01.2026 at 11.00 A.M. to 27.01.2026 up to 06.00 P.M. | Extended up to 05.03.2026 up to 5.00 P.M. |
| 2 | Last date of seeking clarification | 22.01.2026 at 11.00 A.M. | Extended up to 02.03.2026 up to 11.00 A.M. |
| 3 | Date of Opening of Tender | 28.01.2026 at 10.00 A.M. | Extended up to 06.03.2026 at 10.00 A.M. |

All other terms & conditions remain unchanged.

Sd./- Executive Engineer, R.W.Division, Sundargarh
OIPR-25001/25046/1/25-26/0006

## GOVT. OF ODISHA DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO.III, KHUNTUNI, DHENKANAL

Email Id : eekhuntuni@gmail.com

**'e' Procurement Notice**

**No.32001/105/2526** : The Superintending Engineer, Rengali Right Canal Division No.III, Khuntuni on behalf of the Governor of Odisha invites on line percentage rate bids in single cover system for execution of the work as detailed below :
**1. Name of the work :** Shifting & Reconstruction of LT/HT line, Shifting/Heightening of connected HT line 11KV and LT line coming under alignment of DBC from RD 62907M to 65890M in village Suanri and Safa, **2. Tender Cost :** Rs.13,13,647.00, **3. Bid Document Cost :** Rs.6,000.00 (on line), **4. Bid Security/EMD :** Rs.13,200.00, **5. Class of Contractor :** Registered Electrical Contractor with HT License, **6. Period of Completion :** 02 Calendar months, 7. Other details are as follows :

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No.III, Khuntuni, Dhenkanal | SERRCD-III-01/2025-26 | 19.02.2026 10.00 A.M. | 05.03.2026 5.30 P.M. | 06.03.2026 11.30 A.M. |

Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/ Cancellation to the above notice will be published in the Govt. website www.tendersodisha.gov.in.

Sd./- Superintending Engineer, Rengali Right Canal Division No.III, Khuntuni, Dhenkanal
OIPR-32001/32315/1/25-26/0001

## STATE POLLUTION CONTROL BOARD, ODISHA

[DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

No.2284/I-Estt.(A)17/2025 Dt.18.02.2026

**NOTICE**

**No.8001/88/2526** : It is for information of the Applicants that Written Test on CBT Mode pursuant to the Recruitment Advertisement No.835, Dt.20.01.2026 of SPC Board, Odisha will be held as per the programme mentioned below.

| Date of Examination | Name of the Post | Shift-I (9.00 A.M. to 10.30 A.M.) | Shift-2 (12.30 P.M. to 2.00 P.M.) | Shift-3 (4.00 P.M. to 5.30 P.M.) |
|---|---|---|---|---|
| (1) | (2) | (3) | (4) | (5) |
| 25.02.2026 | Asst. Section Officer | Shift-I | - | - |
| 26.02.2026 | Asst. Env. Scientist | Shift-I | - | - |
| 26.02.2026 | Jr. Accountant | - | Shift-2 | - |
| 26.02.2026 | Accountant | - | - | Shift-3 |
| 26.02.2026 | Sr.Scientific Assistant | - | - | Shift-3 |
| 27.02.2026 | Junior Assistant | Shift-I | - | - |
| 27.02.2026 | Asst. Env. Engineer | - | Shift-2 | - |
| 27.02.2026 | Jr. Lab. Assistant | - | - | Shift-3 |

The concerned candidates may download their Admit Card to be live w.e.f. 20.02.2026

OIPR-8001/8012/1/25-26/0014 Sd./- Member Secretary

# ୩ ପଞ୍ଜୀକୃତ, ୭୦ରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ହୋଇନି



## ସୁବର୍ଣ୍ଣପୁର ଜିଲାରେ ବଢ଼ିଚାଲିଛି ବେଆଇନ କ୍ଲିନିକ୍, ପାଥୋଲାବ୍

**ସୋନପୁର, ୧୯।୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ବେଆଇନ କ୍ଲିନିକ୍ ଓ ପାଥୋଲାବ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଏହି ସୁଯୋଗରେ ଜିଲା ସଦର ମହକୁମା, ଉପଖଣ୍ଡ ମୁଖ୍ୟାଳୟ, ବ୍ଲକ ମୁଖ୍ୟାଳୟଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ମାଳମାଳ ବେଆଇନ କ୍ଲିନିକ୍ ଓ ପାଥୋଲାବ୍ ଦେଖିବାକୁ ମିଳୁଛି। ବେଆଇନ ଭାବେ ଚାଲିଥିବା କ୍ଲିନିକ୍‌ଗୁଡିକରେ ଏକାଧିକ ଡାକ୍ତର ବସି ରୋଗୀ ସେବା କରୁଛନ୍ତି। ଜିଲା ପ୍ରଶାସନ ଚଢାଉ କରି ବେଆଇନ କ୍ଲିନିକ୍ ଖୋଲି ରୋଗୀ ଚିକିତ୍ସା ସହ ବେଆଇନ ଗର୍ଭପାତ କରୁଥିବା ଓ ରୋଗୀଙ୍କୁ ଶୋଷଣ କରୁଥିବା ଡାକ୍ତର ଏବଂ କ୍ଲିନିକ୍ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାର ସଚେତନ ନାଗରିକମାନେ ଦାବି କରିଛନ୍ତି।

ଜିଲା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ସୁବର୍ଣ୍ଣପୁର ସହର ବାଇଗଣଗୁରିରେ ଥିବା ହାଇଟେକ୍ ପଲି କ୍ଲିନିକ୍, ଖଦାଳପଡାରେ ଥିବା ଶୀତଳୟା ଡାଇଗ୍ନୋଷ୍ଟିକ୍ ଓ ଘୋଡାଘାଟପଡାରେ ଥିବା ଲାଇଫ୍ ଲାଇନ୍ ଡାଇଗ୍ନୋଷ୍ଟିକ୍ ନିୟମ ଅନୁଯାୟୀ ପଞ୍ଜିକୃତ ହୋଇଛି। ଏହା ବ୍ୟତିତ ଜିଲାରେ କାର୍ଯ୍ୟକ୍ଷମ ଥିବା ସମସ୍ତ କ୍ଲିନିକ୍ ଓ ପାଥୋଲାବ୍‌ଗୁଡିକ ଅଣପଞ୍ଜିକୃତ। ଜିଲାର ସୁବର୍ଣ୍ଣପୁର ସହର ସମେତ ବୀରମହାରାଜପୁର, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ଓ ତରଭାରେ ମାଳମାଳ କ୍ଲିନିକ୍ ଓ ପାଥୋଲାବ୍ ଚାଲିଛି। ଜିଲାରେ ଏମାନଙ୍କ ସଂଖ୍ୟା ୭୦ରୁ ଊର୍ଦ୍ଧ୍ୱ। ଗ୍ରାମାଞ୍ଚଳରେ କ୍ୱାକ୍ ମାନେ ବିନା ପଞ୍ଜିକରଣରେ କ୍ଲିନିକ୍ କରିଛନ୍ତି। ଯୋଗ୍ୟତା ନଥାଇ ମଳ, ମୂତ୍ର, ରକ୍ତ ପରୀକ୍ଷା କରି ରିପୋର୍ଟ ପ୍ରଦାନ କରୁଛନ୍ତି। କ୍ୱାକ୍‌ମାନେ ପ୍ରସୂତି, ଶିଶୁଙ୍କ ଚିକିତ୍ସା ଠାରୁ ଆରମ୍ଭ କରି ଗର୍ଭପାତ ପର୍ଯ୍ୟନ୍ତ ସବୁ କରୁଛନ୍ତି। ତେବେ ସବୁ ଜାଣି ପ୍ରଶାସନ ଚୁପ୍ ବସିଛି। ପରୋକ୍ଷରେ ପ୍ରଶାସନ ସେମାନଙ୍କୁ ପ୍ରୋତ୍ସାହିତ କରୁଛି। ଜିଲାର କୌଣସି ଅଞ୍ଚଳରେ ପାଥୋ କ୍ଲିନିକ୍ କିମ୍ବା ପଲି କ୍ଲିନିକ୍ ପ୍ରତିଷ୍ଠା ପାଇଁ କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ (ନିୟନ୍ତ୍ରଣ ଓ ପରିଚାଳନା) ଆଇନ ରହିଛି। ଆଇନ ଅଧିନରେ ଥିବା ସମସ୍ତ କ୍ଲିନିକ୍ ପଞ୍ଜିକରଣ ବାଧ୍ୟତାମୂଳକ। ତେବେ ଜିଲାରେ ସେହି ନିୟମକୁ ଅନୁପାଳନ କରାଯାଉନି। ଆଇନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଉନି। ଜିଲାସ୍ତରୀୟ ଟାସ୍କଫୋର୍ସ ନାମକୁ ମାତ୍ର ରହିଛି। ଜିଲାରେ ସରକାରୀ ସ୍ୱାସ୍ଥ୍ୟସେବା ଉପରେ ଲୋକଙ୍କ ଭରସା ତୁଟିଗଲାଣି। ଏଥିପାଇଁ ଘରୋଇ ବ୍ୟବସ୍ଥା ଉପରେ ରୋଗୀଙ୍କ ଭରସା ବଢୁଛି। ଏହାର ସୁଯୋଗ ନେଇ ଅନାମଧେୟ ଡାକ୍ତର ଓ କିଛି ଅପାଠୁଆ ମାନେ ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱରେ ବେଆଇନ କ୍ଲିନିକ୍ ଖୋଲି ନିରୀହ ଲୋକଙ୍କୁ ଠକୁଛନ୍ତି। ଏ ସମ୍ପର୍କରେ ଡୁଙ୍ଗୁରିପାଲି ଓ ବୀରମହାରାଜପୁର ବ୍ଲକ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଜିଲା ପ୍ରଶାସନକୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ନିକଟରେ ଜିଲାର ବୀରମହାରାଜପୁର ଓ ଜାଲୋଏରେ ବେଆଇନ ଭାବେ ଦୀର୍ଘଦିନ ଧରି ଚାଲିଥିବା ୨ଟି କ୍ଲିନିକ୍ ସିଲ୍ ହୋଇଛି। ଅନ୍ୟ ଅଣ ପଞ୍ଜୀକୃତ କ୍ଲିନିକ୍‌ଗୁଡିକୁ ସମାନ ମାପଦଣ୍ଡ ଅନୁଯାୟୀ ସିଲ୍ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ କୁହନ୍ତି, ପଞ୍ଜିକୃତ କ୍ଲିନିକ୍ ଓ ପାଥୋଲାବ୍‌ଗୁଡିକର ତାଲିକା ପ୍ରସ୍ତୁତ କରାଯାଉଛି। ତା'ପରେ ଅଣ ପଞ୍ଜିକୃତ କ୍ଲିନିକ୍‌ଗୁଡିକ ଉପରେ ଚଢାଉ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପାରା ମେଡିକାଲ କର୍ମଚାରୀଙ୍କ ଦରମା ବୃଦ୍ଧି ଦାବିରେ ସ୍ମାରକପତ୍ର



ପାରା ମେଡିକାଲ କର୍ମଚାରୀମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ବୌଦ୍ଧ, ୧୯।୨ (ଅଜିତ କୁମାର ବାରିକ)**

ଦରମା ବୃଦ୍ଧି ଦାବି ନେଇ ବୌଦ୍ଧ ଜିଲାର ସମସ୍ତ ପାରା ମେଡିକାଲ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିଭୂତି ଭୂଷଣ ନାୟକଙ୍କୁ ଭେଟି ଗତ ବୁଧବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଲ୍ ଓଡିଶା ପାରା ମେଡିକାଲ କର୍ମଚାରୀ ସଂଘ ବୌଦ୍ଧ ଜିଲା ଶାଖାର ସଦସ୍ୟା ସଦସ୍ୟ ପ୍ରଭୁଦତ୍ତ ପୁରୋହିତ, କିଶୋର ମେହେର, ସରିତା ନାଏକ, ସ୍ୱର୍ଣ୍ଣଖ୍ନୀ ତ୍ରିପାଠୀ, ରିନି ଆଚାର୍ଯ୍ୟ, ସୋନାଲିକା ଗାଇଗରିଆ, ନର୍ମଦା ନାୟକ, ବୀଣାପାଣି ଭୋଇ ଏଥିରେ ସାମିଲ ହୋଇଥିଲେ। ସ୍ମାରକପତ୍ର ଅନୁସାରେ, ଦୀର୍ଘ ୨୦ ବର୍ଷ ହେବ ସେମାନେ ଅତି କମ୍ ଦରମାରେ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ସରକାର ଏ ବିଷୟରେ ବିଚାର କରି ଏକା ସାଙ୍ଗରେ କାମ କରୁଥିବା ତଥା ସମାନ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଥିବା ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି କରିଛନ୍ତି। କିନ୍ତୁ ଏଏନ୍ଏମ୍ ଓ ଫାର୍ମାସିଷ୍ଟମାନଙ୍କ ଦରମା ବୃଦ୍ଧି କରାଯାଇନାହିଁ। ସମାନ କାମକୁ ସମାନ ଦରମା, ଅସ୍ଥାୟୀ ଚାକିରିକୁ ନିୟମିତ କରାଯିବା, ଚାକିରି ସ୍ଥାନରେ ସୁରକ୍ଷା ପ୍ରଦାନ, ନିୟମିତ ପଦୋନ୍ନତି ବ୍ୟବସ୍ଥା, ମହଙ୍ଗା ଭତ୍ତା, ଘରଭଡ଼ା ଆଦି ବିଷୟରେ ବିଚାର କରିବାକୁ ପାରା ମେଡିକାଲ କର୍ମଚାରୀମାନେ ଦାବି କରିଛନ୍ତି।

# ଶିକ୍ଷା କେବଳ ପୁସ୍ତକ ଜ୍ଞାନ ନୁହେଁ



ବାର୍ଷିକ ଉତ୍ସବ କସ୍ତୁରୀରେ ଯୋଗଦେଇଥିବା ଅତିଥିଙ୍କ ସହିତ ଛାତ୍ରୀଛାତ୍ର।

## କେନଝିରିଆପାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ କସ୍ତୁରୀ

**ଅମରପାଲି, ୧୯।୨ (ପୀତାମ୍ବର ସାହୁ)**

ଶିକ୍ଷା କେବଳ ପୁସ୍ତକ ଜ୍ଞାନ ନୁହେଁ, ମନୁଷ୍ୟକୁ ଭଲ ମଣିଷ ହେବାର ପଥ ଦେଖାଏ। ସ୍କୁଲରେ ପଢୁଥିବା ପିଲାମାନେ ଯେଉଁ ସଂସ୍କାର ଓ ନୀତି ଶିଖୁଛନ୍ତି ତାହା ସେମାନଙ୍କ ସାରା ଜୀବନର ସହାୟକ ହେବ। ପିଲାମାନେ ପରିବେଷଣ କରିଥିବା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦେଖିଲେ ଏହା ସେମାନଙ୍କ ଲୁକ୍କାୟିତ ପ୍ରତିଭାର ପ୍ରମାଣ। ଏହି ପ୍ରକାର କାର୍ଯ୍ୟକ୍ରମ ପିଲାମାନଙ୍କ ଆତ୍ମବିଶ୍ୱାସ ବଢ଼ାଏ ଏବଂ ଦଳୀୟଭାବରେ କାମ କରିବାକୁ ଶିଖାଏ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲିସ୍ଥିତ ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ କସ୍ତୁରୀରେ ଯୋଗଦେଇଥିବା ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ନବୀନ ସୁନ୍ଦର ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ନାଟ୍ୟ ନିର୍ଦ୍ଦେଶକ ନାରାୟଣ ଦେହୁରୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବିଶି ମୁଖ୍ୟବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହା ସହିତ ସ୍ଥାନୀୟ ସିଆରସିସି ବିନୟ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ହରିଶଙ୍କର ରଣା, ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ବ୍ରଜ ମୋହନ ବାରିକ, ତେଲିପାଲି ୟୁପି ସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷ ଘିବେଲା, ସ୍କୁଲ ପରିଚାଳନା କମିଟି ସଭାପତି ଆନନ୍ଦ ମେଣ୍ଡିଲି, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଗୁଣସାଗର କର୍ଣ୍ଣ, କେନଝିରିଆପାଲି ଗ୍ରାମ୍ୟ ପରିଚାଳନା କମିଟି ସଭାପତି ପ୍ରସନ୍ନ ସାହୁ, ଗ୍ରାମ୍ୟ ସମ୍ପାଦକ ବିଶ୍ରବା ପ୍ରଧାନ, ସ୍ୱେଚ୍ଛାସେବୀ ରାଜୀବ ପ୍ରଧାନ, ଶିକ୍ଷକ ପ୍ରଦୀପ ଜଗଦଲା, ମଦନ ସୁନ୍ଦର ଭୋଇ ଓ ଅବସରପ୍ରାପ୍ତ ଶିକ୍ଷକ ତ୍ରିପୁରାରୀ ଦେହୁରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଇନ୍ଦ୍ରଜିତ ଦାଶ ସଭା ସଂଯୋଜନା, ସରୋଜ ସାହୁ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଚ୍ୟୁତା ନନ୍ଦ ପାଣ୍ଡେ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ରାଜେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଖୁସିରାଣୀ ପ୍ରଧାନଙ୍କୁ ଶ୍ରେଷ୍ଠ ଛାତ୍ରୀ ଏବଂ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ବାଳିକା ବରିଷ୍ଠ ବିଭାଗରେ ଚାମ୍ପିୟନ ପ୍ରିୟାରାଣୀ ବଗର୍ତ୍ତି ଓ ବରିଷ୍ଠ ବାଳକରେ ରାଜୀବ ଭୋଇ ଏବଂ କନିଷ୍ଠ ବାଳିକାରେ ଶୁଭଲକ୍ଷ୍ମୀ ପ୍ରଧାନ ଓ କନିଷ୍ଠ ବାଳକ ରେ ଶୁଭଙ୍କର ଦେହୁରୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସଭାପରେ ସ୍କୁଲସ୍ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଡୁଙ୍ଗୁରିପାଲି: ୭୬୮ ଜଣ ମାଟ୍ରିକ ପରୀକ୍ଷା ଦେଲେ

## ରାମପୁରରେ ୬ କେନ୍ଦ୍ରରେ ପରୀକ୍ଷା ଦେଲେ ୭୫୭ ଛାତ୍ରୀଛାତ୍ର

**ଡୁଙ୍ଗୁରିପାଲି, ୧୯।୨ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଡୁଙ୍ଗୁରିପାଲି ନୋଡାଲ କେନ୍ଦ୍ର ଓ ରାମପୁର ନୋଡାଲ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଗୁରୁବାର ଆରମ୍ଭ ହୋଇଛି। ଡୁଙ୍ଗୁରିପାଲି ପଞ୍ଚାୟତ ହାଇସ୍କୁଲରେ ୨୯୦ରୁ ୬ଜଣ ଅନୁପସ୍ଥିତ, ଇଛାପୁର ହାଇସ୍କୁଲରେ ୧୫୮ରୁ ୪ ଅନୁପସ୍ଥିତ, ପଞ୍ଚାୟତ ହାଇସ୍କୁଲ ଚେରୁପାଲିରେ ୧୫୭ରୁ ୫ ଅନୁପସ୍ଥିତ, ଶୁଖା ହାଇସ୍କୁଲରେ ୧୨୪ ରୁ ୨ଅନୁପସ୍ଥିତ, ଆଦିବାସୀ ପଞ୍ଚାୟତ ହାଇସ୍କୁଲ ସହଲାରେ ୧୭୦ରୁ ୪ ଜଣ ଅନୁପସ୍ଥିତ ଥିଲେ। ଡୁଙ୍ଗୁରିପାଲି ନୋଡାଲ ୫କେନ୍ଦ୍ରରେ ମୋଟ ୭୯୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୭୮ଜଣ ମାଟ୍ରିକ ପରୀକ୍ଷା ଦେଇଛନ୍ତି ଓ ୨୧ଜଣ ଅନୁପସ୍ଥିତଥିଲେ। ସେହିପରି ରାମପୁର ନୋଡାଲ ୬ କେନ୍ଦ୍ର ଭୀମଟିକିରା ହାଇସ୍କୁଲରେ ୧୧୩ରୁ ୨ ଜଣ ଅନୁପସ୍ଥିତ, ରାମପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ୧୨୫ରୁ ୧ ଅନୁପସ୍ଥିତ, ବେହେରାମାଲ ହାଇସ୍କୁଲରେ ୧୧୧ରୁ ୧, ରାମପୁର ଉଚ୍ଚ ବାଳକ ବିଦ୍ୟାଳୟରେ ୧୫୪ରୁ ୪, ସମଲେଇଚୁଆଁ ହାଇସ୍କୁଲରେ ୧୫୦ରୁ ୧ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ମୋଟ ୬ଟି କେନ୍ଦ୍ରରେ ୭୬୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୫୭ଜଣ ମାଟ୍ରିକ ପରୀକ୍ଷା ଦେଇଛନ୍ତି ଓ ୧୧ଜଣ କୌଣସି କାରଣରୁ ଅନୁପସ୍ଥିତ ଥିଲେ। ଡୁଙ୍ଗୁରିପାଲି ବ୍ଲକର ଦୁଇଟି ନୋଡାଲ କେନ୍ଦ୍ରରେ ଚଳିତ ବର୍ଷ ମୋଟ ୧୫୬୭ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୧୫୩୫ଜଣ ପରୀକ୍ଷା ଦେଇଥିବା ବେଳେ ୩୨ଜଣ ପ୍ରଥମ ଦିନ କୌଣସି କାରଣରୁ ମାଟ୍ରିକ ପରୀକ୍ଷା ଦେଇନାହାନ୍ତି। ଗୁରୁବାର ପ୍ରଥମ ଦିନ ମାତୃଭାଷା ଓଡ଼ିଆ ଥିଲା।

# ବିନିକା ଏନ୍ଏସିରେ ଜବରଦଖଲ ଉଚ୍ଛେଦ



ଏନ୍ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

**ବିନିକା, ୧୯।୨ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରକୁ ସୁନ୍ଦର କରିବା ସହ ଅଣଓସାରିଆ ରାସ୍ତାଗୁଡିକୁ ପ୍ରଶସ୍ତିକରଣ ପାଇଁ ପ୍ରଶାସନ ପକ୍ଷରୁ ଗୁରୁବାର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ବିନିକାରୁ ପାପକ୍ଷୟ ରାସ୍ତାର ପାପକ୍ଷୟ ଗେଟ୍ ନିକଟରେ ଥିବା ସରକାରୀ ଜମିରେ କେତେକ ଲୋକ ଝୁପୁଡି ଘର ତିଆରି କରି ଜବରଦଖଲ କରିଥିଲେ। ଉକ୍ତ ସ୍ଥାନକୁ ଏନ୍ଏସି ପକ୍ଷରୁ ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦୟାରାମ ମେହେର, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, କର୍ମଚାରୀ ପୃଥ୍ୱୀରାଜ ପଧାନ, ସରୋଜ ମେହେର, ସରୋଜ ସାହୁ, ଇଏମ୍ଏମ୍ ସୁଧାଂଶୁ ଶେଖର ଦାସ, ସାନିଟାରୀ ଏକ୍ସପୋର୍ଟ ସାଗରିକା ପାତ୍ରେସି ଓ ସୁମିତା ବାରିକଙ୍କ ସମେତ ପୋଲିସ ଫୋର୍ସ, ଅଗ୍ନିଶମ ବାହିନୀଙ୍କ ଉପସ୍ଥିତରେ ୧୦ଘଣ୍ଟାରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସ୍ଥାନରେ ଏକ ଗେଟ ନିର୍ମାଣ ସହ ନିକଟରେ ଏକ ଗାର୍ଡେନ କରାଯିବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଇ ପ୍ରକାଶ କରିଛନ୍ତି।

ଏହି ରାସ୍ତାରେ ଅନେକ ଦିନ ହେଲା ଜବରଦଖଲକାରୀମାନେ ସରକାରୀ ଜମିକୁ ଜବରଦଖଲ କରି ବାଡ଼ ଦେଇଥିବାରୁ ରାସ୍ତା ଅଣଓଶାରିଆ ହୋଇଯାଇଥିଲା। ଫଳରେ ଏଠାରେ ପ୍ରସିଦ୍ଧ ପାପକ୍ଷୟ ଘାଟର ଗେଟ ତିଆରି କରିବା କିମ୍ବା ସୂଚନା ଫଳକ ବି ଦିଆଯାଇ ପାରୁ ନ ଥିଲା। ଉକ୍ତ ସ୍ଥାନରେ ପାପକ୍ଷୟ ପଟରୁ ବିନିକା ମୁଖ୍ୟ ରାସ୍ତା ଜାତୀୟ ରାଜପଥ ୧୨୬(କ)କୁ ସଂଯୋଗ କରୁଥିବାରୁ ଅନେକ ସମୟରେ ବିଭିନ୍ନ ଦୁର୍ଘଟଣା ମଧ୍ୟ ଘଟୁଥିଲା। ଏନେଇ ଅଞ୍ଚଳବାସୀ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ୩୦ଦିନ ପୂର୍ବରୁ ଜବରଦଖଲ ଉଚ୍ଛେଦ ପାଇଁ ଆରଆଇ, ଅମିନଙ୍କ ସାହାଯ୍ୟରେ ଏନଏସି କର୍ମଚାରୀମାନେ ଓ ପୋଲିସର ଉପସ୍ଥିତିରେ ସରକାରୀ ଜମି ମାପଚୁପ କରିଥିଲେ। ଜବରଦଖଲକାରୀ ମାନଙ୍କୁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ନିଜ ଘର ଭାଙ୍ଗିଦେବା ପାଇଁ ନୋଟିସ୍ କରିଥିଲେ। ବୁଧବାର ଉଚ୍ଛେଦ ପୂର୍ବରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦିଆଯାଇଥିଲା।

# ସେମିରେ ଭୁବନେଶ୍ୱର ଜଗା ୟୁନାଇଟେଡ୍




ଭୁବନେଶ୍ୱର ଦଳର ଏକଲବ୍ୟ ଲାଖୁଆଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ସୋନପୁର, ୧୯।୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ରାମଧୁନ କପ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଚତୁର୍ଥ ଦିବସରେ ଭୁବନେଶ୍ୱର ଜଗା ୟୁନାଇଟେଡ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମଝିପଡା ରାମଧୁନ କ୍ଲବ ଓ ଜିଲା କ୍ରୀଡା ସଂଘର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। କଲିକତା ନାଇଜେରିଆ ଏକାଦଶ ଓ ଭୁବନେଶ୍ୱର ଜଗା ୟୁନାଇଟେଡ୍ ମଧ୍ୟରେ ପୁଲ୍ ବି'ର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ଭୁବନେଶ୍ୱର ଜଗା ୟୁନାଇଟେଡ୍‌ର ଏକଲବ୍ୟ ଲାଖୁଆଙ୍କୁ ମ୍ୟାନ୍ ଅଫ ଦି ମାଚ୍ ପୁରସ୍କାର ପ୍ରଦାନ କରାଯାଇଛି। ରେଫେରି ସଞ୍ଜିବ୍ ସାହୁ, ସହଯୋଗୀ ସୁଜିତ ରାଜହଂସ, ଅଜୟ ପଧାନ, ସୁଶାନ୍ତ ବାଗ ଓ ମ୍ୟାଚ୍ କମିଶନର ଭାବେ ଭୁକୁଲୁ ବକ୍ସି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା, ସୋନପୁର ବିଡିଓ ପ୍ରତୀକ କର, ଆଇନଜୀବୀ ନନ୍ଦ କିଶୋର ତ୍ରିପାଠୀ, ପ୍ରଶାନ୍ତ କୁମାର ବାବୁ, ଶୁଭାଶିଷ ରଥ, ଶିବ ଶଙ୍କର ବହିଦାର ଓ କୋଶଳେଶ୍ୱର ବହିଦାର ଯୋଗ ଦେଇଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ଦିଗାମ୍ବର ଶତପଥୀ ସଭାକୁ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘର ସମ୍ପାଦକ ପୀୟୁଷ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମ୍ୟାଚ୍ ପରିଚାଳନାରେ ରାମଧୁନ କ୍ଲବର ବିକାଶ ପଣ୍ଡା, ସନ୍ତୋଷ ପାଢୀ, ବୁବୁନୁ ନାଏକ, ବାଳ ଗୋପାଳ ମିଶ୍ର, ପ୍ରିତମ ସରାଫ, ରିକୁନ ନାଏକ, ସିପୁନ ନାଏକ, ସୁରଜ ସାହୁ, ଚନ୍ଦନ ସାହୁ, ରଜତ ସାହୁ, ରଞ୍ଜିତ ସାହୁ, ଜଗନ୍ନାଥ ସାହୁ, ଗୁରୁ ଦଳେଇ ଓ ଚନ୍ଦନ ବେହେରା ପ୍ରମୁଖ ସହଯୋଗ କରିଥିଲେ।


**OFFICE OF THE REGISTRAR VIKRAM DEV UNIVERSITY**
NH-26, JEYPORE, DIST: KORAPUT,ODISHA, PIN - 764001
www.vikramdevuniversity.ac.in

No. 558 /VDU/2026 Date 17.02.2026

**RECRUITMENT NOTICE**

**No.11001/27/2526** : Vikram Dev University invites applications in both physical and online mode through **HIMS portal** from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the departments of Anthropology, Botany, Chemistry, Commerce, Economics, Education, English, Geography, Home Science, History, Mathematics, Odia, Philosophy, Physics, Political Science, Sociology, Statistics, Zoology of this University as directed vide Letter No. 5322/HE, Dated 31.01.2026 of Department of the Higher Education, Government of Odisha, Bhubaneswar. The online application form and department wise reservation details will be made available on the **University website** www.vikramdevuniversity.ac.in and **HIMS Portal** from 28.02.2026 onwards. For details of the terms and conditions, guidelines for applying etc. Please visit the University website.
Application open date: 28.02.2026
Application closing date: 31.03.2026
Closing Date for receipt of Printed copy of the application: 10.04.2026

Sd./- REGISTRAR, Vikram Dev University, Jeypore
OIPR-11001/11133/1/25-26/0009



No.4001/32/2526

idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD, WS & EC DIVISION-I, IDCO, IDCO TOWERS, BHUBANESWAR-751022**

Tender Call Notice No. WS & EC-I / D2-225 / 2025-26 / 383 Dated : 11.02.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Value of work (Approx.) | Period of Completion |
|---|---|---|---|
| 1. | Supply, Installation, Testing and Commissioning of online Continuous Effluent Quality Monitoring System (CEQMS) at CETP, Sea Food Park, Deras | ₹ 28.10 lakhs | 02 (Two) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-I, IDCO, IDCO Towers, Bhubaneswar -751022 | Bid ID. no. WS & EC-I/EST/E-06/ 2025-26 | 16:00 Hours of dt.19.02.2026 | 16:00 Hours of dt.05.03.2026 |

**Further details can be seen from the e-procurement portal** www.tendersodisha.gov.in. Corrigendum or Addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

Sd./- Divisional Head, WS&EC Divn.-I, IDCO, Bhubaneswar
OIPR-4001/4075/1/25-26/0012



**OFFICE OF THE SUPERINTENDING ENGINEER RURAL WORKS DIVISION : SUNDARGARH**
E.Mail : rw_sundargarh@yahoo.co.in. Ph : 06622-272280 (off)

**2nd Corrigendum to Bid Identification No. Online-SESNG-23 of 2025-26**

**No.25001/196/2526** : In continuation to this office bid Identification No. : Online-SESNG-23 of 2025-26 invited vide this office notice no.118 dt.05.01.2026 is partial modified for the work TCN has been made as follows :-

| Sl. No. | | Time Schedule as per original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 15.01.2026 at 11.00 A.M. to 27.01.2026 up to 06.00 P.M. | Extended up to 05.03.2026 up to 5.00 P.M. |
| 2 | Last date of seeking clarification | 22.01.2026 at 11.00 A.M. | Extended up to 02.03.2026 up to 11.00 A.M. |
| 3 | Date of Opening of Tender | 28.01.2026 at 10.00 A.M. | Extended up to 06.03.2026 at 10.00 A.M. |

All other terms & conditions remain unchanged.

Sd./- Executive Engineer, R.W.Division, Sundargarh
OIPR-25001/25046/1/25-26/0006



**GOVT. OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO.III, KHUNTUNI, DHENKANAL**
Email Id : eekhuntuni@gmail.com

**'e' Procurement Notice**

**No.32001/105/2526** : The Superintending Engineer, Rengali Right Canal Division No.III, Khuntuni on behalf of the Governor of Odisha invites on line percentage rate bids in single cover system for execution of the work as detailed below :
**1. Name of the work :** Shifting & Reconstruction of LT/HT line, Shifting/Heightening of connected HT line 11KV and LT line coming under alignment of DBC from RD 62907M to 65890M in village Suanri and Safa, **2. Tender Cost :** Rs.13,13,647.00, **3. Bid Document Cost :** Rs.6,000.00 (on line), **4. Bid Security/EMD :** Rs.13,200.00, **5. Class of Contractor :** Registered Electrical Contractor with HT License, **6. Period of Completion :** 02 Calendar months, 7. Other details are as follows :

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No.III, Khuntuni, Dhenkanal | SERRCD-III-01/2025-26 | 19.02.2026 10.00 A.M. | 05.03.2026 5.30 P.M. | 06.03.2026 11.30 A.M. |

Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/ Cancellation to the above notice will be published in the Govt. website www.tendersodisha.gov.in.

Sd./- Superintending Engineer, Rengali Right Canal Division No.III, Khuntuni, Dhenkanal
OIPR-32001/32315/1/25-26/0001



**STATE POLLUTION CONTROL BOARD, ODISHA**
**[DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA]**
**Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012**

No.2284/I-Estt.(A)17/2025 Dt.18.02.2026

**NOTICE**

**No.8001/88/2526** : It is for information of the Applicants that Written Test on CBT Mode pursuant to the Recruitment Advertisement No.835, Dt.20.01.2026 of SPC Board, Odisha will be held as per the programme mentioned below.

| Date of Examination | Name of the Post | Shift-I (9.00 A.M. to 10.30 A.M.) | Shift-2 (12.30 P.M. to 2.00 P.M.) | Shift-3 (4.00 P.M. to 5.30 P.M.) |
|---|---|---|---|---|
| (1) | (2) | (3) | (4) | (5) |
| 25.02.2026 | Asst. Section Officer | Shift-I | - | - |
| 26.02.2026 | Asst. Env. Scientist | Shift-I | - | - |
| 26.02.2026 | Jr. Accountant | - | Shift-2 | - |
| 26.02.2026 | Accountant | - | - | Shift-3 |
| 26.02.2026 | Sr.Scientific Assistant | - | - | Shift-3 |
| 27.02.2026 | Junior Assistant | Shift-I | - | - |
| 27.02.2026 | Asst. Env. Engineer | - | Shift-2 | - |
| 27.02.2026 | Jr. Lab. Assistant | - | - | Shift-3 |

The concerned candidates may download their Admit Card to be live w.e.f. 20.02.2026

Sd./- Member Secretary
OIPR-8001/8012/1/25-26/0014

# ୧୧୫୬୯ ଛାତ୍ରୀଛାତ୍ର ପରୀକ୍ଷା ଦେଲେ

## ସମ୍ବଲପୁର ଜିଲାରେ ମାଟ୍ରିକ ପରୀକ୍ଷା ଆରମ୍ଭ

- ୧୬୭ ପରୀକ୍ଷାର୍ଥୀ ଅନୁପସ୍ଥିତ
- ବିଭିନ୍ନ କେନ୍ଦ୍ର ପରିଦର୍ଶନ କଲେ ୨୬ ଜଣ ସ୍କ୍ୱାଡ ସଦସ୍ୟ

**ସମ୍ବଲପୁର,୧୯।୨(ପ୍ରମୋଦ ବହିଦାର)**

ଗୁରୁବାରଠାରୁ ରାଜ୍ୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ ବର୍ଷର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଆରମ୍ଭ ହୋଇଛି। ଏଥିରେ ଜିଲାର ମୋଟ୍ ୮୧ଟି ପରୀକ୍ଷା କେନ୍ଦ୍ରରେ ୨୧୩ଟି ବିଦ୍ୟାଳୟର ୧୧୭୩୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୫୬୯ ଜଣ ପରୀକ୍ଷା ଦେଇଥିଲେ। ୧୬୭ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା କେନ୍ଦ୍ରର ସହାୟତା ପାଇଁ ଜିଲାରେ ମୋଟ ୬ଟି ନୋଡାଲ କେନ୍ଦ୍ରରୁ ଠିକ୍ ସମୟରେ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ମୋଟାମୋଟି ଭାବେ ଜିଲାରେ ପ୍ରଥମଦିନ ମାଟ୍ରିକ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ପରୀକ୍ଷାରେ ଅନୈତିକ ଉପାୟ ରୋକିବା ପାଇଁ ବିଭିନ୍ନ କେନ୍ଦ୍ରକୁ ୨୬ଜଣ ସ୍କ୍ୱାଡ ସଦସ୍ୟ ପୃଥକ ଭାବେ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲକୁ ନୋଡାଲ କେନ୍ଦ୍ର ସହ ପରୀକ୍ଷା କେନ୍ଦ୍ର ମଧ କରାଯାଇଛି। ଏଠାରେ ଗୁରୁବାର ୧୧ଟି କକ୍ଷରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ଓ ଲେଡିଲୁଇସ୍ ବାଳିକା ବିଦ୍ୟାଳୟର ୩୦୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୧ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୧ ଘଣ୍ଟା ପୂର୍ବରୁ ସକାଳ ୮ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ହାଜର ହୋଇଥିଲେ। ସମସ୍ତ କକ୍ଷକୁ ସିସି କାମେରାଦ୍ୱାରା ମନିଟରିଂ କରାଯିବା ବ୍ୟବସ୍ଥା କରାଯାଇଛି। ସେହିପରି ପରୀକ୍ଷା ତଥା ପରୀକ୍ଷା କେନ୍ଦ୍ର ଅଭଜରଭରଭାବେ ନିଯୁକ୍ତ ଚାଉଁରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ, ବିଦ୍ୟାଳୟ ଅଧକ୍ଷ ଲୋକିତା ଦାଶ, ବରିଷ୍ଠ ଶିକ୍ଷକ କୁଳମଣୀ ଦାଶଙ୍କ ତତ୍ତ୍ୱାବଧାନରେ ଏଠାରୁ ପ୍ରଶ୍ନ ପତ୍ରଗୁଡ଼ିକ ଏହି ନୋଡାଲ କେନ୍ଦ୍ର ଅଧୀନ ୨୧ଟି ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରେରଣ କରାଯାଇଥିଲା। ସେହିପରି ବିଭିନ୍ନ କେନ୍ଦ୍ରରୁ ପରୀକ୍ଷା ଖାତାଗୁଡ଼ିକ ଆସିଲା ପରେ ସେଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌ରେ ସିଲ କରାଯାଇଥିଲା। ଷ୍ଟ୍ରଙ୍ଗରୁମ୍‌କୁ ଏଠାରେ ୨୪ ଘଣ୍ଟିଆ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପରୀକ୍ଷାରେ କପି ଓ ଯେକୌଣସି ଅନୈତିକ ଉପାୟ ଅବଲମ୍ବନକୁ ରୋକିବା ପାଇଁ ବ୍ୟବସ୍ଥା ସ୍ୱରୂପ ସମସ୍ତ ପରୀକ୍ଷା କକ୍ଷରେ ପ୍ରଥମ ଥର ସିସି କ୍ୟାମେରା ଖଞ୍ଜାଯାଇ ପରୀକ୍ଷାର୍ଥୀଙ୍କ ଉପରେ ତୀକ୍ଷ୍ଣ ନଜର ରଖା ଯାଇଥିଲା।



ସମ୍ବଲପୁରସ୍ଥିତ ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରୁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇ ବାହାରୁଛନ୍ତି।

# ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର




ଆୟୋଜିତ ଆଲୋଚନାଚକ୍ରରେ ଅତିଥି ଓ ବକ୍ତାମାନେ।

**ସମ୍ବଲପୁର,୧୯।୨(ବି.ଶଙ୍କର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗ ଓ ନବସୃଜନ ଏବଂ ଇନକ୍ୟୁବେଶନ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଛି। ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ସୁବାଷ ଚନ୍ଦ୍ର ଝାଙ୍କରଙ୍କ ଅଧ୍ୟକ୍ଷତାରେ ୧୧୫ ନମ୍ବର ପ୍ରକୋଷ୍ଠଠାରେ ୟୁଜିସି ନେଟ୍ ପ୍ରସ୍ତୁତି ପାଇଁ ଆଡାପ୍ଟିଭ ଲର୍ନିଂ ସିଷ୍ଟମ ବିଷୟ ବସ୍ତୁ ଉପରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ମ୍ୟାନେଜମେଣ୍ଟ ବିଭାଗ ମୁଖ୍ୟ ପ୍ରଫେସର ଡ. ଦେବେନ୍ଦ୍ର କୁମାର ମହାଲିକ ମୁଖ୍ୟ ଅତିଥି, ଆଇଭିଏ ପ୍ଲସ ଆଇଟି ସଲ୍ୟୁଶନ୍ ଅନୁଷ୍ଠାନର ପ୍ରତିଷ୍ଠାତା ସତ୍ୟବ୍ରତ ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ପ୍ରିୟବ୍ରତ ପଣ୍ଡା, ପ୍ରଫେସର ଡ. ଶ୍ୟାମାଚରଣ ଆଚାର୍ଯ୍ୟ , ଅଧ୍ୟାପକ ଡ. ମୁକେଶ ଶର୍ମା, ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ବଳ, ବିକାଶ କୁମାର ସେଠୀ, ଅଧ୍ୟାପିକା ଡ. ପୂଜାବାଇ କେୱତ, ଅରୁଣା ଶର୍ମା, ସରୋଜା ମେହେର, ଝର୍ଣ୍ଣାରାଣୀ ପରିଡା, ଶୁଭେଚ୍ଛା ନାୟକ, ଅଧ୍ୟାପକ ଅମ୍ରିଶ ପ୍ରତାପ ସିଂହ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ସ୍ନାତକ, ସ୍ନାତକୋତ୍ତର ଓ ଗବେଷକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ୪୯ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ



ନିଯୁକ୍ତି ମେଳାରେ ଅତିଥିଙ୍କ ଗହଣରେ ନିଯୁକ୍ତିପତ୍ର ପାଇଥିବା ପ୍ରାର୍ଥିନୀ ଓ ପ୍ରାର୍ଥୀ।

## ସମ୍ବଲପୁରରେ ଜିଲାସ୍ତରୀୟ ନିଯୁକ୍ତି ମେଳା

- ଶିକ୍ଷିତ ଦକ୍ଷ ଓ କୁଶଳୀଙ୍କୁ କର୍ମସଂସ୍ଥାନ ଯୋଗାଇବା ନିଯୁକ୍ତି ମେଳାର ଉଦ୍ଦେଶ୍ୟ
- ଯୋଗଦେଲେ ୪୦ ଘରୋଇ କମ୍ପାନୀ

**ସମ୍ବଲପୁର,୧୯।୨(ପ୍ରମୋଦ ବହିଦାର)**

ସମ୍ବଲପୁରରେ ନିଯୁକ୍ତି ମେଳା ଆୟୋଜନର ମୂଳ ଉଦ୍ଦେଶ୍ୟ ହେଉଛି ଜିଲାର ଶିକ୍ଷିତ, ଦକ୍ଷ ଓ କୁଶଳୀ ଯୁବତୀଯୁବକଙ୍କୁ ଉପଯୁକ୍ତ କର୍ମସଂସ୍ଥାନ ଯୋଗାଇଦେବା। ସେହିପରି ଦଶମ କିମ୍ବା ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ପ୍ରାର୍ଥୀମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ପରେ ନିଯୁକ୍ତି ପ୍ରଦାନ କରିବାକୁ ଏହି ମେଳାରେ ଲକ୍ଷ୍ୟ ରଖାଯାଇଛି। ସ୍ଥାନୀୟ ପିଏଚ୍‌ଡି ପଡ଼ିଆ(ବିର୍ସା ମୁଣ୍ଡା ମଇଦାନ)ଠାରେ ଜିଲା ପ୍ରଶାସନ ଏବଂ ଜିଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ଜିଲାସ୍ତରୀୟ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହା କହିଛନ୍ତି। ନିଯୁକ୍ତି ପାଇବା ପାଇଁ ନୁହେଁ, ନିଯୁକ୍ତିଦାତା ହୋଇ ଅନ୍ୟମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବାକୁ ସେ ଉପସ୍ଥିତ ପ୍ରାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ମେଳାରେ ଟାଟା ମୋଟର୍ସ, ଟାଟା ଇଲେକ୍ଟ୍ରୋନିକ୍ସ, ଆଡେକୋ, ଭିଏଫଏସ ଗ୍ଲୋବାଲ ଏବଂ ମିଣ୍ଟା ଭଳି ଦେଶର ପ୍ରାୟ ୪୦ଟି ପ୍ରତିଷ୍ଠିତ ଘରୋଇ କମ୍ପାନୀ ଓ ସାହୀ ଏକ୍ସପୋର୍ଟ ପ୍ରାଇଭେଟ୍ ଲିମିଟେଡ୍, ବ୍ଲାକ୍ ପାନ୍ଥର୍ ଗାର୍ଡସ୍ ଆଣ୍ଡ ସର୍ଭିସେସ୍ ଲିମିଟେଡ୍, ସ୍କିଲ୍ କନେକ୍ଟ ସର୍ଭିସେସ୍ ଏଲ୍‌ଏଲ୍‌ପି, ଭାଲୁଅର୍ ଫାବଟେକ୍ସ ପ୍ରାଇଭେଟ୍ ଲିମିଟେଡ୍, ସିଟିଟିସି, ଇନୋଡଷ୍ଟ ଟେକ୍ ସଲୁସନ୍ସ, ଫିକ୍ସି, ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟର ଭଳି ସଂସ୍ଥା ଯୋଗଦେଇ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତିର ସୁଯୋଗ ପ୍ରଦାନ କରିଛନ୍ତି। ଏଥିରେ ୧୮ରୁ ୩୫ ବର୍ଷ ବୟସ୍କ ପ୍ରାୟ ୧୫୦୦ରୁ ଅଧିକ ନିଯୁକ୍ତି ଆଶାୟୀ ପ୍ରାର୍ଥିନୀ ଓ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲାପାଳ ୪୯ ପ୍ରାର୍ଥିନୀ ଓ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ସେଥିମଧ୍ୟରେ ଆଡେକୋ ପକ୍ଷରୁ ୨୩, ଟଟା ମୋଟର୍ସ ୧୮ ଓ ସ୍କିଲ୍ କନେକ୍ଟ ସର୍ଭିସେସ୍ ଏଲ୍‌ଏଲ୍‌ପି ପକ୍ଷରୁ ୮ ଜଣଙ୍କୁ ନିଯୁକ୍ତି ପ୍ରତ୍ର ବଣ୍ଟନ କରାଯାଇଥିଲା। ଏହାସହ ଟାଟା ମୋଟର୍ସ ପକ୍ଷରୁ ନିଯୁକ୍ତି ପାଇଁ ୬୩ ଜଣଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଏଥିରେ ରେଙ୍ଗାଲି ସରକାରୀ ପଲିଟେକ୍ନିକ୍, ହୀରାକୁଦ ସରକାରୀ ଆଇଟିଆଇ ଓ ବୁର୍ଲାର ଏସବିଆରସେଟି ଆଦି ଶିକ୍ଷାନୁଷ୍ଠାନ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲା ନିୟୋଜନ ଉପ ନିର୍ଦ୍ଦେଶକ ଗତିକୃଷ୍ଣ ବେହେରା, ଆର୍‌ଏସ୍‌ଇଟିଆଇ ନିର୍ଦ୍ଦେଶକ ସୁବାଶ ଚନ୍ଦ୍ର ତ୍ରିପାଠୀ ମଞ୍ଚାସୀନ ଥିଲେ। ଓଆର୍‌ଏମ୍‌ଏସ୍ ଅଧିକାରୀ ଶ୍ରୀମନ୍ତ ହେତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରଶର ପକ୍ଷରୁ ରାଜସ୍ୱ ଗାଁ ରାସ୍ତା ବନ୍ଦ ଅଭିଯୋଗ

**ସମ୍ବଲପୁର,୧୯।୨(ଭବାନୀ ଶଙ୍କର ଭୋଇ)**

ଗାଁ ରାସ୍ତାକୁ କବଜା କରି ବନ୍ଦ କରିଦେଇଥିବା କ୍ରସର ମାଲିକଙ୍କ ବିରୋଧରେ ତଦନ୍ତ କରିବାକୁ ଶାସନ ଥାନା ଅନ୍ତର୍ଗତ ତବଡ଼ାବାହାଲ ଗ୍ରାମବାସୀ ଗୁରୁବାର ଖଣି ଉପ ନିର୍ଦ୍ଦେଶକଙ୍କଠାରେ ଦାବି କରିଛନ୍ତି। ରେଙ୍ଗାଲି ତହସିଲ ଅନ୍ତର୍ଗତ ତବଡାବାହାଲ ପଥର ଖଣିକୁ ଦୁଇ ଜଣଙ୍କୁ ଲିଜ ଦିଆଯାଇଛି। ଉକ୍ତ ଲିଜଧାରୀ ନୀତି ନିୟମ ଉଲ୍ଲଂଘନ କରି ପଥର ଖନନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଓଡ଼ିଶା ଲଘୁ ଖଣିଜ ଆଇନ ଏବଂ ଓଡ଼ିଶା ବନ ସଂରକ୍ଷଣ ଆଇନକୁ ଉଲ୍ଲଂଘନ କରି ଖଣିରୁ ପଥର ଉତ୍ତୋଳନ କରାଯାଉଛି। ଗ୍ରାମବାସୀ ପୁରୁଷାନକ୍ରମେ ଯେଉଁ ରାସ୍ତାକୁ ବ୍ୟାବହର କରୁଥିଲେ, ସେହି ରାସ୍ତକୁ ବି ଖଣିମାଲିକ କବଜାକୁ ନେଇଯାଇଛନ୍ତି। ଖାଦାନରେ ବ୍ଲାଷ୍ଟି ଯୋଗୁ ପାଖରେ ଥିବା ଗାଁ ଭିତରେ ଲୋକଙ୍କ ରହିବା କଷ୍ଟସାଧ ହେଉଛି । ପ୍ରଚଣ୍ଡ ଶବ୍ଦ ହେବା ସହ ଗାଁ ସାରା ଧୂଳି ଉଡୁଛି । ଏ ସଂକ୍ରାନ୍ତରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତବଡାବାହାଲ ବାସିନ୍ଦା ଦେବାନନ୍ଦ ସିଂଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଗତ ୩୦ ତାରିଖରେ ଅଭିଯୋଗ କରିଥିଲେ। ଏହାପରେ ଘଟଣାର ତଦନ୍ତ ପାଇଁ ଉପଖଣି ନିର୍ଦ୍ଦେଶକ ସମ୍ବଲପୁରକୁ ତଦନ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ କୋଡିଏ ଦିନ ପରେବି ତଦନ୍ତ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉପଖଣି ନିର୍ଦ୍ଦେଶକ ରାକେଶ ଅଗ୍ରୱାଲ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ନେଇ ଖଣି ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲିଜ ପାଇଥିବା ଖଣିର କାଗଜପତ୍ର ଆଦି ଯାଞ୍ଚ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶୋକସଭାରେ ଶିବପ୍ରସାଦଙ୍କ ସ୍ମୃତିଚାରଣ

**ରେଢ଼ାଖୋଲ,୧୯।୨(ସନ୍ତୋଷ ବଘାର)**

ରେଢାଖୋଲ ପ୍ରେସ କ୍ଲବ ପକ୍ଷରୁ ଦିବଙ୍ଗତ ଖବରଦାତା ଶିବପ୍ରସାଦ ମେହେରଙ୍କ ବିୟୋଗରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଢ଼ାଖୋଲ ଏନଏସ ଅଧକ୍ଷ ଶିବରାମ ସାହୁ ଯୋଗଦେଇଥିଲେ। ଶିବପ୍ରସାଦ ଦୀର୍ଘ ବର୍ଷ ଧରି ସମ୍ବଲପୁର ଜିଲାର ସାମାଜିକ ଜୀବନରେ କାର୍ଯ୍ୟ କରି ପରିଚୟ ସୃଷ୍ଟି କରିଥିଲେ । ସାଧାରଣ ଜନତାର ସ୍ୱରକୁ ନେଇ ସେ ଖବର କାଗଜରେ ଖବର ପରିବେଷଣ କରୁଥିଲେ। ତାଙ୍କ ପରଲୋକ ସାମାଜିକ ଜୀବନରେ ଅପୂରଣୀୟ କ୍ଷତି ବୋଲି ଶୋକ ସଭାରେ ବକ୍ତାମାନେ ମତ ଦେଇଥିଲେ। ଏହି ଶୋକସଭାରେ ଖବରଦାତା ଜୟନ୍ତ ଖଡ଼ିରତ୍ନ, କନ୍ଦର୍ପ ବେହେରା, ତପନ କୁମାର ବିଶ୍ୱାଳ, ସୁଶାନ୍ତ ନାଗ, ଯଶୋବନ୍ତ ନାରାୟଣ ସାହୁ, ମଦନ ବେହେରା, ସୁଧୀର ସୁନା, ସରୋଜ ସାହୁ, ସରୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଚାରାଧୀନ କଏଦୀଙ୍କ ସତ୍କାର କଲେ ସ୍ୱେଚ୍ଛାସେବୀ

## ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା

**ସମ୍ବଲପୁର,୧୯।୨(ଭବାନୀ ଶଙ୍କର ଭୋଇ)**

ବରଗଡ଼ ଜିଲା ଜେଲର ବିଚାରାଧୀନ କଏଦୀ ସୁମନ ମାଝୀ(୬୫)ଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସତ୍କାର କରିବାରୁ ସମର୍ଥ ହୋଇ ନ ଥିଲେ। ସାମାଜିକ ସଙ୍ଗଠନ ସମ୍ବଲ ପକ୍ଷରୁ ଗୁରୁବାର ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଗତ ୧୪ତାରିଖି ଅସୁସ୍ଥ ହେବାରୁ ତାଙ୍କୁ ଜେଲ କର୍ତ୍ତୃପକ୍ଷ ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୧୮ ତାରିଖ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ସୁମନଙ୍କ ପୁତୁରା ଗୋପାଳ ମାଝୀଙ୍କୁ ଜେଲ କର୍ତ୍ତୃପକ୍ଷ ମୃତଦେହ ହସ୍ତାନ୍ତର କରିଥିଲେ। ଗୋପାଳଙ୍କ ଆର୍ଥିକ ସ୍ଥିତ ଖରାପ ଥିବାରୁ ମୃତଦେହ ଗାଁକୁ ନେଇ ସତ୍କାର କରିବାକୁ ସକ୍ଷମ ନ ଥିଲେ । ତେଣୁ ଜେଲରେ କାର୍ଯ୍ୟରତ ପଞ୍ଚାନନ ନାୟକଙ୍କ ସହାୟତାରେ ସମ୍ବଲର ରାମଦାସ ପଣ୍ଡାଙ୍କ ସହ ଯୋଗାଯୋଗ କରାଯାଇ ସତ୍କାର ବ୍ୟବସ୍ଥା କରାଯାଇଥିଲା। ଗୋପାଳ ମାଝୀଙ୍କ ଲିଖିତ ଅନୁରୋଧ କ୍ରମେ ସମ୍ବଲ ପରିବାର ତରଫରୁ ମନ୍ଦଲିଆସ୍ଥିତ ରାଜଘାଟରେ ସତ୍କାର କରାଯାଇଥିଲା। ଏଥିରେ ରାମଦାସ ପଣ୍ଡା, ଦିନୁ ମହାନନ୍ଦ ଏବଂ ସତ୍ୟନାରାୟଣ ସହଯୋଗ କରିଥିଲେ।



ବିଚାରାଧୀନ କଏଦୀଙ୍କ ମୃତଦେହ ସତ୍କାର ପାଇଁ ନିଆଯାଉଛି।

# ଫୋର୍‌ସି, ଏସ୍‌ଓସି ଜାମଶେଦପୁର ଟାଟା ବିଜୟୀ

## ସର୍ବଭାରତୀୟ କ୍ରିକେଟ

**ସମ୍ବଲପୁର,୧୯।୨(ବି.ଶଙ୍କର)**

ସର୍ବଭାରତୀୟ ୧୪ତମ ଦୀନବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ସମ୍ବଲପୁର ଫୋରସି ଏବଂ ଏସଓସି ଜାମସେଦପୁର ଟାଟା ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସ୍ଥାନୀୟ ହାୱା ମଇଦାନଠାରେ ପ୍ରଥମ ମ୍ୟାଚ ସମ୍ବଲପୁର ଫୋରସି ବନାମ ଏମଏମ୍‌ସିସି ମଧ୍ୟରେ ହୋଇଥିଲା। ଏମ୍‌ଏମସିସି ଟସ୍ ଜିଣି ଫୋରସି ଦଳକୁ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୧୫ ଓଭରରେ ଦଳ ୮ଟି ଉଇକେଟ ହରାଇ ୧୫୬ରନ କରିଥିଲା। ଦଳର କୁଶଳ ପଟେଲ ୨୮ ବଲରେ ୪୬ ଏବଂ ସଦାନନ୍ଦ ୨୩ ବଲରେ ୩୧ ଓ ଅମନ ୧୦ ବଲର ସମ୍ମୁଖୀନ ହୋଇ ୨୭ରନ କରିଥିଲେ। ଏମ୍‌ଏମ୍‌ସିସିର ପ୍ରତୀକ ରଞ୍ଜନ ୩ଟି ଓ ସୁରେଶ ବେହେରା ୨ଉଇକେଟ ଅକ୍ତିଆର କରିଥିଲେ। ୧୫୭ ରନର ବିଜୟ ଲକ୍ଷ୍ୟ ନେଇ ଏମ୍‌ଏମ୍‌ସିସି ଦଳର ଖେଳାଳିମାନେ କ୍ରିଜକୁ ଓଲ୍ଲାଇଥିଲେ । କିନ୍ତୁ ବିପକ୍ଷ ଫୋରସି ବୋଲରଙ୍କ ଘାତକ ବୋଲିଂର ସମ୍ମୁଖୀନ ହୋଇ ପାରି ନ ଥିଲେ । ଫଳରେ ଏମ୍‌ଏମ୍‌ସିସି ୧୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୮ ରନ କରିଥିଲା। ଯଦ୍ୱାରା ଫୋରସି ଦଳ ୭୮ ରନରେ ବିଜୟୀ ହୋଇଥିଲା। ଫୋରସିର ଆଦିତ୍ୟ ମିଶ୍ର ୩ଟି ଓ ଅମନ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ ଅନୁଷ୍ଠାନ ସଭାପତି ବିକାଶ ମିଶ୍ର, କାର୍ଯ୍ୟକାରୀ ସଭାପତି ଜଗଦୀଶ ବେହେରା, ଟୁର୍ନାମେଣ୍ଟ ଚେୟାରମ୍ୟାନ ସଞ୍ଜିବ ପ୍ରସାଦଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ସଞ୍ଜିବ କୁମାର ନାୟକ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ କୋଲକାତା ବିରାଟ କ୍ରିକେଟ ଏକାଡେମୀ ବନାମ ଏସଓଏସ ଜାମସେଦପୁର ଟାଟା ମଧ୍ୟରେ ହୋଇଥିଲା। ଟସ ଜିଣି କୋଲକାତା ପ୍ରଥମେ ବ୍ୟାଟିଂ କରିବାକୁ ଜାମସେଦପୁର ଦଳକୁ ଆମନ୍ତ୍ରଣ କରିଥିଲେ। ନିର୍ଦ୍ଧାରିତ ୧୫ ଓଭରରେ ଜାମସେଦପୁର ୫ ଉଇକେଟ ହରାଇ ୨୦୬ ରନ କରି ବିଶାଳ ସ୍କୋର ଛିଡା କରିଥିଲା। ୨୦୭ ରନ ବିଜୟ ଲକ୍ଷ୍ୟ ନେଇ କୋଲକାତା ଦଳର ଖେଳାଳିମାନେ କ୍ରିଜକୁ ଓଲ୍ଲାଇଥିଲେ। ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୧୯୧ ରନ କରିଥିଲା। ଫଳରେ ଜାମସେଦପୁର ଦଳ ୧୫ ରନ ବ୍ୟବଧାନରେ ପରାଜୟ ବରଣ କରିଥିଲା।




ଗୁରୁବାର ସମ୍ବଲପୁର ହାୱା ମଇଦାନଠାରେ ଅତିଥିଙ୍କ ସହ ପୁରସ୍କୃତ ଖେଳାଳି।


**OFFICE OF THE REGISTRAR VIKRAM DEV UNIVERSITY**
NH-26, JEYPORE, DIST: KORAPUT,ODISHA, PIN - 764001
www.vikramdevuniversity.ac.in

No. 558 /VDU/2026 Date 17.02.2026

**RECRUITMENT NOTICE**

**No.11001/27/2526** : Vikram Dev University invites applications in both physical and online mode through **HIMS portal** from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the departments of Anthropology, Botany, Chemistry, Commerce, Economics, Education, English, Geography, Home Science, History, Mathematics, Odia, Philosophy, Physics, Political Science, Sociology, Statistics, Zoology of this University as directed vide Letter No. 5322/HE, Dated 31.01.2026 of Department of the Higher Education, Government of Odisha, Bhubaneswar. The online application form and department wise reservation details will be made available on the **University website** www.vikramdevuniversity.ac.in and **HIMS Portal** from 28.02.2026 onwards. For details of the terms and conditions, guidelines for applying etc. Please visit the University website.
Application open date: 28.02.2026
Application closing date: 31.03.2026
Closing Date for receipt of Printed copy of the application: 10.04.2026

Sd./- REGISTRAR,
Vikram Dev University, Jeypore
OIPR-11001/11133/1/25-26/0009



No.4001/32/2526

idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD, WS & EC DIVISION-I, IDCO, IDCO TOWERS, BHUBANESWAR-751022**

Tender Call Notice No. WS & EC-I / D2-225 / 2025-26 / 383 Dated : 11.02.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Value of work (Approx.) | Period of Completion |
|---|---|---|---|
| 1. | Supply, Installation, Testing and Commissioning of online Continuous Effluent Quality Monitoring System (CEQMS) at CETP, Sea Food Park, Deras | ₹ 28.10 lakhs | 02 (Two) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-I, IDCO, IDCO Towers, Bhubaneswar -751022 | Bid ID. no. WS & EC-I/EST/E-06/ 2025-26 | 16:00 Hours of dt.19.02.2026 | 16:00 Hours of dt.05.03.2026 |

**Further details can be seen from the e-procurement portal** www.tendersodisha.gov.in. Corrigendum or Addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

Sd./- Divisional Head
WS&EC Divn.-I, IDCO, Bhubaneswar
OIPR-4001/4075/1/25-26/0012



**OFFICE OF THE SUPERINTENDING ENGINEER RURAL WORKS DIVISION : SUNDARGARH**
E.Mail : rw_sundargarh@yahoo.co.in. Ph : 06622-272280 (off)

**2nd Corrigendum to Bid Identification No. Online-SESNG-23 of 2025-26**

**No.25001/196/2526** : In continuation to this office bid Identification No. : Online-SESNG-23 of 2025-26 invited vide this office notice no.118 dt.05.01.2026 is partial modified for the work TCN has been made as follows :-

| Sl. No. | | Time Schedule as per original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 15.01.2026 at 11.00 A.M. to 27.01.2026 up to 06.00 P.M. | Extended up to 05.03.2026 up to 5.00 P.M. |
| 2 | Last date of seeking clarification | 22.01.2026 at 11.00 A.M. | Extended up to 02.03.2026 up to 11.00 A.M. |
| 3 | Date of Opening of Tender | 28.01.2026 at 10.00 A.M. | Extended up to 06.03.2026 at 10.00 A.M. |

All other terms & conditions remain unchanged.

Sd./- Executive Engineer
R.W.Division, Sundargarh
OIPR-25001/25046/1/25-26/0006



GOVT. OF ODISHA
DEPARTMENT OF WATER RESOURCES,
**OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO.III, KHUNTUNI, DHENKANAL**
Email Id : eekhuntuni@gmail.com

**'e' Procurement Notice**

**No.32001/105/2526** : The Superintending Engineer, Rengali Right Canal Division No.III, Khuntuni on behalf of the Governor of Odisha invites on line percentage rate bids in single cover system for execution of the work as detailed below :
**1. Name of the work :** Shifting & Reconstruction of LT/HT line, Shifting/Heightening of connected HT line 11KV and LT line coming under alignment of DBC from RD 62907M to 65890M in village Suanri and Safa, **2. Tender Cost :** Rs.13,13,647.00, **3. Bid Document Cost :** Rs.6,000.00 (on line), **4. Bid Security/EMD :** Rs.13,200.00, **5. Class of Contractor :** Registered Electrical Contractor with HT License, **6. Period of Completion :** 02 Calendar months, 7. Other details are as follows :

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No.III, Khuntuni, Dhenkanal | SERRCD-III-01/2025-26 | 19.02.2026 10.00 A.M. | 05.03.2026 5.30 P.M. | 06.03.2026 11.30 A.M. |

Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/ Cancellation to the above notice will be published in the Govt. website www.tendersodisha.gov.in.

Sd./- Superintending Engineer
Rengali Right Canal Division No.III, Khuntuni, Dhenkanal
OIPR-32001/32315/1/25-26/0001



**STATE POLLUTION CONTROL BOARD, ODISHA**
[DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

No.2284/I-Estt.(A)17/2025 Dt.18.02.2026

**NOTICE**

**No.8001/88/2526** : It is for information of the Applicants that Written Test on CBT Mode pursuant to the Recruitment Advertisement No.835, Dt.20.01.2026 of SPC Board, Odisha will be held as per the programme mentioned below.

| Date of Examination | Name of the Post | Shift-I (9.00 A.M. to 10.30 A.M.) | Shift-2 (12.30 P.M. to 2.00 P.M.) | Shift-3 (4.00 P.M. to 5.30 P.M.) |
|---|---|---|---|---|
| (1) | (2) | (3) | (4) | (5) |
| 25.02.2026 | Asst. Section Officer | Shift-I | - | - |
| 26.02.2026 | Asst. Env. Scientist | Shift-I | - | - |
| 26.02.2026 | Jr. Accountant | - | Shift-2 | - |
| 26.02.2026 | Accountant | - | - | Shift-3 |
| 26.02.2026 | Sr.Scientific Assistant | - | - | Shift-3 |
| 27.02.2026 | Junior Assistant | Shift-I | - | - |
| 27.02.2026 | Asst. Env. Engineer | - | Shift-2 | - |
| 27.02.2026 | Jr. Lab. Assistant | - | - | Shift-3 |

The concerned candidates may download their Admit Card to be live w.e.f. 20.02.2026

OIPR-8001/8012/1/25-26/0014 Sd./- Member Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ବିଜୟୀ

## ଏସିଆ କପ୍ ବଧିର କ୍ରିକେଟ ଆରମ୍ଭ

### ଓଡ଼ିଆ ଖେଳାଳି ଶିବୁନ, ସନ୍ତୋଷଙ୍କ ପ୍ରଭାବୀ ପ୍ରଦର୍ଶନ

**କଟକ,୧୯।୨(କୁମାରଶ୍ରୀ)**

ଏସିଆନ ବଧିର କ୍ରିକେଟ ସଂଘ(ଏଡିସିଏ) ଏବଂ ଭାରତୀୟ ବଧିର କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଗୁରୁବାର ଠାରୁ କଟକରେ ଏସିଆ କପ୍ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଉଦ୍‌ଘାଟନୀ ମୁକାବିଲାରେ ଆୟୋଜକ ଭାରତ ୪ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ୧୮.୪ ଓଭରରେ ୧୩୨ରନରେ ଅଲଆଉଟ ହୋଇଥିଲା। ହଶିଥା ପ୍ରସନ୍ନା ସର୍ବାଧିକ ୨୮ରନ କରିଥିଲେ। ଉଦୟ ଲକମଲ ୨୫ରନ ଏବଂ ରଜିଥା ଅସଙ୍କା ୨୦ରନ ସଂଗ୍ରହ କରିଥିଲେ। ଭାରତ ପକ୍ଷରୁ ପ୍ରଣିଲ ମୋରେଙ୍କୁ ୩ଟି ଏବଂ ହିଲାଲ ୱାନି ଓ ଓଡ଼ିଆ ଖେଳାଳି ଶିବୁନ ନନ୍ଦ ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଜବାବରେ ୧୮.୫ ଓଭରରେ ୬ ଉଇକେଟ ବିନିମୟରେ ଭାରତ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସାଇ ଆକାଶ ସର୍ବାଧିକ ୩୫ରନ କରିଥିବା ବେଳେ ଓଡ଼ିଆ ଖେଳାଳି ସନ୍ତୋଷ କୁମାର ମହାପାତ୍ର ୨୮ରନର ଉପଯୋଗୀ ଇନିଂସ ଖେଳିଥିଲେ। ଏହାଛଡ଼ା ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ହିଲାଲ ୮ଟି ବଲରୁ ୨୩ରନର ବିସ୍ଫୋରକ ପାଳି ଖେଳିଥିଲେ। ସାଇ ଆକାଶ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁକ୍ରବାର ଦ୍ୱିତୀୟ ମୁକାବିଲାରେ ଭାରତ ନେପାଳକୁ ଭେଟିବ।

ମ୍ୟାଚ୍ ପୂର୍ବର ଉଦ୍‌ଘାଟନୀ ଉତ୍ସବରେ ଜିନ୍ଦଲ ଷ୍ଟିଲ ଲିମିଟେଡର ଉପସଭାପତି ରିଶି ପଠାନିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଡିସିଏ ସଭାପତି ସୁମିତ ଜୈନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ବଧିର କ୍ରିକେଟକୁ ନେଇ ଆରମ୍ଭ ହୋଇଥିବା ପ୍ରଥମ ସଂସ୍କରଣର ସଫଳତା ଦିଗରେ ମତବ୍ୟକ୍ତ କରିଥିଲେ। ଆଇଡିସିଏ ସିଇଓ ରୋମା ବଲୱାନି ଯୋଗ ଦେଇ ବଧିର କ୍ରିକେଟ ସଫଳ ଯାତ୍ରା ବାବଦରେ କହିଥିଲେ। ଜିନ୍ଦଲ ଫାଉଣ୍ଡେସନର ସିଏସଆର ମୁଖ୍ୟ ଜୟନ୍ତ କୁମାର ମହାନ୍ତି, ଟାଟା ମୋଟର୍ସର ବରିଷ୍ଠ ପଦାଧିକାରୀ ଶୈଳେଶ ରାୟ, ହିରୋ ମୋଟୋ କର୍ପର ଆସିଷ୍ଟାଣ୍ଟ ସିଏସଆର ମ୍ୟାନେଜର କୁନାଲ ଗୁପ୍ତା, ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ସମ୍ପାଦକ ଡଃ ବଙ୍କିମ ମହାନ୍ତି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଅଂଶଗ୍ରହଣକାରୀ ଦଳର ଅଧିନାୟକ।

# ଆକାଶ, ଅଭିଷେକଙ୍କ ଶତକ

## କଳାହାଣ୍ଡି କପ୍

**କଟକ,୧୯।୨(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ସିନିୟ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ପ୍ରଥମ ପର୍ଯ୍ୟାୟ ଲିଗ୍‌ରେ ଗୁରୁବାର ଦୁଇଟି ଶତକୀୟ ଇନିଂସ ଦେଖିବାକୁ ମିଳିଛି। କେନ୍ଦ୍ରାପଡାର ଆକାଶ ନାୟକ ଏବଂ ପୂର୍ବତଟ ରେଳପଥର ଅଭିଷେକ ଯାଦବ ଶତକ ହାସଲ କରିଛନ୍ତି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ଏବଂ ସମ୍ବଲପୁର-ବି ମଧ୍ୟରେ ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରାପଡ଼ା ୮ ଉଇକେଟ ହରାଇ ୨୭୬ରନ ସଂଗ୍ରହ କରିଥିଲା। ଆକାଶ ନାୟକ ୧୦୩ବଲରୁ ୧୪୫ରନର ଶତକୀୟ ପାଳି ଖେଳିଥିଲେ। ଜବାବରେ ସମ୍ବଲପୁର-ବି ୧୭୧ରନରେ ଅଲଆଉଟ ହୋଇଥିଲା। କେନ୍ଦ୍ରାପଡ଼ାର ଅଭିଜିତ ରାଉତ ୫୫ରନ ବ୍ୟୟ କରି ପାଞ୍ଚ ଉଇକେଟ ସଫଳତା ପାଇଥିଲେ। ଖୋର୍ଦ୍ଧା ଗ୍ରାଉଣ୍ଡରେ ପୂର୍ବତଟ ରେଳପଥ ୧୧୭ରନରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଅଭିଷେକ ଯାଦବଙ୍କ ୧୫୮ରନର ପାଳି ବଳରେ ପ୍ରଥମେ ବ୍ୟାଟିଂ କରିଥିବା ରେଳବାଇ ୩୩୦ରନରେ ଅଲଆଉଟ ହୋଇଥିଲା। ଖୋର୍ଦ୍ଧା ୯ ଉଇକେଟରେ ୨୧୩ରନ ସଂଗ୍ରହ କରି ପରାଜୟର ସମ୍ମୁଖୀନ ହୋଇଛି। ରେଳପଥର ବାମହାତୀ ଅର୍ଥୋଡକ୍ସ ଜୟନ୍ତ ବେହେରା ୪ଟି ଉଇକେଟ ଦଖଲ କରିଥିଲେ।



ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ।

# ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ

**କାନବେରା, ୧୯।୨ (ପି.ଟି.)**

ଅଷ୍ଟ୍ରେଲିଆ ଏଠାରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ୧୯ରନରେ ଭାରତକୁ ପରାସ୍ତ କରିଛି। ଏଥିସହିତ ଦଳ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ବରାବର ସ୍ଥିତିକୁ ଚାଲି ଆସିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ଉଇକେଟରେ ଜର୍ଜିଆ ଭଲ୍ (୮୮ରନ) ଓ ବେଥ୍ ମୁନି (୪୬ରନ)ଙ୍କ ୧୨୮ରନ ଭାଗୀଦାରି ସହାୟତାରେ ୫ଉଇକେଟ ବିନିମୟରେ ୧୬୩ ରନ କରିଥିଲା। ଭାରତ ବିପକ୍ଷ କୌଣସି ମହିଳା ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ଏହା ହେଉଛି ସର୍ବୋଚ୍ଚ ସ୍କୋର। ପୂର୍ବରୁ ଏହି ରେକର୍ଡ ଏଲିସା ହିଲି ଓ ମୁନିଙ୍କ ନାମରେ ରହିଥିଲା। ଦୁହେଁ ୨୦୨୦ରେ ମେଲବୋର୍ନଠାରେ ଏକ ଭାରତ ବିପକ୍ଷ ମ୍ୟାଚରେ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୧୧୫ରନ ସଂଗ୍ରହ କରିଥିଲେ।

ଜବାବରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୪ ରନ କରିଥିଲା। ଭାରତୀୟ ଇନିଂସରେ ପ୍ରମୁଖ ଅବଦାନ ରଖିଥିବା ବ୍ୟାଟରମାନେ ହେଲେ ହରମନପ୍ରୀତ୍ କୌର (୩୬), ସ୍ମୃତି ମନ୍ଧାନା (୩୧) ଓ ଶେଫାଳି ବର୍ମା (୨୯)। ଅଷ୍ଟ୍ରେଲିଆ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ଆସ୍‌ଲେ ଗାର୍ଡନର ତାଙ୍କ ୪ ଓଭର ବୋଲିଂରେ ୨୨ ରନ ବିନିମୟରେ ୩ ଉଇକେଟ ନେଇଥିବା ବେଳେ କିମ୍ ଗ୍ୟାରେଥ୍, ସୋଫି ମୋଲିନେକ୍ସ ଓ ଆନାବେଲ୍ ସଦରଲାଣ୍ଡ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ଆକ୍ତିଆର କରିଥିଲେ। ଦୁଇ ଦଳ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଟି୨୦ ଶନିବାର ଆଡିଲେଡ୍ ଓଭାଲଠାରେ ଖେଳାଯିବ।



ବଡ଼ ଶଟ୍ ଖେଳିବା ଅବସରରେ ଜର୍ଜିଆ ଭଲ୍।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ମହିଳା ଦଳ: ୨୦ ଓଭରରେ ୧୬୩/୫ (ଜର୍ଜିଆ ଭୋଲ୍-୮୮, ବେଥ୍ ମୁନି-୪୬ ; ଅରୁନ୍ଧତୀ ରେଡ୍ଡୀ-୨/୩୦)।

ଭାରତ ମହିଳା ଦଳ: ୨୦ ଓଭରରେ ୧୪୪/୯ (ହରମନପ୍ରୀତ୍ କୌର୍-୩୬, ସ୍ମୃତି ମନ୍ଧାନା-୩୧, ଶେଫାଳି ବର୍ମା-୨୯ ; ଆଶଲେ ଗାର୍ଡନର-୩/୨୨)।


Happy Birthday

NIRANJAN BISWAL

General Manager - Civil



Levenus Management extends warm birthday wishes on 20th February to a visionary leader whose experience and dedication continue to strengthen every foundation he builds for our society.

ଧ-୩୪୨୪


# ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର, ୧୯।୧**
**(ସୁବାସ ଚନ୍ଦ୍ର ପ୍ରଧାନ)**

ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଆନୁକୂଲ୍ୟରେ ଗୁରୁବାର ଆରମ୍ଭ ହୋଇଛି ୨୭ତମ ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟ। ସ୍ଥାନୀୟ ବିହାରୀଲାଲ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟର ୧୬ଟି କ୍ଲବ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ବିଧାୟକ ବାବୁ ସିଂ, ଭୁବନେଶ୍ୱର ଜିଲା ଭାଜପା ସଭାପତି ନିରଞ୍ଜନ ମିଶ୍ର, ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ଜେନା, ତୋଫାନ ସାମନ୍ତରାୟ, ତାପସ ଦଳେଇ, କ୍ରିକେଟ କୋଚ କ୍ଷୀରୋଦ ବେହେରା, ବରିଷ୍ଠ କ୍ରୀଡା ଖବରଦାତା ସୁରେଶ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଛନ୍ତି। ପ୍ରଥମ ଦିବସରେ ମୋଟ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ୨ଟି ମ୍ୟାଚରେ ରାମେଶ୍ୱର ୬ ଉଇକେଟରେ ପାରାମାଉଣ୍ଟ ଏବଂ ମୁକ୍ତେଶ୍ୱର ୭ ଉଇକେଟରେ ପ୍ରଗତୀ ସ୍ପୋର୍ଟିଂକୁ ପରାସ୍ତ କରିଛି। ଭେଟେରାନ ବର୍ଗରେ ସହିଦ ସ୍ପୋର୍ଟିଂ ୪ ରନରେ ଏମସିସି ଏବଂ ପୁରୀର ଜେପି ବ୍ଲାଷ୍ଟର୍ସ ୮ ଉଇକେଟରେ ଯଦୁପୁରକୁ ପରାସ୍ତ କରିଛି। ଅତିଥିମାନେ ଏହି ପ୍ରତିଯୋଗିତାକୁ ପ୍ରଂଶସା କରିବା ସହ ଯୁବ ପିଢ଼ିଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ବୋଲି ମତ ପ୍ରକାଶ କରିଛନ୍ତି।

# ହରମନଙ୍କ ବିଶ୍ୱ ରେକର୍ଡ

**କାନବେରା,୧୯।୨:** ଭାରତୀୟ ମହିଳା ଦଳର ଅଧିନାୟିକା ହରମନପ୍ରୀତ କୌର ଗୁରୁବାର ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ମାନୁକା ଓଭାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ସେ ଫିଲ୍ଡକୁ ଓହ୍ଲାଇ ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ମ୍ୟାଚ୍ ଖେଳିଥିବା ଖେଳାଳି ହୋଇପାରିଛନ୍ତି। ଏହା ଭାରତ ପାଇଁ ତାଙ୍କର ୩୫୬ତମ ମ୍ୟାଚ୍ ଥିଲା। ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡର କିମ୍ବଦନ୍ତୀ ସୁଜି ବେଟ୍ସଙ୍କ ନାମରେ ଥିଲା। ସେ ୩୫୫ ମ୍ୟାଚ୍ ଖେଳିଥିଲେ। ଏହି ତାଲିକାରେ ଅଷ୍ଟ୍ରେଲିଆର ଏଲିସେ ପେରୀ (୩୪୯ ମ୍ୟାଚ୍), ଭାରତର ପୂର୍ବତନ ଅଧିନାୟିକା ମିତାଲି ରାଜ (୩୩୩ ମ୍ୟାଚ୍) ଓ ଇଂଲଣ୍ଡର କିମ୍ବଦନ୍ତୀ ଚାର୍ଲଟ ଏଡୱାର୍ଡ୍ସ (୩୦୯ ମ୍ୟାଚ୍) ରହିଛନ୍ତି।

## ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସ

# ଓଡ଼ିଶା-ପଶ୍ଚିମବଙ୍ଗ ମ୍ୟାଚ୍ ଡ୍ର ରହିଲା

**କଟକ,୧୯।୨(କୁମାରଶ୍ରୀ):** ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସର ପଶ୍ଚିମବଙ୍ଗ ବିପକ୍ଷ ପ୍ରଥମ ମ୍ୟାଚକୁ ଡ୍ର ରଖିଛି ଓଡ଼ିଶା ସିନିୟର ମହିଳା ଫୁଟବଲ ଦଳ। କୋଲକାତାର ଏଆଇଏଫ୍ଏଫ୍ ଏନସିଇ ଗ୍ରାଉଣ୍ଡରେ ଗୁରୁବାର ଏହି ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରି ପଏଣ୍ଟ ଭାଗ କରିଛନ୍ତି। ତେବେ ଗ୍ରୁପ-ଡିରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ୨୧ରେ ଉତ୍ତରପ୍ରଦେଶ ଏବଂ ୨୩ରେ ଝାଡଖଣ୍ଡ ବିପକ୍ଷରେ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଖେଳିବ ବୋଲି ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.
D-3215



CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190





All types of physiotherapy and massage contact 9556924059 / 7656969134.
D-3416

LOST

ମୁଁ, ଶ୍ରୀ ନରେଶ ବେହେରା, ପିତା- ମଧୁ ବେହେରା, ଗାଁ- ଆରଖକୁଦା, ପୋ- ଆରଖକୁଦା, ଥାନା- ଆରଖକୁଦା ଜିଲ୍ଲା-ପୁରୀ। ବିଜ୍ଞାପନ ଦ୍ୱାରା ସୂଚନା ଦେଉଛୁ, ଆମର ପଟ୍ଟା ଖାତା ନଂ.- ୧୧୯/୪୫୩, ମୌଜା- ମାଣିକପାଟଣା, ତା.୨୫।୦୧।୨୦୨୫ରିଖ ଦିନ ଆମ୍ଭର ଅସାବଧାନତା ଯୋଗୁଁ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ପଟ୍ଟାଟିକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଛୁ। ଓକିଲ- ବିଶ୍ୱଜିତ୍ ପଟ୍ଟନାୟକ, ମୋ- ୯୪୩୮୦୮୦୦୨୩ ଧ-୩୪୩୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଏଠାରେ ଜଣାଇ ଦିଆଯାଉଛି ଯେ ଇନ୍ଦ୍ର ପ୍ରସାଦ ଅଗ୍ରୱାଲଙ୍କ ସପକ୍ଷରେ ମଣି ଧରୁଆଙ୍କ ଦ୍ୱାରା ସମ୍ପାଦିତ ଖାତା ନଂ. ୩୨୦ ପାଇଁ ମୂଳ ପଞ୍ଜୀକୃତ ସେଲ୍ ଡିଡ୍ ନଂ. ୪୬୫/୧୯୯୯ ତା.୦୬।୦୩।୧୯୯୯, ମୋ ଦ୍ୱାରା ତା.୧୮।୦୨।୨୦୨୬ ଦିନ ୧.୩୦ ସମୟରେ ହଜିଯାଇଛି। ମୋର ବାସସ୍ଥାନ: ପ୍ରଧାନପଡା, ପୋଷ୍ଟ- ବୁଢ଼ାରାଜା, ଜିଲ୍ଲା- ସମ୍ବଲପୁର, ପିନ୍- ୭୬୮୦୦୪ ରୁ ଖାତା ନଂ. ୪୩୩/୪୨୦, ପ୍ଲଟ୍ ନଂ. ୩୩୬୫/୪୩୭୪, ମୌଜା- ସମ୍ବଲପୁର ଟାଉନ, ୟୁନିଟ୍ ନଂ. ୧୨ (ରେମେଡ), ପି.ଏସ୍./ଜିଲ୍ଲା- ସମ୍ବଲପୁର, ପିନ୍- ୭୬୮୦୦୬ ସ୍ଥିତ ଅଫିସକୁ ଯିବା ବାଟରେ ହଜି ଯାଇଛି। ଯଦି କୌଣସି ବ୍ୟକ୍ତି ପାଆନ୍ତି, ମୋତେ ହସ୍ତାନ୍ତର କରିବାକୁ ଅନୁରୋଧ ଏବଂ ଅପବ୍ୟବହାର ନକରିବାକୁ ଅନୁରୋଧ କରୁଛି।
ସ୍ୱା./- ଆସିସ କୁମାର ପଟ୍ଟନାୟକ
(Advocate)
ମୋ- 9438086775
ଧ-୩୪୨୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

୨୬ ସେପ୍ଟେମ୍ବର, ୨୦୨୫ ତାରିଖରେ ନୋଟାରୀ, ଓଡ଼ିଶା ସରକାରଙ୍କ ସମ୍ମୁଖରେ ଶପଥ ଗ୍ରହଣ କରାଯାଇଥିବା ଏକ ଶପଥପତ୍ର ଅନୁଯାୟୀ ମୁଁ, ଭାରତ ଭୂଷଣ ପାଣିଗ୍ରାହି, ଠିକଣା ଆଟ୍/ପୋ- ଟିକାବାଲି, ଜିଲ୍ଲା- କନ୍ଧମାଳ, ପିନ୍- ୭୬୨୦୧୦, ଓଡ଼ିଶା ଘୋଷଣା କରୁଛି ଯେ, ମୁଁ ମୋ ପୁଅର ନାମ ଦେବଦତ୍ତ ପାଣିଗ୍ରାହିରୁ ଦେବ ପାଣିଗ୍ରାହିକୁ ପରିବର୍ତ୍ତନ କରିଛି। ବର୍ତ୍ତମାନଠାରୁ, ସେ ସମସ୍ତ ଉଦ୍ଦେଶ୍ୟରେ ଦେବ ପାଣିଗ୍ରାହି ଭାବରେ ପରିଚିତ ହେବେ।
ଭାରତ ଭୂଷଣ ପାଣିଗ୍ରାହି
ଧ-୩୪୩୦

By virtue of an affidavit No.- 178 sworn before The Executive Magistrate, Baripada, I, Sanghamitra Giri, W/o.- Late Padmolochan Giri, At- Bisoi, P.O.- Bisoi, P.S.- Bisoi, Dist.- Mayurbhanj, Odisha 757033 have changed my daughter's name from Mousumi Giri (Old name) to Suswati Giri (New name). Henceforth, she shall be known as Suswati Giri (New name) for all purpose. D-3432

By virtue of an affidavit sworn before (Executive Magistrate), Sonepur, dated 18.02.2026, I, Dharmendra Bagarty, At/P.O.- Khaliapali, P.S.- Lachhipur, Dist.- Subarnapur, Odisha-767017 declare that I have changed the name of my daughter SUNAM BAGARTY (Old name) to RESHMARANI BAGARTY (New name). Henceforth, she shall be known as RESHMARANI BAGARTY (New name) for all purposes.
Dharmendra Bagarty
D-3428

By virtue of an affidavit, I, Gitanjali Das, W/o.- Rabi Narayan Das of Penthakata, Bhudan Nagar, Puri declare that in Aadhaar card bearing No. xxxx xxxx 9271 my name has been recorded as Gita rani Das instead of Gitanjali Das. That Gitanjali Das and Gita rani Das is one and same person. Hence this declaration. D-3427

By virtue of an affidavit sworn before the Executive Magistrate, Balangir, dated- 13.02.2026, I, Manakanti Dharua, W/o. Tejaraj Dharua, R/o. Village- Kundapathar, P.O.- Sahajbahal, P.S.- Deogaon, Dist.- Balangir, PIN- 767024, Odisha declare that I have changed my name from Rashmita Dharua to Manakanti Dharua. Henceforth, I shall be known as Manakanti Dharua for all purposes.
Manakanti Dharua
D-3426

DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୦/୨୦୨୬ Bhubaneswar, Friday, February 20/ 2026

# ପୁଣି ବିପର୍ଯ୍ୟୟ ଘଟାଇଲା ଜିମ୍ବାୱେ


ମ୍ୟାଚ୍ ବିଜୟୀ ଇନିଂସ୍ ଅବସରରେ ସିକନ୍ଦର ରାଜା।

## ଶ୍ରୀଲଙ୍କାକୁ ହରାଇ ଗ୍ରୁପ୍ 'ବି'ରେ ଅପରାଜେୟ

**କଲମ୍ବୋ, ୧୯।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପରେ କ୍ରମାଗତ ଦ୍ୱିତୀୟ ବିପର୍ଯ୍ୟୟ ଘଟାଇଛି ଜିମ୍ବାୱେ। ଗତ ୧୩ ତାରିଖରେ ଅଷ୍ଟ୍ରେଲିଆକୁ ହରାଇ ବିଦାୟ ପଥ ଦେଖାଇଥିବା ଏହି ଆଫ୍ରିକୀୟ ଦଳ ଗୁରୁବାର ଘରୋଇ ଶ୍ରୀଲଙ୍କାକୁ ୬ ଉଇକେଟରେ ପରାସ୍ତ କରି ଗ୍ରୁପ୍ 'ବି'ରେ ଅପରାଜେୟ ରହିଛି। ଏହି ଗ୍ରୁପ୍‌ରେ ୪ ମ୍ୟାଚରୁ ୭ ପଏଣ୍ଟ ସହ ଜିମ୍ବାୱେ ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ଶ୍ରୀଲଙ୍କା ଗୋଟିଏ ପରାଜୟ ଯୋଗୁ ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛି। ପୂର୍ବରୁ ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବାକୁ ଯେଉଁମାନେ ବାଇଚାନ୍ସ କହୁଥିଲେ ସେମାନଙ୍କୁ ଜିମ୍ବାୱେ ଦୃଢ଼ ବାର୍ତ୍ତା ଦେଇଛି। ୨୦୨୪ରେ ଉଗାଣ୍ଡାଠାରୁ ହାରି ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିବା ଜିମ୍ବାୱେ ଏଥର ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କାପରି ଦଳକୁ ହରାଇ ନିଜ ଦକ୍ଷତା ପ୍ରତିପାଦନ କରିଛି। କୌଣସି ପରିସ୍ଥିତିରେ ହାଲ୍‌କାଭାବେ ନ ନେବାକୁ ସୁପର-୮ ପୂର୍ବରୁ ଅନ୍ୟ ଦଳ ଗୁଡ଼ିକୁ ସତର୍କ କରାଇଦେଇଛି। ଶ୍ରୀଲଙ୍କା ୨୦ ଓଭରରେ ୭ ଉଇକେଟ ହରାଇ ୧୭୮ ରନ କରିଥିଲେ ମଧ୍ୟ ଜିମ୍ବାୱେ ୧୯.୩ ଓଭରରେ ମାତ୍ର ୪ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ନେଇଛି। ଭଲ ବୋଲିଂ ସହ ଦ୍ରୁତ ୪୫ ରନ କରିଥିବା ଅଧିନାୟକ ସିକନ୍ଦର ରାଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଶ୍ରୀଲଙ୍କା ଓପନର ପଥୁମ ନିଶଙ୍କା( ୬୨ ରନ) ଓ ମିଡିଲ ଅର୍ଡରରେ ପଭନ ରତ୍ନୟେକେଙ୍କ ଦ୍ରୁତ ୪୪ ରନ ବଳରେ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଜିମ୍ବାୱେ ପକ୍ଷରୁ ବ୍ଲେସିଙ୍ଗ ମୁଜାରବାନି, ବ୍ରାଡ୍ ଇଭାନ୍ସ ଓ ଗ୍ରାମି କ୍ରିମର ୨ଟି ଲେଖାଏ ଓ ର୍‍ୟାନ ବୁର୍ଲ ଗୋଟିଏ ଉଇକେଟ ନେଇଥିଲେ। ୧୭୯ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଜିମ୍ବାୱେ ଓପନର ବ୍ରାଏନ ବେନେଟ ଓ ତାଡିୱାନାସେ ମାରୁମାନିଙ୍କ ଓପନିଂ ଯୋଡ଼ିରେ ୬୯ ରନ ଯୋଡ଼ି ଉପଯୁକ୍ତ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। ମାରୁମନି ୩୪ ରନକରି ଆଉଟ ହେବାପରେ ର୍‍ୟାନ ବୁର୍ଲ ୨୩ ଓ ସିକନ୍ଦର ରାଜା ୪୫ (୨୬ ବଲ, ୨ ଚୌକା, ୪ ଛକା) ରନ କରି ଦଳର ବିଜୟରେ ମୂଲ୍ୟବାନ ଯୋଗଦାନ ଦେଇଥିଲେ। ବ୍ରାଏନ ବେନେଟ ୪୮ ବଲ୍‌ରୁ ୬୩ (୮ ଚୌକା) ରନକରି ଅପରାଜିତ ରହିଥିଲେ। ୧୯ତମ ଓଭରରେ ଦୁଶାନ ହେମନ୍ତ ୨ଟି ଉଇକେଟ ନେଇ ଶ୍ରୀଲଙ୍କାପାଇଁ ଆଶା ଉଜ୍ଜୀବିତ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଶେଷ ୬ ବଲ୍‌ରୁ ୮ ରନ ଆବଶ୍ୟକ ହେଉଥିବାବେଳେ ବେନେଟ ଓ ଟୋନି ମୁନ୍ୟୋଙ୍ଗା ୧୧ ରନ ସଂଗ୍ରହ କରି ନେଇଥିଲେ। ଦଶୁନ ଶନକା ଓ ଦୁନିଥ ୱାଲାଗେ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୭୮/୭ (ପଥୁମ ନିଶଙ୍କା-୬୨, ପଭନ ରତ୍ନୟେକେ-୪୪ ବ୍ଲେସିଙ୍ଗ ମୁଜାରବାନି-୨/୩୮, ବ୍ରାଡ୍ ଇଭାନ୍ସ-୨/୩୫, ଗ୍ରାମି କ୍ରିମର-୨/୨୭, ର୍‍ୟାନ ବୁର୍ଲ-୧/୧୬)। ଜିମ୍ବାୱେ ୧୯.୩ ଓଭରରେ ୧୮୨/୪ (ବ୍ରାଏନ ବେନେଟ -୬୩, ସିକନ୍ଦର ରାଜା ୪୫, ତାଡିୱାନାସେ ମାରୁମାନି-୩୪, ଦୁଶାନ ହେମନ୍ତ-୨/୩୬, ଦଶୁନ ଶନକା-୧/୨୬, ଦୁନିଥ ୱାଲାଗେ-୧/୨୭)।

## ଟି୨୦ ବିଶ୍ୱକପ୍‌ରେ ୬ଟି ବଡ଼ ବିପର୍ଯ୍ୟୟ

| ବିଜେତା | ପରାଜିତ | ସଂସ୍କରଣ/ଭେନ୍ୟୁ | ବ୍ୟବଧାନ/ପଦ୍ଧତି | ପ୍ରମୁଖ ଖେଳାଳି |
|---|---|---|---|---|
| ଜିମ୍ବାୱେ | ଅଷ୍ଟ୍ରେଲିଆ | ୨୦୨୬/କଲମ୍ବୋ | ୨୩ ରନ | ବି.ମୁଜାରବାନି ୪/୧୭ |
| ୟୁଏସ୍‌ଏ | ପାକିସ୍ତାନ | ୨୦୨୪/ଡଲାସ | ସୁପର ଓଭର (୧୮ବନାମ୧୩) | ସୌରଭ ନେତ୍ରାଭାଲକର |
| ଆୟର୍ଲାଣ୍ଡ | ଇଂଲଣ୍ଡ | ୨୦୨୨/ମେଲବୋର୍ନ | ୫ରନ (ଡିଏଲ୍‌ଏସ୍) | ଲୋର୍କାନ ଟକର |
| ନାମ୍ବିୟା | ଶ୍ରୀଲଙ୍କା | ୨୦୨୨/ଜିଲଙ୍ଗ | ୫୫ରନରେ ବିଜୟ | ୪ବୋଲର/ପ୍ରତ୍ୟେକ ୨ଉଇକେଟ |
| ଆଫଗାନିସ୍ତାନ | ୱେଷ୍ଟଇଣ୍ଡିଜ | ୨୦୧୬/ଭାରତ | ୬ରନରେ ବିଜୟ | ନାଜିବୁଲା ଜାଦ୍ରାନ (୪୮(୪୦) |
| ନେଦରଲାଣ୍ଡ | ଇଂଲଣ୍ଡ | ୨୦୦୯/ଲର୍ଡ୍ସ | ଫାଇନାଲ ବଲ୍‌ରେ ବିଜୟ | ଟମ୍ ଡି' ଗ୍ରୁଥ୪୯ (୩୦) |

# ବିଜୟ ସହ ଆଫଗାନିସ୍ତାନ ଅଭିଯାନ ଶେଷ


ଇବ୍ରାହିମ ଜଦ୍ରାନ

**ଚେନ୍ନାଇ,୧୯।୨**

ଇବ୍ରାହିମ ଜଦ୍ରାନଙ୍କ ଅପରାଜିତ ୯୫ ଓ ମହମ୍ମଦ ନବିଙ୍କ ଯାଦୁଗରୀ ବୋଲିଂ ବଳରେ ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ର ଏକ ଲିଗ୍ ମ୍ୟାଚ୍‌ରେ ଆଫଗାନିସ୍ତାନ ୮୨ ରନରେ କାନାଡାକୁ ପରାସ୍ତ କରିଛି। ଏହି ବିଜୟ ସହ ଆଫଗାନିସ୍ତାନର ଅଭିଯାନ ଶେଷ ହୋଇଛି। ଏହି ମ୍ୟାଚ୍ ଜରିଆରେ କାନାଡାର ନବନୀତ ଧାଲିୱାଲ ଓ ରବିନ୍ଦ୍ରପାଲ ସିଂ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୦ ରନ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଆଫଗାନିସ୍ତାନ ପାଇଁ ସର୍ବାଧିକ ଦଳଗତ ସ୍କୋର। ଦଳ ପାଇଁ ଜଦ୍ରାନ ୫୬ ବଲରେ ସର୍ବାଧିକ ୯୫ (୭ ଚୌକା ଓ ୫ ଛକା) ରନ କରିଥିଲେ, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ଆଫଗାନିସ୍ତାନର ଖେଳାଳିଙ୍କ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଅନ୍ୟମାନଙ୍କ ମଧ୍ୟରେ ସେଦ୍ଦିକୁଲା ଅତଲ ୩୨ ବଲରେ ୪୪ (୨ ଲେଖାଏ ଚୌକା ଓ ଛକା) ଓ ରହମାନୁଲା ଗୁରବାଜ ୨୦ ବଲରେ ୩୦ (୫ ଚୌକା) ରନ କରିଥିଲେ। କାନାଡା ପାଇଁ ଯଶକରନ ସିଂ ୩ ଉଇକେଟ ନେଇଥିଲେ। ଜବାବରେ କାନାଡା ୨୦ ଓଭରରେ ୮ ଉଇକେଟ ହରାଇ ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ହର୍ଶ ଠାକର ୩୦ ଓ ସାଦ ବିନ ଜାଫର ୨୮ ରନ କରିଥିଲେ। ବିଜୟୀ ଦଳ ପାଇଁ ମହମ୍ମଦ ନବି ୪ ଓ ଅଧିନାୟକ ରଶିଦ ଖାନ ୨ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୨୦ ଓଭରରେ ୨୦୦/୪(ଇବ୍ରାହିମ ଜଦ୍ରାନ-୯୫*, ସେଦ୍ଦିକୁଲା ଅତଲ-୪୪, ଯଶକରନ ସିଂ-୩/୫୨)। କାନାଡା: ୨୦ ଓଭରରେ ୧୧୮/୮(ହର୍ଶ ଠାକର-୩୦, ସାଦ ବିନ ଜାଫର-୨୮, ମହମ୍ମଦ ନବି-୪/୭, ରଶିଦ ଖାନ-୨/୧୯)।

# ଗ୍ରୁପ୍ ପର୍ଯ୍ୟାୟରେ ୱେଷ୍ଟଇଣ୍ଡିଜ ଅପରାଜେୟ

**କୋଲକାତା, ୧୯।୨ (ପି.ଟି.)**

ଅଧିନାୟକ ଶାଇ ହୋପ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ବୋଲରମାନଙ୍କ ଶୃଙ୍ଖଳିତ ବୋଲିଂ ସହାୟତାରେ ୱେଷ୍ଟଇଣ୍ଡିଜ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଇଟାଲିକୁ ୪୨ ରନରେ ପରାସ୍ତ କରିଛି। ଦଳ ଗ୍ରୁପ୍ 'ସି'ରେ ଅପରାଜେୟ ରହି ଟୁର୍ନାମେଣ୍ଟର ସୁପର-୮କୁ ଉନ୍ନୀତ ହୋଇଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଦଳର ଆରମ୍ଭରେ ଅସ୍ଥିରତା ପରିଲକ୍ଷିତ ହୋଇଥିଲା। ଇଟାଲିର ଅଭିଜ୍ଞ ସ୍ପିନର ବେନ୍ ମାନେଣ୍ଟି (୨/୩୭) ଓ କ୍ରିଶାନ କାଲୁଗାମେଜ (୨/୨୫) ରନ ସଂଗ୍ରହରେ ଅଙ୍କୁଶ ଲଗାଇଥିଲେ। ତେବେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଶାଇ ହୋପ୍‌ଙ୍କ ଆକର୍ଷଣୀୟ ୭୫ରନ (୪୬ ବଲ୍, ୬ ଚୌକା ଓ ୪ ଛକା) ସହାୟତାରେ ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୬୫ ରନ କରିଥିଲା। ୧୬୬ରନର ବିଜୟ ଲକ୍ଷ୍ୟକୁ ପିଛା କରି ଇଟାଲି ୧୮ ଓଭରରେ ୧୨୩ ରନ କରି ଅଲଆଉଟ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ (୩/୧୯), ଶମର ଯୋଶେଫ (୪/୩୦) ଓ ଗୁଡାକେଶ ମୋତି (୨/୨୪) ଚମତ୍କାର ବୋଲିଂ କରି ଇଟାଲିର ବ୍ୟାଟିଂ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସୂଚନାଯୋଗ୍ୟ, ବ୍ୟାଟିଂକୁ ସୁହାଉଥିବା ଇଡେନଗାର୍ଡେନ୍ସଠାରେ ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୨୦୨ରନର ବିଜୟ ଲକ୍ଷ୍ୟର ପାଖାପାଖି ପହଞ୍ଚି ଯାଇପାରିଥିଲା ଇଟାଲି।

**ଟି୨୦ ବିଶ୍ୱକପ୍**
**(ଆଜିର ମ୍ୟାଚ୍)**
**ଅଷ୍ଟ୍ରେଲିଆ ବନାମ ଓମାନ**
**ସ୍ଥାନ: ପାଲିକେଲ**
**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର**

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୧୬୫/୬ (ଶାଇ ହୋପ୍-୭୫; କ୍ରିଶନ କାଲୁମାଗେ-୨/୨୫, ବେନ୍ ମାନେଣ୍ଟି-୨/୩୭)। ଇଟାଲି: ୧୮ ଓଭରରେ ୧୨୩/ ଅଲଆଉଟ (ବେନ୍ ମାନେଣ୍ଟି-୨୬, ଜେ.ଜେ. ସ୍ମଟ୍ସ-୨୪; ମାଥ୍ୟୁ ଫୋର୍ଡ-୩/୧୯, ଶାମର ଯୋଶେଫ୍-୪/୩୦)।


ଶଟ୍ ଖେଳୁଛନ୍ତି ଶାଇ ହୋପ୍।

# ଅଭିଷେକଙ୍କୁ ଗାଭାସ୍କରଙ୍କ ପରାମର୍ଶ

**ଅହମଦାବାଦ,୧୯।୨(ପି.ଟି.)**

ଚଳିତ ଟି୨୦ ବିଶ୍ୱକପ୍‌ରେ ସଂଘର୍ଷ କରୁଥିବା ବିସ୍ଫୋରକ ଭାରତୀୟ ଓପନର ଅଭିଷେକ ଶର୍ମାଙ୍କୁ ଭାରତର ବ୍ୟାଟିଂ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଏକ ପରାମର୍ଶ ଦେଇଛନ୍ତି। ଟି୨୦ କ୍ରିକେଟରେ ୱାର୍ଲ୍ଡ ନଂ-୧ ବ୍ୟାଟର ଅଭିଷେକ ଏପର୍ଯ୍ୟନ୍ତ ଖେଳିଥିବା ୩ ମ୍ୟାଚ୍‌ରେ ଖାତା ଖୋଲିପାରି ନାହାନ୍ତି। ଅଭିଷେକ ଜଣେ ଭଲ ଖେଳାଳି। କିନ୍ତୁ ଲୋକଙ୍କ ଆଶାର ବୋଝ ତାଙ୍କ ଉପରେ ପଡୁଥିବା ଅନୁଭବ ହେଉଛି। ଯଦି ତାଙ୍କୁ ଆମେରିକା ବିପକ୍ଷରେ ଭଲ ଆରମ୍ଭ ମିଳିଥାନ୍ତା, ତେବେ ବର୍ତ୍ତମାନ ପରିସ୍ଥିତି ଭିନ୍ନ ହୋଇଥାନ୍ତା। ମାତ୍ର ବର୍ତ୍ତମାନ ଭାରତର ଏହି ବିସ୍ଫୋରକ ବ୍ୟାଟରଙ୍କ ଉପରେ ଚାପ ପଡୁଥିବା ସ୍ପଷ୍ଟ ଜଣାପଡୁଛି। ତାଙ୍କ ପାଖରେ ବିବିଧତାପୂର୍ଣ୍ଣ କ୍ରିକେଟିଂ ଶଟ୍ ନ ଥିବାରୁ ତାଙ୍କୁ କ୍ରିଜ୍‌ରେ କିଛି ସମୟ ବିତାଇବା ଦରକାର। ସେ ଇନିଂସର ପ୍ରଥମ ବଲକୁ ଚୌକା କିମ୍ବା ଛକା ମାରିବାକୁ ଉଦ୍ୟମ କରିପାରିବେ ନାହିଁ। ଯଦି ବଡ଼ ଶଟ୍ ଲାଗୁଛି, ତେବେ ଠିକ ଅଛି। କିନ୍ତୁ ସେ ନିଜକୁ ଆକ୍ରସ ଲାଇନରେ ବଡ଼ ଶଟ୍ ଖେଳିବାକୁ ବାଧ କରିବା ଉଚିତ ନୁହେଁ। ତାଙ୍କୁ ପ୍ରଥମେ ଏକ ସିଙ୍ଗଲ ନେଇ ଖାତା ଖୋଲିବା ଦରକାର। ଏପରି କି ୩-୪ ଡଟ୍ ବଲ ଖେଳିଲେ ବି ଚଳିବ। ସେ ତାହାକୁ ପରେ ପୂରଣ କରିପାରିବେ। ତାଙ୍କୁ ଆରମ୍ଭରୁ ଚତୁରତାର ସହ ଖେଳିବା ଦରକାର। ପ୍ରଥମେ ଗୋଟେ କି ଦୁଇ ଓଭର ଦେଖି, ତା' ପରେ ନିଜ ନ୍ୟାଚୁରାଲ ଗେମ ଖେଳିପାରନ୍ତି ବୋଲି ଗାଭାସ୍କର ଷ୍ଟାରସ୍ପୋର୍ଟ୍ସରେ କହିଛନ୍ତି।




# ପାକିସ୍ତାନ ହକିରେ ସଙ୍କଟ: ପିଏଚ୍‌ଏଫ୍ ମୁଖ୍ୟଙ୍କ ଇସ୍ତଫା

**କରାଚୀ,୧୯।୨(ପି.ଟି.):** ପାକିସ୍ତାନ ହକିରେ ଦେଖାଦେଇଥିବା ସଙ୍କଟ ଗୁରୁବାର ଘନୀଭୂତ ହୋଇଛି। ଜାତୀୟ ଦଳର ଅଧିନାୟକ ଅମଦ ଶକିଲ ବଟଙ୍କ ସମାଲୋଚନା ପରେ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ସଭାପତି ତାରିକ ବୁଗତି ଇସ୍ତଫା ଦେଇଛନ୍ତି। ହେଲେ ଇସ୍ତଫା ଦେବା ପୂର୍ବରୁ ତାଙ୍କୁ ସମାଲୋଚନା କରିବା ଲାଗି ଅଧିନାୟକ ବଟଙ୍କୁ ୨ ବର୍ଷ ଲାଗି ବାସନ୍ଦ କରିଛନ୍ତି।



ମୁଁ ଫେଡେରେଶନ ମୁଖ୍ୟ ଦାୟିତ୍ୱରେ ଥିବା ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ଇସ୍ତଫା ପତ୍ର ପଠାଇଛି। କିନ୍ତୁ ମୁଁ ତାଙ୍କୁ ଓ ଫିଲ୍ଡ ମାର୍ଶଲ ଅସିମ ମୁନିରଙ୍କୁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ଲାଗି ଅଷ୍ଟ୍ରେଲିଆ ଟୁର ବେଳେ ଘଟିଥିବା ଘଟଣାର ନିରପେକ୍ଷ ତଦନ୍ତ ଲାଗି ଅନୁରୋଧ କରିଛି। ଇସ୍ତଫା ଦେବା ପୂର୍ବରୁ ସଭାପତି ଭାବେ ମୁଁ ଜାତୀୟ ଦଳର ଅଧିନାୟକ ଅମଦ ଶକିଲ ବଟଙ୍କୁ ଫେଡେରେଶନକୁ ବଦନାମ କରିବା ପାଇଁ ଘରୋଇ ଓ ଅନ୍ତର୍ଜାତୀୟ ହକିରୁ ୨ ବର୍ଷ ଲାଗି ବାସନ୍ଦ କରିଛି ବୋଲି ବୁଗତି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବଟ ବୁଧବାର ଅଷ୍ଟ୍ରେଲିଆ ଟୁରରୁ ପାକିସ୍ତାନରେ ପହଞ୍ଚିବା ପରେ ପିଏଚ୍‌ଏଫ୍ ମ୍ୟାନେଜମେଣ୍ଟକୁ କଡ଼ା ସମାଲୋଚନା କରିଥିଲେ। ଏପରିକି ଅଷ୍ଟ୍ରେଲିଆରେ ମ୍ୟାଚ୍ ଖେଳିବା ପୂର୍ବରୁ ଖେଳାଳିଙ୍କୁ କିଚେନ ଓ ବାସନ ସଫା କରିବାକୁ ପଡୁଥିବା କହିଥିଲେ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଏହି ଚରଣରେ ପାକିସ୍ତାନ ସମସ୍ତ ମ୍ୟାଚ୍‌ରେ ଘରୋଇ ଦଳ ଓ ଜର୍ମାନୀଠାରୁ ପରାସ୍ତ ହୋଇଥିଲା। ଏହାଛଡ଼ା ଗତ ଏକ ବର୍ଷ ହେଲା ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ ଓ ପିଏଚ୍‌ଏଫ୍‌ଠାରୁ ଖେଳାଳିଙ୍କୁ ଦୈନିକ ଭତ୍ତା ମିଳି ନ ଥିବା ଦାବି କରିଥିଲେ। ଅନ୍ୟପକ୍ଷରେ ଖେଳାଳିଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ଦଳର ମୁଖ୍ୟ କୋଚ୍ ତାହିର ଜମାନ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ